ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୬୪
୨୨ ଅକ୍ଟୋବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 164
22nd October, 2025 Wednesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଈଶା ବାସ୍ୟମିଦଁ ସର୍ବଂ ଯକ୍ରିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧମମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।



ଶ୍ରୀମନ୍ଦିର ସମ୍ମୁଖରେ ବଡ଼ବଡୁଆ ଡାକ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ଦୁର୍ନୀତି ରୋକିବାକୁ ଦରକାର ୭ଟି ୭୦ ଲକ୍ଷ ଟଙ୍କିଆ ଗାଡ଼ି

**ନୂଆଦିଲ୍ଲୀ,୨୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ନୀତି ଉପରେ ନଜର ରଖିବା ଓ ଏହାକୁ ରୋକିବା ପାଇଁ ତିଆରି ହୋଇଛି ଲୋକପାଳ। ବିଶେଷ କରି ସରକାରୀ ବିଭାଗରେ ଚାଲିଥିବା ଦୁର୍ନୀତି ଉପରେ ଲୋକପାଳଙ୍କ ନଜର ରହିଥାଏ। ଦୁର୍ନୀତି ନିରୋଧ ସଂସ୍ଥା ଭାବେ ଲୋକପାଳ ବେଶ ପରିଚିତ।



କିନ୍ତୁ ଦୁର୍ନୀତିକୁ ରୋକିବାକୁ ତିଆରି ହୋଇଥିବା ଏହି ସଂସ୍ଥାକୁ ଦରକାର ଦାମୀ ଗାଡି। ତା' ପୁଣି ଏମିତି ସେମିତି ଗାଡି ନୁହେଁ, ବରଂ ଲମ୍ବା ତଥା ଅତ୍ୟାଧୁନିକ ବିଏମଡବ୍ଲ୍ୟୁର ନୂଆ ମଡେଲ। ସେହିପରି ଗୋଟିଏ କି ଦୁଇଟି ନୁହେଁ, ବରଂ ୭ଟି ବିଏମଡବ୍ଲ୍ୟୁ ଲୋକପାଳଙ୍କୁ ଦରକାର। ଏହି ସଂସ୍ଥାର ଅଧ୍ୟକ୍ଷ ହେଉଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅଜୟ ମାନିକରାଓ ଖାନଓ୍ୱିଲକର। ଅଧ୍ୟକ୍ଷଙ୍କ ସମେତ ଲୋକପାଳରେ ଥିବା ସମସ୍ତ ୬ ସଦସ୍ୟଙ୍କୁ ବିଏମଡବ୍ଲ୍ୟୁ ଆବଶ୍ୟକ।

ଲୋକପାଳ ଯେଉଁ ଅତ୍ୟାଧୁନିକ ବିଏମଡବ୍ଲ୍ୟୁ ଆବଶ୍ୟକ କରୁଛନ୍ତି, ତା'ର ଦାମ ଶୁଣିଲେ ସମସ୍ତେ ଆଶ୍ଚର୍ଯ୍ୟ ହେବେ। କାରଣ ପ୍ରତିଟି ବିଏମଡବ୍ଲ୍ୟୁର ଦାମ ମାର୍କେଟରେ ଏବେ ୭୦ ଲକ୍ଷ ଟଙ୍କା ରହିଛି। ତେଣୁ ୭ଟି ବିଏମଡବ୍ଲ୍ୟୁ ପାଇଁ ଖର୍ଚ୍ଚ ହେବ ପ୍ରାୟ ୫ କୋଟି ଟଙ୍କା। ଏପରି ଦାମୀ ଗାଡି ପାଇଁ ଲୋକପାଳ ଟେଣ୍ଡର ଡାକିବା ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରିଛି।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କାର ନିର୍ମାଣକାରୀ କମ୍ପାନୀ ବିଏମଡବ୍ଲ୍ୟୁକୁ ଲୋକପାଳ ଡ୍ରାଇଭର ଓ କର୍ମଚାରୀମାନଙ୍କୁ ୭ ଦିନିଆ ଟ୍ରେନିଂ ଦେବାକୁ କୁହାଯାଇଛି। ଏହି ସମୟରେ କମ୍ପାନୀ ପକ୍ଷରୁ କାରର ବୈଦ୍ୟୁତିକ ବ୍ୟବସ୍ଥା ଓ କେମିତି ଏହାକୁ ବ୍ୟବହାର କରାଯିବ, ସେସବୁର ତାଲିମ ଦିଆଯିବ।

ଅକ୍ଟୋବର ୧୬ରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ଭାରତର ଲୋକପାଳ ପ୍ରଖ୍ୟାତ ଏଜେନ୍ସିଗୁଡିକଠାରୁ ୭ଟି ବିଏମଡବ୍ଲ୍ୟୁ ୩ ସିରିଜର ଲି କାର ପାଇଁ ଟେଣ୍ଡରକୁ ନିମନ୍ତ୍ରଣ କରୁଛନ୍ତି। ଏହି କାରଗୁଡିକ ଭାରତର ଲୋକପାଳ ବ୍ୟବହାର କରିବେ। ଟେଣ୍ଡର ନୋଟିସ ଅନୁସାରେ ଏହି ପ୍ରସ୍ତାବ ୯୦ ଦିନ ଯାଏ ବୈଧ ରହିବ। ତେବେ ଲୋକପାଳ ଭଳି ସଂସ୍ଥା ନିଜ ପାଇଁ ଦାମୀ କାର ମାଗିବା ସମସ୍ତଙ୍କୁ ଚକିତ (ଶେଷ ପୃଷ୍ଠା ଦେଖନ୍ତୁ)

## ପିଲାଙ୍କ ସହ ସାମାନ୍ୟ ଅଶ୍ଳୀଳ ଆଚରଣ ମଧ୍ୟ ଦୁଷ୍କର୍ମ ଶ୍ରେଣୀଭୁକ୍ତ



**ନାଗପୁର,୨୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ କହିଛନ୍ତି ଯେ ଯଦି କେହି ପିଲାଙ୍କ ସହିତ ସାମାନ୍ୟ ଅଶ୍ଳୀଳ ଆଚରଣ କରନ୍ତି ତେବେ ଏହାକୁ ଦୁଷ୍କର୍ମ ଶ୍ରେଣୀରେ ରଖାଯିବା ଦରକାର। ୩୮ ବର୍ଷ ବୟସ୍କ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ ସେ ୫ ଓ ୬ ବର୍ଷର ବାଳିକାମାନଙ୍କ ସହିତ ଅଭଦ୍ର ଆଚରଣ କରିଥିଲା। ଏଣୁ ଏହା ପକସୋ ମାମଲା ଅଟେ। କୋର୍ଟ ଅଭିଯୁକ୍ତର ୧୦ବର୍ଷ ଜେଲଦଣ୍ଡାଦେଶକୁ ମଧ୍ୟ କାୟମ ରଖିଛନ୍ତି।

ଅଭିଯୁକ୍ତ ପେଷାରେ ଜଣେ ଡ୍ରାଇଭର ଓ ସେ ୱର୍ଦ୍ଧା ଜିଲ୍ଲାର ହିଙ୍ଗଘାଟ ବାସିନ୍ଦା। ନାଗପୁର ବେଞ୍ଚଙ୍କ ବିଚାରପତି ଜଷ୍ଟିସ୍ ନିବେଦିତା ମେହେଟ୍ଟା ମାମଲାରେ ରାୟ ଘୋଷଣା କରି କହିଛନ୍ତି ଯେ ପୀଡ଼ିତାଙ୍କ ସହିତ କୌଣସି ପ୍ରକାରର ଅଶ୍ଳୀଳ ଆଚରଣ ତାଙ୍କୁ ଛୁଇଁବା ବା ତାଙ୍କ ସହ ବଳ ପ୍ରୟୋଗ କରିବାକୁ ଉଦ୍ୟମ କରିବା ମାମଲା ଦୁଷ୍କର୍ମ ଶ୍ରେଣୀର ହୋଇଯାଏ। ସୂଚନା ଅନୁସାରେ ଅଭିଯୁକ୍ତ ନାବାଳିକାଙ୍କୁ ପିଜୁଳି ଲୋଭ ଦେଖାଇ ପାଖକୁ ଡାକିଥିଲା ଓ ସେମାନଙ୍କୁ ଅଶ୍ଳୀଳ ଭିଡିଓ ଦେଖାଇଥିଲା। ଅଭିଯୁକ୍ତ ସେମାନଙ୍କୁ ଯୌନ ଉତ୍ପୀଡ଼ନ କରିବାକୁ ଉଦ୍ୟମ କରିଥିଲା।

ଅଭିଯୁକ୍ତ ବିରୋଧରେ ପକସୋ ଆକ୍ଟ ଓ ଆଇପିସିର ଧାରା ୩୭୬ (୨)(ଆଇ) ଓ ୫୧୧ରେ ମକଦ୍ଦମା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ନିମ୍ନ କୋର୍ଟ ୫୦ ହଜାର ଟଙ୍କା ଜରିମନା ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଜଷ୍ଟିସ୍ ମେହେଟ୍ଟା କହିଛନ୍ତି ଯେ ପୀଡ଼ିତା ଓ ସେମାନଙ୍କ ମାଙ୍କ ବୟାନ ଓ ଫରେନସିସ ପ୍ରମାଣରୁ ଏହା ଜଣାପଡୁଛି ଯେ ସେମାନଙ୍କ ପ୍ରତି ଯୌନ ନିର୍ଯାତନା ଉଦ୍ୟମ ହୋଇଥିଲା। ଘଟଣାର ୧୫ ଦିନ ପରେ ଡାକ୍ତରୀ ପରୀକ୍ଷଣ କରାଯିବା କାରଣରୁ ପୀଡ଼ିତାଙ୍କ ପ୍ରାଇଭେଟ ପାର୍ଟରେ ଆଘାତ ଚିହ୍ନ ଦେଖାଯାଇ ନାହିଁ। ଏହା ଅର୍ଥ ନୁହେଁ ଯେ ଅଭିଯୁକ୍ତ ଯୌନ ଉତ୍ପୀଡ଼ନ କରିନାହିଁ। ଏଥିରେ ଅଭିଯୁକ୍ତ ତା ଆବେଦନରେ ଉଲ୍ଲେଖ କରିଥିଲା ଯେ ପୀଡ଼ିତାଙ୍କ ପରିବାର ସହ ପୁରୁଣା ଶତ୍ରୁତା ଯୋଗୁ ତା ବିରୋଧରେ ଏଭଳି ଅଭିଯୋଗ ଅଣାଯାଇଛି।

ଜଷ୍ଟିସ୍ ମେହେଟ୍ଟା କହିଛନ୍ତି ଯେ ଘଟଣା କାଳରେ ପକସୋ ଆଇନରେ ଥିବା ପ୍ରାବଧାନ ଅନୁସାରେ ଅଭିଯୁକ୍ତ ବିରୋଧରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଦକ୍ଷିଣ କାଳୀଙ୍କ ପୀଠରେ କରେଣ୍ଟ ଲାଗି ୨ ମୃତ

**ସାକ୍ଷୀଗୋପାଳ,୨୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁରସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମା ଦକ୍ଷିଣକାଳୀଙ୍କ ପୂଜା ସମୟରେ ବିଦ୍ୟୁତ୍ ଆଘାତରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନଙ୍କର ପରିଚୟ ମିଳିପାରି ନାହିଁ।

ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ବ୍ୟକ୍ତି ବୋଧହୁଏ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସୂଚନା ପାଇ ଉପସ୍ଥିତ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ଓ ଭକ୍ତମାନେ ଉଭୟ ଆହତଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ କାଳୀପୂଜା ନିମନ୍ତେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତ ଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସାକ୍ଷୀଗୋପାଳ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ସତ୍ୟବାଦୀ ପୁଲିସ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ଫୋରେନସିକ ଟିମ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡିଏନ୍ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି। ସତ୍ୟବାଦୀ ଥାନାରେ ୨୬/୨୦୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ ହୋଇଛି। ମୃତକ ଦ୍ୱୟଙ୍କ (ଶେଷ ପୃଷ୍ଠା ଦେଖନ୍ତୁ)

## ପଛକୁ ପଛ ଆସୁଛି ୩ ଲଘୁଚାପ: ସରକାର ପ୍ରସ୍ତୁତ

**ଭୁବନେଶ୍ୱର,୨୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ପଛକୁ ପଛ ଆସୁଛି ତିନୋଟି ଲଘୁଚାପ। ଗୋଟିଏ ଲଘୁଚାପ ସୃଷ୍ଟି ହୋଇସାରିଥିବା ବେଳେ ଆଉ ଦୁଇଟି ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ଶରତ ସାହୁ। ମଙ୍ଗଳବାର ଗୋଟିଏ ଲଘୁଚାପ ସୃଷ୍ଟି ହୋଇସାରିଛି। ଏହା ୨୨ ତାରିଖ କିମ୍ବା ୨୩ ତାରିଖ ରାତି ବେଳକୁ ତାମିଲନାଡୁ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ। ଏହା ପ୍ରଭାବରେ ଓଡ଼ିଶାରେ ଅଳ୍ପ ବହୁତ ବର୍ଷା ହୋଇପାରେ। ସ୍ୱଳ୍ପରୁ ଓ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅଳ୍ପ କିଛି ସ୍ଥାନରେ ଆସନ୍ତା ୨୪ରୁ ୨୬ ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ସେହିଭଳି ଆସନ୍ତା ୨୬ କିମ୍ବା ୨୭ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପର ଆକଳନ କରିଛନ୍ତି ଶ୍ରୀ ସାହୁ। ସେହିଭଳି ଆସନ୍ତା ୨୯ କିମ୍ବା ୩୦ ତାରିଖ ବେଳକୁ ତୃତୀୟ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ସିଷ୍ଟମ ସେହିଠାରେ ସୃଷ୍ଟି ହେବାକୁ ଯାଉଛି ଯେଉଁଠାରେ ୧୯୯୯ ଏବଂ ୨୦୧୩ ସିଷ୍ଟମ ସୃଷ୍ଟି ହୋଇଥିଲା। ଯଦି ଏହା ଭାରତର କୌଣସି ସ୍ଥାନରେ ହିଟ୍ କରେ ତେବେ ନଭେମ୍ବର ପ୍ରଥମ ସପ୍ତାହ ହୋଇଯିବ।

ତେବେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଲଘୁଚାପ ବେଶୀ ଘନୀଭୂତ ହୋଇନପାରେ। ଏପର୍ଯ୍ୟନ୍ତ ବାତ୍ୟା ନେଇ କୌଣସି ସମ୍ଭାବନା ନଥିବା ଶରତ ସାହୁ କହିଛନ୍ତି। ତଥାପି ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ହେବା ନେଇ ଆକଳନ କରିଛନ୍ତି। ତେବେ ପ୍ରଥମ ଲଘୁଚାପଟିର ପ୍ରଭାବ ବେଶୀ ପଡିନପାରେ। କିନ୍ତୁ ଦ୍ୱିତୀୟଟିର ପ୍ରଭାବ ବେଶୀ ରହିବ ବୋଲି ସେ ଆକଳନ କରିଛନ୍ତି। ତେବେ ଏହି ଲଘୁଚାପ ନେଇ ଭାରତୀୟ (ଶେଷ ପୃଷ୍ଠା ଦେଖନ୍ତୁ)

## ରୋଗ ଶଯ୍ୟାରେ ଲମ୍ବୋଦର ଚିନ୍ତାରେ ପରିବାର

**ରାଜନଗର,୨୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ରୋଗଗ୍ରସ୍ତ ହୋଇପଡିଲେ ପରିବାର ଲୋକ ଚିନ୍ତାରେ ପଡିଯାଆନ୍ତି। କିପରି ଚିକିତ୍ସିତ ହେବେ ଓ କିପରି ପରିବାର ମୁହଁରେ ଦାନା ମୁଠାଏ ଦେବେ ଏହି ଚିନ୍ତା ଘାରିଛି ଲମ୍ବୋଦରଙ୍କୁ। ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଚାଂୟତ ଝାରପଡା ଗ୍ରାମର ଲମ୍ବୋଦର ନାୟକ। ଜମିବାଡି ନଥିବାରୁ ବାହାରେ ଦାଦନ ଖଟି ପରିବାର ପ୍ରତିପୋଷଣ କରି ଆସୁଥିଲେ। ପରିବାର କହିଲେ ସ୍ତ୍ରୀ ଓ ତିନି ନାବାଳିକା ଝିଅ। ସେ ବାଙ୍ଗାଲୋରରେ ଥିବା ବେଳେ ହୃଦଘାତର ଶିକାର ହୋଇଥିଲେ। ଅର୍ଥ ଅଭାବରୁ ଚିକିତ୍ସା ହୋଇନପାରି ଘରକୁ ଚାଲି ଆସିଥିଲେ। ପୁନର୍ବାର ହୃଦଘାତ ହେବାରୁ ସେ ଏବେ ଭୁବନେଶ୍ୱରର ଚିକିତ୍ସିତ ହେଉଛନ୍ତି। ପରିବାରର ଆର୍ଥିକ ଦୂରାବସ୍ଥା ପାଇଁ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତି ଏହି ଅଭାବୀ ପରିବାରକୁ ସହାୟତାର ହାତ ବଢାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲାରେ ବେହାଲ ହେଉଛି ବିଜେଡିର ସ୍ଥିତି

**କେନ୍ଦ୍ରାପଡ଼ା,୨୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କଥାରେ ଅଛି ଆପଣା କଲା କର୍ମମାନ ବେଳୁ ହୋଇବ ସାବଧାନ ! ହେଲେ ସେହି ସାବଧାନତା ଅଭାବରୁ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ରାଜନୀତି ଓ ଶାସନକୁ ନିଜ ଅକ୍ତିଆର ରଖିଥିବା ବିଜେଡ଼ି କ୍ଷମତାରୁ ଯିବାର ଦେଢ ବର୍ଷ ନହେଉଣୁ ରାଜ୍ୟରେ ବିଜେଡ଼ିର ସ୍ଥିତି ଦୋହଲି ଯାଇଛି। ଦଳର ନେତା ହୁଅନ୍ତୁ କି ସାଧାରଣ କର୍ମୀ ହୁଅନ୍ତୁ ବିଜେଡ଼ିରେ ନିଜ ନିଜର ରାଜନୈତିକ ଭବିଷ୍ୟତକୁ ନେଇ ଆଶଙ୍କା ବ୍ୟକ୍ତ କରୁଛନ୍ତି । ଫଳରେ ଦଳ ଭିତରେ ବୟାନବାଜୀ କାଦୁଅ ଫିଙ୍ଗା ଜାରି ରହିଛି । ଅନିଶ୍ଚିତତା ଭିତରେ ଆଉ ଅଧିକ କାଳ ରହିବାକୁ ଉଚିତ ନମଣି ଅନେକ ଦଳ ଛାଡ଼ି ଶାସକ ବିଜେପି ମୁହାଁ ହେଉଛନ୍ତି ।

ଏକଦା ବିଜେଡ଼ି ଟିକେଟ୍ ପାଇଁ ନେତାଏ ବ୍ୟାକୁଳ ହେଉଥିଲେ । ଏପରିକି କେତେକ ଯଦି ଶେଷ ମୁହୂର୍ତ୍ତରେ କୌଣସିମତେ ବିଜେଡ଼ି ଟିକେଟ୍ ମିଳିଯାଉଥିଲା ଅନ୍ୟଦଳର ଟିକେଟ୍ କୁ ପ୍ରତ୍ୟାଖାନ କରି ଦେଉଥିଲେ । କିନ୍ତୁ ସେ ସମୟ ଆଉ ନାହିଁ । ଜୟ ଢୋଲକିଆଙ୍କ ଭଳି ନେତା ବିଜେଡ଼ି ଟିକେଟ୍‌କୁ ପ୍ରତ୍ୟାଖାନ କରି ବିଜେପି ଟିକେଟ୍ ରେ ନୂଆପଡ଼ାରେ ଭୋଟ ଲଢୁଥିବା ରାଜ୍ୟବାସୀ ଦେଖୁଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜେଡ଼ିର ସ୍ଥିତି କ୍ରମେ ଅଧିକ ବେହାଲ ହେବାରେ ଲାଗିଛି । ଏଥିପାଇଁ ବିଜେଡ଼ି ନେତାମାନେ ହିଁ ଦାୟୀ ବୋଲି ରାଜନୀତି ତଥ୍ୟାଭିଜ୍ଞ ମହଲରେ ମହଲରେ ମତପ୍ରକାଶ ପାଇଛି ।

ଅନେକଙ୍କ କହିବା କଥା ହେଲାଯେ, ବିଜେଡ଼ି ଗତ ୨୪ବର୍ଷର ଶାସନରେ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ସେମିତି କିଛି କରିନାହିଁ ଯେ ଲୋକେ ବିଜେଡ଼ିକୁ ମନେ ରଖିବେ । ଜିଲ୍ଲାରୁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଥାଇ ମଧ୍ୟ ଜିଲ୍ଲାବାସୀଙ୍କ ପ୍ରମୁଖ ଦାବି ମଧ୍ୟରେ ଜିଲ୍ଲାରେ ମେଡ଼ିକାଲ କଲେଜ କିମ୍ବା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଏବଂ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବା ସ୍ୱପ୍ନ ହୋଇ ରହିଗଲା । ସେହିପରି ଶିଳ୍ପମନ୍ତ୍ରୀ ଥାଇ ବି ଛୁଂଚି କାରଖାନାଟିଏ ହୋଇ ପାରିଲା ନାହିଁ । ଜଳ ପରିଚାଳନା ଓ କୃଷିର ବିକାଶ ୨୪ବର୍ଷ ମଧ୍ୟରେ ସରକାରଙ୍କ ଏଜେଣ୍ଡାରେ ସ୍ଥାନ ପାଇ ପାରିଲା ନାହିଁ । ପର୍ଯ୍ୟଟନର ବିକାଶ କେବଳ ପର୍ଯ୍ୟଟନ ସ୍ଥଳୀ ଘୋଷଣା ସହ କିଛି ଟୋକନ ମନି ପ୍ରଦାନରେ ଅଟକିଗଲା । ଯେଉଁ ରାସ୍ତାଘାଟର ବିକାଶ କଥା ଦଳ ଡ଼ିଣ୍ଡିମ ପିଟୁଥିଲା ସେହି (ଶେଷ ପୃଷ୍ଠା ଦେଖନ୍ତୁ)

## ସ୍କାଏ ଲାଇଟ ଭାଙ୍ଗି ଥାନାରୁ ଚୋର ଚମ୍ପଟ

**କଟକ,୨୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍କାଏଲାଇଟ ଭାଂଗି କୁଖ୍ୟାତ ଚୋର ଚମ୍ପଟ ମାରିଛି। ଏହି ଘଟଣା ଘଟିଛି କମିଶନରେଟ ପୋଲିସର ଜଗତପୁର ଥାନା ଅଧିକାରୀଙ୍କ କୋଠରୀ ଭିତରୁ। ଦିନ ଦ୍ୱିପ୍ରହରରେ ଚାରି ଚାରିଜଣ ପୋଲିସ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଚୋର ଫେରାର ହୋଇଯାଇଛି। ଅଭିଯୁକ୍ତ ନାଁରେ ୫ ରୁ ଅଧିକ ମାମଲା ରହିଛି। ପୂର୍ବରୁ ଅଭିଯୁକ୍ତ ଦୁଇ ଦୁଇଥର ଜେଲ ମଧ୍ୟ ଯାଇଛି। ଜାମିନ ପାଇବା ପରେ ସେ ପୁଣି ଅପରାଧରେ ଲିପ୍ତ ରହିଥିଲା।

ସୂଚନା ମୁତାବକ, ଜଗତପୁର ଅଂଚଳର ଏକ ବଡ଼ ଧରଣର ଚୋରି ଘଟଣାରେ ତାହାର ସଂପୃକ୍ତି ରହିଥିବା ସନ୍ଦେହ କରି ପୋଲିସ ତାକୁ ଉଠାଇ ଆଣିଥିଲା। ପଚରା ଉଚରା କରିବା ସହ ମାମଲାର ତଦନ୍ତକାରୀ ଅଧିକାରୀଙ୍କ କୋଠରୀରେ ତାକୁ ରଖା ଯାଇଥିଲା। ୪ ଜଣ କର୍ମଚାରୀ ତାକୁ ଜଗି ରହିଥିଲେ। ୨ ଜଣ ପୋଲିସ କର୍ମଚାରୀ ଖାଇବାକୁ ଯାଇଥିବା ବେଳେ ଅନ୍ୟ ୨ ଜଣ ତାକୁ କୋଠରୀ ବାହାରେ ଜଗି ରହିଥିଲେ। ହେଲେ ଅଭିଯୁକ୍ତ ଭିତରପଟୁ କବାଟ ଦେଇ ସ୍କାଏଲାଇଟ ଭାଂଗି ଛୁ ମାରିଥିଲା। ଥାନାରୁ ଜଣେ କୁଖ୍ୟାତ ଚୋର ଚମ୍ପଟ ମାରିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଏ ନେଇ ଥାନା ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ମାନିଲେନି କଟକଣା: ରାତି ୯ଟା ପରେ ବି ଫୁଟିଲା

**ଭୁବନେଶ୍ୱର,୨୧।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ମାନିଲେନି ବାଣଫୁଟା କଟକଣା। ପ୍ରଶାସନର ଦୁଇଘଣ୍ଟା ନିୟମକୁ ଫୁ କରିଦେଲେ ଲୋକେ। ଭୁବନେଶ୍ୱରରେ ରାତି ୯ଟା ପରେ ବି ଫୁଟିଲା ଢୋ ଢା। ଧୂଆଁମୟ ହୋଇଛି ରାତିର ରାଜଧାନୀ ଆକାଶ। ଦୀପାବଳି ଅବସରରେ ବାଣଫୁଟାଇବା ପାଇଁ ସାରା ରାଜ୍ୟରେ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ କମିଶନରେଟ ପକ୍ଷରୁ ଘୋଷଣା କରାଯାଇଥିଲା। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ବାଣ ଫୁଟାଇବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼। ଏହି ନିୟମକୁ ସାରା ରାଜ୍ୟରେ ଲାଗୁ କରିବାକୁ ପ୍ରଶାସନକୁ ଦିଆଯାଇଥିଲା ନିର୍ଦ୍ଦେଶ। କିନ୍ତୁ ସୋମବାର ଦୀପାବଳି ଉତ୍ସବ ପାଳନ ବେଳେ ଲୋକେ ଏହି ନିୟମକୁ ମାନିନାହାଁନ୍ତି। ଖୋଦ ରାଜଧାନୀ ଭୁବନେଶ୍ୱରରେ ଅତ୍ୟାଧିକ ବାଣ ଫୁଟା ଯୋଗୁ ପ୍ରଦୂଷଣ ମାତ୍ରା ବଢିଯାଇଛି। ଏପରିକି ରାତିରେ ଅତିମାତ୍ରାରେ ବାଣ ଧୂଆଁ ଯୋଗୁ ସୃଷ୍ଟି କରିଛି କୁହୁଡ଼ିର ଭ୍ରମ।

ଦୀପାବଳିରେ ବାଣ ଫୁଟାଇବା ସମୟରେ ସାରା ରାଜ୍ୟରେ ଅଘଟଣ ଘଟିଛି। ରାଜଧାନୀ ଭୁବନେଶ୍ୱରରେ ୬୨ରୁ ଅଧିକ ଆହତ ହୋଇଥିବା ବେଳେ କଟକ ସହରରେ ୪୦ରୁ ଅଧିକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଅନେକ ଆହତଙ୍କୁ କଟକ ବଡ଼ ମେଡିକାଲ, ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ସମେତ ଅନ୍ୟାନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେତେକ ଆହତଙ୍କ ଅବସ୍ଥା ଗୁରୁତର ହୋଇଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଯାଇଛି । କେନ୍ଦ୍ରାପଡ଼ା ମାର୍ଶାଘାଇ ଅଞ୍ଚଳର ଜଣେ ଯୁବକ ବାଣ ଫୁଟାଇବା ବେଳେ ତାଙ୍କ ହାତ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚଳିତ ବର୍ଷ କଟକରେ ବାଣ ଯୋଗୁଁ ପ୍ରଦୂଷଣ ଅଧିକ ହୋଇଛି । ଆଗରୁ ଏଭଳି ବାୟୁ ପ୍ରଦୂଷଣ କେବେ ଏମିତି ହୋଇ ନଥିଲା।



ଅନ୍ୟପକ୍ଷରେ ଗତକାଲି ଠାରୁ ଭୁବନେଶ୍ୱର, କଟକ ସମେତ ରାଜ୍ୟ ବିଭିନ୍ନ ସ୍ଥାନ, ସହର ଏବଂ ଗାଁରେ ବାଣ ଫୁଟା ଚାଲିଥିବା ବେଳେ ବାଣ ଫୁଟା ପରେ ଆଜି ସକାଳେ ଦେଖାଦେଇଛି ଅଭାବନୀୟ ପରିସ୍ଥିତି। ଯେଉଁଠି ଲୋକେ ବାଣ ଫୁଟା ପରେ ନିଜ ଦାୟିତ୍ୱ ଭୁଲିଯାଇଛନ୍ତି। ଯଦିଓ ସହରର ବଡ ବଡ ଛକ କିମ୍ବା ଭିଆଇପି ରାସ୍ତାରେ ସକାଳେ ସକାଳେ ସଫେଇ କର୍ମଚାରୀ ପଡିଥିବା ବାଣର ଅବଶେଷ ସଫାକରି ନେଇଛନ୍ତି। ମାତ୍ର ରାଜଧାନୀର ଅନେକ ସ୍ଥାନରେ, ଗଳି କନ୍ଦିରେ ବାଣର ଆବର୍ଜନା ପଡିଛି। ରାସ୍ତା ସାରା ବାଣ ଫୁଟିବା ପରେ କାଗଜ, ଜରି, ଝରଝରି ଖୋଳପା ପଡିଛି ଯାହାକୁ ନା ସଫେଇ କର୍ମଚାରୀ ନା ଯେଉଁମାନେ ଫୁଟାଇଥିଲେ ସେମାନେ ସଫା କରିଥିଲେ। ରାତିରେ ମଜା କଲେ, ସକାଳେ ଭୁଲିଗଲେ। ଏହା ହେଉଛି କିଛି ଲୋକଙ୍କର ଏବଂ ଅମାନିଆଙ୍କର ମାନସିକତା।

ସେପଟେ ଯଦି ଏହି ବାଣର ଆବର୍ଜନାକୁ କେହି ସଫା କରୁଛି ତେବେ ସିଏ ସହରଠୁ ଦୂରରେ ଥିବା କେଉଁ ଅଳିଆ ଗଦାରେ ପକାଇ ଦେଇ ତାର ଦାୟିତ୍ୱ ସାରିଦେଉଛି। ସ୍ୱଚ୍ଛତା ପାଇଁ ଗଳିକନ୍ଦିର ବାଣ ଆବର୍ଜନା ସଫା କରି ଅଳିଆ ଗଦାରେ ପକାଇବା ଦ୍ୱାରା ଏହା ପଶୁଙ୍କ ପାଇଁ ବିପଦକୁ ଡାକି ଆଣୁଛି। ଅଳିଆ ଗଦାରେ ଗାଈ, ଗୋରୁ, ଷଣ୍ଢ, କୁକୁର ଆଦି ସବୁ ଖାଦ୍ୟ ଅଣ୍ଡାଳୁଥିବା ବେଳେ କିଛି ଅଫୁଟା ବାଣ ବି ସେମାନଙ୍କ ପାଟିରେ ଫାଟି ଯାଉଛି। ୩ ଦିନ ତଳେ ଏକ ଷଣ୍ଢର ଏମିତି ଅବସ୍ଥା ପରେ ସମସ୍ତଙ୍କୁ ଅନୁରୋଧ ବାଣ ଅଳିଆକୁ ଏମିତି ଏକ ସ୍ଥାନରେ ନେଇ ଫିଙ୍ଗନ୍ତୁ ଯେମିତି କି ଏହା ପଶୁଙ୍କ ପାଇଁ କାଳ ନହେବ। ବାଣ ଫୁଟାଇବା ପରେ ଅନ୍ୟ ଉପରେ ନିର୍ଭର ନକରି ନିଜ ଦାୟିତ୍ୱ ନିଜେ ତୁଲାନ୍ତୁ କାରଣ ବାଣ ଫୁଟାଇ ଆପଣ ଖୁସି କରୁଛନ୍ତି ମାନେ ଖୁସି ପରର ସ୍ୱଚ୍ଛତା ବି ଆପଣଙ୍କ ଦାୟିତ୍ୱ ହେବା ଦରକାର।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଅକ୍ଟୋବର ୨୦୨୫ । ବୁଧବାର




## ଯାତ୍ରୀବାହୀ ବସ ସହିତ ବାଇକ ଧକ୍କା, ଜଣେ ମୃତ

**ଠାକୁରମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଅଖାପଲାଣ ଛକ ନିକଟରେ ଯାତ୍ରୀବାହୀ ବସ୍ ସହ ବାଇକ୍ ଧକ୍କା ଦୁଇ ଗୁରୁତର। କରଞ୍ଜିଆରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଶିବା ନାମକ ଯାତ୍ରୀବାହୀ ବସ ନଂ ଓଡି ୧୧ ଏମ ୯୮୨୧ ସୋମବାର ପ୍ରାୟ ୧୨ଟା ସମୟରେ ବାଇକ ସହିତ ଧକ୍କା ହୋଇ ଯିବାରୁ ୨ ଜଣ ବାଇକ ଆରୋହି ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ଯିବା ରାସ୍ତାରେ ଗୁରୁଚରଣ ମାହାଲିର ମୃତ୍ୟୁ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ କରଞ୍ଜିଆରୁ ଯାତ୍ରୀ ନେଇ ବସ ଭୁବନେଶ୍ୱର ଯାଉଥିବା ବେଳେ ଅଖାପଲାଣ ଛକରେ ଦୁର୍ଘଟଣା ଘଟିଥିଲା। ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅସନକୁଦର ଗ୍ରାମର ଗୁରୁଚରଣ ମାହାଲି (୨୫) ଓ ଫାଗୁ ମାହାଲି ଗ୍ରାମରୁ ବାଇକ ଯୋଗେ ୨ ଜଣ କେନ୍ଦୁଜିଆଣି ହାଟକୁ ଘୁଷୁରୀ ମାଂସ ବିକ୍ରି କରିବାକୁ ଯାଉଥିଲେ। ଅଖାପଲଣ ଛକରୁ ମୁଖ୍ୟ ରାସ୍ତାକୁ ବାଇକ ଯିବା ବେଳେ କରଞ୍ଜିଆରୁ ଆସୁଥିବା ଶିବା ବସ ସମ୍ମୁଖରେ ବାଇକ ଆସି ଧକ୍କା ହୋଇ ଥିଲା। ଫଳରେ ବାଇକଟି ବସ ଚକରେ ଲାଗି ଯିବା ବେଳେ ବାଇକ ଆରୋହି ଦୁଇ ଜଣ ଛିଟିକି ପଡ଼ିଥିଲେ। ବସ ଡ୍ରାଇଭର ବାଇକ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଅଖାପଲାଣ ଛକର ରାସ୍ତା କଡରେ ଥିବା ଏକ ଜଳଖିଆ ଦୋକାନରେ ଯାଇ ଧକ୍କା ଦେଇଥିଲା। ଜଳଖିଆ ଦୋକାନ ପାଖରେ ଥିବା ଗ୍ରାହକମାନେ ଦୌଡ଼ି ପଳାଇ ଯାଇ ଏଥିରୁ ବର୍ତ୍ତି ଯାଇଥିଲା ବେଳେ ଏକ ସାଇକେଲ ମଧ୍ୟ ଚାପିହୋଇ ଯାଇଛି। ଜଳଖିଆ ଦୋକାନୀ ଏଥିରେ ଆହତ ହୋଇ ଥିବା ବେଳେ ବସର ଯାତ୍ରୀମାନେ ସୁରକ୍ଷିତ ଥିବାର ଜଣାପଡ଼ିଛି। ଠାକୁରମୁଣ୍ଡା ପୋଲିସ କେସ୍ ନଂ ୧୨୩/୨୦୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଥିବା ପୋଲିସ ପକ୍ଷରୁ ସୂଚନା।

## ଦକ୍ଷିଣକାଳୀଙ୍କ ରାଜ ରାଜେଶ୍ୱରୀ ବେଶ



**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରସିଦ୍ଧ ତନ୍ତ୍ରପୀଠ ସତ୍ୟବାଦୀ ବ୍ଲକର ବୀରଗୋବିନ୍ଦପୁର ଶାସନରେ ପୂଜିତ ମା' ଦକ୍ଷିଣକାଳୀଙ୍କର ପୂଜା ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଓ ବିସର୍ଜନ ପରେ ଭକ୍ତମାନେ, ମଙ୍ଗଳବାର ଦର୍ଶନ କରିବାର ସୁଯୋଗ ଲାଭ କରିଥିଲେ। ମୁଖ୍ୟ ପୂଜକ, ପ୍ରଫୁଲ୍ଲ କୁମର ଦିଖିତୀ ଦ୍ୱାରା ଘଟ ଆନୟନ, ଘଟ ସ୍ଥାପନ, ଘଟପୂଜା, ସଂସ୍କାର, ଚକ୍ଷୁଦାନ, କୁସ୍ମାଣ୍ଡ, ଜୀବନ୍ୟାସ, ଷୋଡ଼ଶ ଉପଚାର ପୂଜାବିଧି, କୋଠଭୋଗ, ଧୂପ, ବଡ଼ ସିଂହାର ବେଶ, ପହୁଡ଼ ଆଦି ଗୁପ୍ତ ପୂଜା, ବଳି ସମର୍ପଣ କରାଯାଇଥାଏ ବୋଲି କାଶିନାଥ ମିଶ୍ରଙ୍କ ଠାରୁ ସୂଚନା ମିଳିଛି। ମଙ୍ଗଳବାର ସକାଳୁ ଅସ୍ଥାୟୀ ବ୍ୟାରିକେଡ଼ରେ ଶ୍ରଦ୍ଧାଳୁମାନେ ଦିନସାରା ମା'ଙ୍କ ଦର୍ଶନ ଲାଭ କରିଥିଲେ। ବିଳମ୍ବିତ ରାତ୍ରୀରେ ମା'ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, କାହାଳୀ, ଛତିତ୍ରାସ ସହିତ ଚନ୍ଦନପୁର ସ୍ଥିତ ଭାର୍ଗବୀ ନଦୀର କାଳୀଘାଟରେ ବିସର୍ଜନ କରାଯାଇଛି। ମା'ଙ୍କର ଏହି ଯାତ୍ରାରେ ସଂଖ୍ୟାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସତ୍ୟବାଦୀ ପ୍ରଶାସନ ପକ୍ଷରୁ ବୀରଗୋବିନ୍ଦପୁରରେ ଆଲୋକସଜ୍ଜା, ପରିମଳ, ପାନୀୟ ଜଳ, ସ୍ୱାସ୍ଥ୍ୟ ଶିବିର, ଅଗ୍ନିଶମ ବ୍ୟବସ୍ଥା ସହିତ ଆରକ୍ଷୀ ବାହିନୀଙ୍କୁ ଯାତ୍ରାସ୍ଥଳରେ ନିୟୋଜିତ କରାଯାଇଥିଲା। ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ପୁରୀ ଜିଲ୍ଲାପାଳ ଓ ଏସପିଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତହସିଲଦାର, ସନ୍ତୋଷେ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବର୍ଷକୁ ଥରେ ମା'ଙ୍କର ଏହି ଯାତ୍ରାର ସଫଳତା ଓ ସରସ ସୁନ୍ଦର କରିବା ପାଇଁ ମନ୍ଦିର ପରିଚାଳନା କମିଟି, ସଭାପତି, ଆଦିତ୍ୟ ପ୍ରସାଦ ନନ୍ଦ, ଉପ ସଭାପତି, ପ୍ରଦିପ୍ତ କୁମାର ନନ୍ଦ, ସମ୍ପାଦକ, ଅଭିନାଶ ଆଚାର୍ଯ୍ୟ ସଦସ୍ୟ, ସହ ସଂପାଦକ, ଦେବ ପ୍ରସାଦ ନନ୍ଦ, ଗ୍ରାମ କୋଠ କମିଟି, ସ୍ଥାନୀୟ ଯୁବକସଂଘ ସଦସ୍ୟମାନେ ଉପସ୍ଥିତ ରହି ସୂଚାରୁ ରୂପେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ବୀରପ୍ରତାପପୁର ମା'କାମରୂପା ଓ ସମଜାଜପୁରର ମା'ଉଗ୍ରତାରାଙ୍କ ପୀଠରେ ପବିତ୍ର କାଳିପୂଜା ଅନୁଷ୍ଠିତ ହୋଇଯାଇଛି।

## ପଟନେଶ୍ୱରୀ ମନ୍ଦିରରେ ଦକ୍ଷିଣ କାଳୀ ପୂଜା



**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ପଟନେଶ୍ୱରୀ ମନ୍ଦିରରେ ସ୍ଥାନୀୟ ଭକ୍ତ ଓ ସେବାୟତ ମହେନ୍ଦ୍ର ଦିଶ୍ରିଙ୍କ ଉଦ୍ୟମ କ୍ରମେ ଚଳିତ ବର୍ଷ ମା'ଦକ୍ଷିଣ କାଳୀଙ୍କପୂଜା ପୂର୍ଣ୍ଣ ବିଧି ବିଧାନ ଅନୁସାରେ ପୂଜା ସୋମବାର ଦୀପାବଳୀ ଅମବସ୍ୟ ତିଥିରେ ଷୋମବାର ମଧ୍ୟ ରାତ୍ରୀରେ ଅନୁଷ୍ଠିତ ହୋଇଛି। ସୋମବାର ଦିନ ୩.୪୫ରେ କୁମ୍ଭାଦ୍ଧିବସ ହୋଇଥିଲା ବେଳେ ରାତ୍ରୀରେ ମା'ଙ୍କ ପ୍ରାଣ ପ୍ରତିଷ୍ଠା ଚକ୍ଷୁଦାନ, ମହାସ୍ନାନ ପୂଜନ ସପ୍ତଶତୀ ଚଣ୍ଡୀ ପାଠ ହବାନ ଆହୁତି ଆଳତୀ ପୁଷ୍ପାଞ୍ଜଳି ଇତ୍ୟାଦି ବିଧି ବିଧାନ ପୂଜକ ବିଶ୍ୱ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ଶତପଥୀ ଓ ଧର୍ମପତ୍ନୀ ଅନିତା ଶତପଥୀ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିଲେ। ୨୦ ତାରିଖ କାର୍ତ୍ତିକ ଶୁକ୍ଳ ପକ୍ଷ ସୋମବାର ଠାରୁ ତିନିଦିନ ପର୍ଯ୍ୟନ୍ତ ୨୨ ଅକ୍ଟୋବର କାର୍ତ୍ତିକ ଶୁକ୍ଳପକ୍ଷ ବୁଧବାର ପର୍ଯ୍ୟନ୍ତ ଚାଲିବ। ଆଗରୁ କାଳୀ ପୂଜା ତିଥିରେ ବିନା ମୂର୍ତ୍ତିରେ ହେଉଥିବା ବେଳେ ଚଳିତଥର ପ୍ରଥମଥର ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଉଛି।

## ସ୍ତ୍ରୀ ହତ୍ୟା ଘଟଣରେ ସ୍ୱାମୀ ଗିରଫ: ୭ ବର୍ଷୀୟ ଝିଅ ଗୁରୁତର ଅବସ୍ଥାରେ ଉଦ୍ଧାର

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯଖପୁରା ଥାନା ଅନ୍ତର୍ଗତ ରାବଣା ଅଞ୍ଚଳରେ ଥିବା ଏକ ଇଟା ଫ୍ୟାକ୍ଟ୍ରିରେ ସୋମବାର ରାତି ଏକ ଭୟଙ୍କର ପରିବାରିକ ହିଂସା ଘଟଣା ଘଟିଛି। ସ୍ୱାମୀ ଦ୍ୱାରା ସ୍ତ୍ରୀ ହତ୍ୟା ଓ ୭ ବର୍ଷୀୟ ଝିଅ ଗୁରୁତର ଅବସ୍ଥାରେ ଉଦ୍ଧାର ଘଟଣା ସ୍ଥାନୀୟ ଅଞ୍ଚଳରେ ଚମକ ସୃଷ୍ଟି କରିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ମୃତକ ମହିଳା ହେଲେ କର୍ପୁର ସୋରେନ (୪୨) ଏବଂ ତାଙ୍କ ସ୍ୱାମୀ ହେଲେ ଶ୍ରୀରାମ ସୋରେନ, ଯିଏ ଝାଡ଼ଖଣ୍ଡ ରାଜ୍ୟର ଗିରିଜାତୋଳା, ଜାମସେଦପୁରର ରହୁଥିଲେ। ଉଭୟ ଦମ୍ପତି ରାବଣା ଅଞ୍ଚଳର ଏକ ଇଟା ଭଟ୍ଟାରେ ଶ୍ରମିକ ଭାବେ କାମ କରୁଥିଲେ। ସୂତ୍ରମୁତାବକ, ଦୀପାବଳୀ ପାଳନ ସମୟରେ ଇଟା ଫ୍ୟାକ୍ଟ୍ରି ଭିତରେ ଶ୍ରମିକମାନେ ମଧ୍ୟରାତ୍ର ପର୍ଯ୍ୟନ୍ତ ନାଚ ଗୀତରେ ବ୍ୟସ୍ତ ଥିଲେ। କାର୍ଯ୍ୟକ୍ରମ ଶେଷ ପରେ ସମସ୍ତେ ନିଜ ଘରକୁ ଫେରିଥିଲେ। ମୃତ ମହିଳା ଓ ତାଙ୍କ ସ୍ୱାମୀ ମଧ୍ୟ ନିଜ ଘରକୁ ଯାଇଥିଲେ। ରାତିରେ କ'ଣ ଘଟିଲା ତାହା କାହାରି ଜଣାନଥିଲା, କିନ୍ତୁ ସକାଳୁ ଶ୍ରମିକମାନେ ଦେଖିଲେ ଯେ ମହିଳା ଘର ଭିତରେ ରକ୍ତରେ ଭିଜା ଅବସ୍ଥାରେ ମୃତ ପଡିଛନ୍ତି।



ଘଟଣାସ୍ଥଳରୁ ତାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାରୁ ପୋଲିସ ତାଙ୍କୁ ପ୍ରମୁଖ ସନ୍ଦେହଭାଜନ ବୋଲି ଚିହ୍ନଟ କରିଥିଲେ। ସେହି ସମୟରେ ଘର ଭିତରୁ ତାଙ୍କ ୭ ବର୍ଷୀୟ ଝିଅକୁ ଗୁରୁତର ଅବସ୍ଥାରେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଥ୍ୟ ଅନୁଯାୟୀ, ଝିଅକୁ ମଧ୍ୟ ସ୍ୱାମୀ ଶ୍ରୀରାମ ସୋରେନ ଟାଙ୍ଗିଆ ଦ୍ୱାରା ଆଘାତ କରିଥିଲେ। ଝିଅଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା, ପରେ ଅବସ୍ଥା ଅଧିକ ଗମ୍ଭୀର ହେବାରୁ ତାଙ୍କୁ କଟକ ମେଡିକାଲ କଲେଜ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସୂଚନା ମିଳିବା ସହିତ ଯଖପୁରା ପୋଲିସ ତୁରନ୍ତ ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ପୋଲିସ ଦଳ ଘଟଣାସ୍ଥଳରେ ତଦନ୍ତ କରି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ଡ଼ାକ୍ତରଖାନାକୁ ପଠାଇଛି। ଘଟଣା ଘଟିବା ପରେ ପୋଲିସ ଚାରି ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଶ୍ରୀରାମ ସୋରେନଙ୍କୁ ଟମକା ଥାନା ଅନ୍ତର୍ଗତ ମହୁଲ ମୂଳ ଛକ ନିକଟରୁ ଗିରଫ କରିବାରେ ସଫଳ ହୋଇଛି। ପୋଲିସ ୧୫୪/୨୦୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ହିରାସତରେ ରଖି ଅଧିକ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଯାଜପୁର ସାଇଣ୍ଟିଫିକ୍ ଟିମ ପହଞ୍ଚି ଆବଶ୍ୟକ ତଥ୍ୟ ଓ ସାକ୍ଷ୍ୟ ସଂଗ୍ରହ କରିଛନ୍ତି। ଏହି ଦୁଃଖଦ ଘଟଣା ସ୍ଥାନୀୟ ସମାଜକୁ ପରିବାରିକ ସମସ୍ୟା, ହିଂସା ଓ ସୁରକ୍ଷା ସଚେତନତା ବିଷୟରେ ଗଭୀର ଚିନ୍ତା କରିବାକୁ ପ୍ରେରିତ କରିଛି। ଯଖପୁରା ପୋଲିସ ପକ୍ଷରୁ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ କହିଛନ୍ତି।

## ବିନା ଲାଇସେନ୍ସରେ ବାଣ ବିକ୍ରି: ଥାନାରେ ୫ ମାମଲା

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗରରେ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ବାଣ କାରବାର ଚାଲିଥିଲା କେରଡାଗଡରେ ବେଆଇନ ଭାବେ ତିଆରି ହେଉଥିବା ବାଣ ରାଜନଗର ଥାନା ତଥା ସମଗ୍ର ଅଞ୍ଚଳରେ ବିକ୍ରି ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଦୀପାବଳି ପୂର୍ବରୁ ରାଜନଗର ପୋଲିସ ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ଅଭିଯୋଗରେ ଗୁପ୍ତି ବଜାରରୁ ଜଣେ, ଓକିଲପାଳ ବଜାରରୁ ଜଣେ ଓ ରାଜନଗର ବଜାରରୁ ତିନିଜଣଙ୍କୁ ବେଆଇନ ବାଣ ବିକ୍ରି ଅଭିଯୋଗରେ ଗିରଫ କରିବା ସହ ବାଣ ଜବତ କରିଥିଲେ। ପ୍ରାୟ ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରି ଉପରୋକ୍ତ ୫ ଜଣ ଆସାମୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ଥାନାରୁ ୩୫ (୩) ବିଏନଏସରେ ବେଲ ଦିଆଯାଇଥିବା ଜଣାପଡିଛି ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ଅଗ୍ନିଶମ ବାହିନୀର ବାଣ ଜବତ କରିବାର କ୍ଷମତା ଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ସେମାନେ ବେଆଇନ ବାଣ ବିକ୍ରି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସକ୍ଷମ ହୋଇନଥିବା ରାଜନଗର ଅଗ୍ନିଶମ ବାହିନୀ ପକ୍ଷରୁ ରୋହିତ ନାୟକ ସୂଚନା ଦେଇଛନ୍ତି।

## ଖଣ୍ଡପଡ଼ା-ନୟାଗଡ଼ ରାସ୍ତାରୁ ବେଆଇନ ହମ୍ପସ ଉଚ୍ଛେଦ ଦାବି

**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡାରୁ ନୟାଗଡ ସହରକୁ ସଂଯୋଗ କରୁଥିବା ରାସ୍ତାର ଦୂରତ୍ୱ ୧୯ କିମି ହୋଇଥିବା ବେଳେ ଏବେ ଉକ୍ତ ରାସ୍ତା ଅତିକ୍ରମ କରିବାକୁ ଯାନବାହନ ଗୁଡିକୁ ପାଖାପାଖି ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଥିବା ଜଣାପଡିଛି। ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ବାରମ୍ବାର କରାଯାଉଥିଲେ ହେଁ ରାସ୍ତାର ବିଭିନ୍ନ ସ୍ଥାନରେ ଅବସ୍ଥିତ ହମ୍ପସ ଗୁଡିକ ଯୋଗୁଁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବା ଜଣାଯାଇଛି। ଖଣ୍ଡପଡ଼ା-ନୟାଗଡ ରାସ୍ତାରେ ଏବେ ୧୦୦ରୁ ଊର୍ଦ୍ଧ୍ୱ ଛୋଟବଡ ହମ୍ପସ ଥିବା ଜଣାପଡିଛି। ରାସ୍ତାର ଉନ୍ନତିକରଣ ବେଳେ ବିଭିନ୍ନ ସ୍ଥାନରେ ଥିବା ହମ୍ପସ ଗୁଡିକ ଉଚ୍ଛେଦ ଦିଗରେ ଖଣ୍ଡପଡା ଓ ନୟାଗଡ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ସେହିପରି ରାସ୍ତାରେ ଥିବା ହମ୍ପସ ଗୁଡିକ ଯୋଗୁଁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ବାଧାପ୍ରାପ୍ତ ହେଉଥିବା ଜଣାପଡିଛି। ଦୈନିକ ଉକ୍ତ ରାସ୍ତା ଦେଇ ୧୦୨ ଆମ୍ବୁଲାନ୍ସ ଯୋଗେ ଗର୍ଭବତୀ ମହିଳାମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ଆଣିବାରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଜରୁରୀକାଳୀନ ପରିସ୍ଥିତିରେ ୧୦୮ ଆମ୍ବୁଲାନ୍ସ, ଅଗ୍ନିଶମ ଓ ପୋଲିସ ଭ୍ୟାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ନୟାଗଡ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଇ ରାସ୍ତାରେ ବେଆଇନ ଭାବେ ଗଢି ଉଠିଥିବା ହମ୍ପସଗୁଡିକୁ ତୁରନ୍ତ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

## ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମାଟି ତଳୁ ବିପୁଳ ପରିମାଣରେ ବିଦେଶୀ ନକଲି ମଦ ଜବତ ସମେତ ଜଣକୁ ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କଅଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ଓ ବାରିପଦା ମୋବାଇଲ ୟୁନିଟ ମିଳିତ ଭାବେ ଚଢ଼ାଉ କରି ହାତୀଝୁରି ଅଞ୍ଚଳରେ ଜଣକ ଘରେ ମାଟି ତଳୁ ବିପୁଳ ପରିମାଣରେ ବୋତଲ ସିଲ ଥିବା ବିଦେଶୀ ନକଲି ମଦ ଜବତ କରିବା ସହିତ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହାତୀଝୁରି ଅଞ୍ଚଳର ପଦ୍ମଲୋଚନ ସିଂଙ୍କ ପୁଅ ଧନଞ୍ଜୟ ସିଂୟ ତାଙ୍କର ଏକ ହୋଟେଲ ମଧ୍ୟ ରହିଛି।



ତାଙ୍କ ଘରୁ ଚଢ଼ାଉ ବେଳେ ମାଟି ତଳୁ ୭୫୦ ଏମଏଲର ନକଲି ବିଦେଶୀ ମଦ ଥିବା ୫୪ଟି ସିଲ ବୋତଲ ଓ ୨୦୦ରୁ ଊର୍ଦ୍ଧ୍ୱ ଖାଲି ମଦ ବୋତଲ ଓ ୬ଲିଟର ସ୍ପିରିଟ ଜବତ କରିଛି। ଚଢ଼ାଉ ସମୟରେ ବାରିପଦା ମୋବାଇଲ ଟିମର ଆଇଆଇସି ସଞ୍ଜୟ କୁମାର କାଣ୍ଡି, ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା, ଏଏସଆଇ ଉର୍ମିଳା ବେହେରା, ଏସଆଇଡି କାମେଶ୍ୱର, ପ୍ରକାଶ ଦେବତାଙ୍କ ସମେତ ସଦଳେବଳେ ଅବକାରୀ କନେଷ୍ଟବଳ ମାନେ ସାମିଲ ଥିଲେ। ଏହି ଅଭିଯୁକ୍ତକୁ କୋର୍ଟଚାଲାଣ କରିବା ସହ ଏସବୁ ନକଲି ବିଦେଶୀ ମଦ କେଉଁଠି ପ୍ରସ୍ତୁତି ହେଉଛି ଓ ଏହାର ଚୋରା ଚାଲାଣ ପଛରେ ମୁଖ୍ୟ ଅଭିଯୁକ୍ତ କିଏ ସେ ଦିଗରେ ବେତନଟୀ ଅବକାରୀ ବିଭାଗ ତଦନ୍ତ ଆରମ୍ଭ କରିଛି।

## ବର୍ଷା ଯୋଗୁଁ ଶୈବପୀଠ ଖାଁ ଖାଁ

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଧର୍ମମାସ କାର୍ତ୍ତିକର ଦ୍ୱିତୀୟ ସୋମବାର ବର୍ଷା ଏବଂ ଦୀପାବଳି ଅମାବାସ୍ୟା ଯୋଗୁଁ ବୁଗୁଡା ଅଞ୍ଚଳର ବିଭିନ୍ନ ଶୈବପୀଠ ଶ୍ରଦ୍ଧାଳୁଙ୍କ ବିହୁନେ ଖାଁ ଖାଁ ଲାଗୁଥିବା ଦେଖିବାକୁ ମିଳିଥିଲା। ପ୍ରାତଃକାଳରରୁ ହିଁ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା ବେଳେ ଶୈବପୀଠ ଗୁଡିକରେ ଶ୍ରଦ୍ଧାଳୁଙ୍କ ଗହଳି ଚହଳି ଆଦୌ ନଥିଲା। ଅନ୍ୟପକ୍ଷରେ ବୁଦ୍ଧଖୋଲ ପାଦଦେଶର ଲୋକଙ୍କ ରୋଷେଇ କରି ଭୋଜିଭାତର ଆସର ଜମିନଥିଲା। ତଥାପି ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା ।

## ଛେଳି ବେପାରିଙ୍କୁ ମାଡମାରି ଟଙ୍କାଲୁଟ୍

**ମାର୍ଶାଘାଇ: ଏକ୍ସପ୍ରେସ ନ୍ୟୁଜ୍**

ମାର୍ଶାଘାଇ ଥାନା ୫୩ ନମ୍ବର ଜାତୀୟ ରାଜପଥ ମଙ୍ଗଳା ଛକ ନିକଟରେ ଜଣେ ଛେଳି ବେପାରିକୁ ଦାଦାବଟି ମାଗି ମାଡ ମାରିବା ସହିତ ଟଙ୍କା ଲୁଟ କରିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଏ କଟକ ଜିଲ୍ଲା ବରହମପୁର ଅଞ୍ଚଳର ମିର ଓ୍ୱାସକ ଅଲ୍ଲିଙ୍କ ପୁଅ ମୀର ମୁରଜାଫର ଅଲ୍ଲୀ(୪୮) ସୋମବାର ପୂର୍ବାହ୍ନରେ ମାର୍ଶାଘାଇ ଥାନା ଦଶମୈଜି ଅଞ୍ଚଳରୁ ଛେଳି ଆଣି ଆସୁଥିବା ବେଳେ ମଙ୍ଗଳା ଛକରେ ୩/୪ଜଣ ଦୁର୍ବୃତ୍ତ ଦାଦା ବଟି ମାଗିବା ସହିତ ମାଡ ମାରି ଟଙ୍କା ଛଡାଇ ନେଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ତୁରନ୍ତ ଚଢାଉକରି ଛେଳିଙ୍କୁ ଉଦ୍ଧାର କରିବା ସହିତ ଥାନା କେଶ ନମ୍ବର (୩୨୩/୨୫) ମାମଲା ରୁଜୁକରି ଜଣକୁ ଅଟକ ରଖିଥିବା ଜଣାପଡିଛି। ତେବେ ଖୁବଶୀଘ୍ର ଅନ୍ୟମାନଙ୍କ ନିକଟରେ ପୋଲିସ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେବ ବୋଲି ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

## ବାଣିଜ୍ୟ

### ସେୟାର ବଜାର ମୁହୂର୍ତ୍ତ ଟ୍ରେଡିଂରେ ନିବେଶକଙ୍କ ଉପରେ ଟଙ୍କା ବର୍ଷା

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସେୟାର ବଜାର ମୁହୂର୍ତ୍ତ ଟ୍ରେଡିଂ ସମୟରେ, ସେନସେକ୍ସ ଏବଂ ନିଫ୍ଟି ଉଭୟ ସବୁଜ ଚିହ୍ନରେ ଦେଖାଯାଉଛି। ସେନସେକ୍ସ ଖୋଲିବା ମାତ୍ରେ ୩୦୦ ପଏଣ୍ଟ ଉପରକୁ ଉଠିଥିଲା। ଅନ୍ୟପକ୍ଷରେ, ନିଫ୍ଟି ପ୍ରାୟ ୯୦ ପଏଣ୍ଟ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ, ଇନଫୋସିସ୍, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟାଟା ଷ୍ଟିଲ୍ ଇତ୍ୟାଦିର ସେୟାରରେ ବୃଦ୍ଧି ଘଟିଛି।

ବିଶେଷଜ୍ଞଙ୍କ ମତରେ, ସେୟାର ବଜାରରେ ବୃଦ୍ଧି ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ, ପାର୍ବଣ ଋତୁରେ ରେକର୍ଡ କ୍ରୟ, ଭଲ ତ୍ରୈମାସିକ ଫଳାଫଳ ଯୋଗୁ ହୋଇଛି। ଏସୀୟ ଏବଂ ଆମେରିକୀୟ ବଜାରରେ ମଧ୍ୟ ବୃଦ୍ଧି ଘଟିଛି। ସେୟାର ବଜାରରେ ଏହି ବୃଦ୍ଧି ଯୋଗୁ ସେୟାର ବଜାର ନିବେଶକମାନେ ମାତ୍ର କିଛି ମିନିଟ୍ ମଧ୍ୟରେ ୨.୭୧ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି।

ମୁହୂର୍ତ୍ତ ବାଣିଜ୍ୟ ସମୟରେ ଷ୍ଟକ୍ ବଜାରରେ ବୃଦ୍ଧି ପରିଲକ୍ଷିତ ହେଉଛି। ତଥ୍ୟ ଅନୁଯାୟୀ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ବାଣିଜ୍ୟ ଅଧିବେଶନରେ ୩୦୨.୦୭ ପଏଣ୍ଟ ବୃଦ୍ଧି ପାଇ ୮୪,୬୬୫,.୪୪ପଏଣ୍ଟରେ ପହଞ୍ଚିଛି। ସେନସେକ୍ସ ୮୪,୪୮୪.୬୭ ପଏଣ୍ଟରେ ଖୋଲିଥିଲା। ଯେତେବେଳେ ପୂର୍ବ ଦିନ ଏହା ୮୪,୩୬୩.୩୭ ପଏଣ୍ଟରେ ବନ୍ଦ ହୋଇଥିଲା। ଏହି ସମୟରେ, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ନିଫ୍ଟିରେ ମଧ୍ୟ ବୃଦ୍ଧି ଦେଖାଦେଇଛି। ତଥ୍ୟ ଅନୁଯାୟୀ, ବାଣିଜ୍ୟ ଅଧିବେଶନ ସମୟରେ ନିଫ୍ଟି ମଧ୍ୟ ପ୍ରାୟ ୯୦ ପଏଣ୍ଟ ବୃଦ୍ଧି ପାଇ ୨୫,୯୩୪.୩୫ ପଏଣ୍ଟର ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ବର୍ତ୍ତମାନ, ନିଫ୍ଟି ୪୯.୪୦ ପଏଣ୍ଟ ବୃଦ୍ଧି ପାଇ ୨୫,୮୯୪.୦୫ ପଏଣ୍ଟରେ କାରବାର କରୁଛି। ନିଫ୍ଟି ୨୫,୯୦୧.୨୦ ପଏଣ୍ଟରେ ଖୋଲିଥିଲା।

ସେହିପରି ଷ୍ଟକ୍ ଦୃଷ୍ଟିରୁ, ଆଇଟି, ବ୍ୟାଙ୍କିଙ୍ଗ୍ ଏବଂ ଅଟୋ ଷ୍ଟକ୍ ବୃଦ୍ଧି ପାଉଛି। ବିଏସଇ ତଥ୍ୟ ଅନୁଯାୟୀ, ଇନଫୋସିସ୍ ଶେୟାର ୧ ପ୍ରତିଶତ ବୃଦ୍ଧି ପାଇଛି। ଟାଟା ମୋଟର୍ସ, ଆକ୍ସିସ୍ ବ୍ୟାଙ୍କ, ଆଦାନୀ ପୋର୍ଟସ୍, ମହିନ୍ଦ୍ରା ଏବଂ ମହିନ୍ଦ୍ରା, ଏବଂ ଏଚଡିଏଫସି ବ୍ୟାଙ୍କ ୦.୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛନ୍ତି। ଇଣ୍ଟର୍ନାଲ, ଟାଇଟାନ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏସବିଆଇ ଫ୍ଲାଟ୍ କାରବାର କରୁଛନ୍ତି। ଏହି ସମୟରେ, ମାରୁତି, ଏସିଆନ୍ ପେଣ୍ଟ୍ସ, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀ ଏୟାରଟେଲ୍ ଏବଂ କୋଟାକ୍ ବ୍ୟାଙ୍କ ହ୍ରାସ ପାଉଛନ୍ତି।

ତେବେ ଷ୍ଟକ୍ ବଜାରର ମୁହୂର୍ତ୍ତ ଟ୍ରେଡିଂ ସମୟରେ ନିବେଶକମାନେ ଯଥେଷ୍ଟ ଲାଭ କରିଛନ୍ତି। ନିବେଶକଙ୍କ ଲାଭ ଏବଂ କ୍ଷତି ବିଏସଇର ବଜାର ପୁଞ୍ଜି ଉପରେ ନିର୍ଭର କରିଥାଏ। ସୋମବାର, ବିଏସଇର ବଜାର ପୁଞ୍ଜି ୪,୬୯,୬୮,୬୯୮.୮୯ କୋଟି ଥିଲା, ଯେତେବେଳେ ମଙ୍ଗଳବାର ବାଣିଜ୍ୟ ଅଧିବେଶନରେ, ବଜାର ପୁଞ୍ଜି ୪,୭୨,୩୯,୭୨୧.୩୫ କୋଟିରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ମଙ୍ଗଳବାର ଷ୍ଟକ୍ ବଜାର ନିବେଶକମାନେ ୨,୭୧,୦୨୨.୪୬ କୋଟି ଲାଭ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନିୟମିତତା

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**



ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବ୍ୟାପକ ପରିମାଣରେ ଅନିୟମିତତା ଅଭିଯୋଗ। ଗୋପର ତରଙ୍ଗିରାର ଓଡିଶା ଆଦର୍ଶ ବିଦ୍ୟାଳୟ ଠାରୁ ପାଟେଳିଆ, ଭାୟା- ସାଇଁସା ନିମ୍ନମାନର କାର୍ଯ୍ୟ ସଂପର୍କେ ସାଇଁ, ନାଗସାହି, ଡ଼ିହସାହି ଠାରୁ ଅଖଣ୍ଡଳପୁର ରାସ୍ତାର କାର୍ଯ୍ୟ ଅହେତୁକ ବିଳମ୍ବ ସହିତ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ। ତତକାଳୀନ ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିଲା ସେତେବେଳେ ବିଧାୟକ ସମୀର ରଞ୍ଜନ ଦାଶ। ତାଙ୍କ କରକାମଳରେ ଶୁଭଦଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟରେ କୌଣସି ସୂଚନା ଫଳକ ନାହିଁ। କାର୍ଯ୍ୟ ପାଇଁ କେତେଟଙ୍କା ବ୍ୟୟ ବରାଦ ହୋଇଛି ? କେତେ କ'ଣ ସାମଗ୍ରୀ ବ୍ୟବହାର ହେଉଛି ତାର ସଠିକ ସୂଚନା ମଧ୍ୟ ନାହିଁ। ବର୍ତ୍ତମାନ ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟରେ ବ୍ୟବହାର ହେଉଥିବା ଫେଭର ବ୍ଲକ ଠାରୁ ସିମେଣ୍ଟ ବାଲି ଗୋଡି ଆଦି ସାମଗ୍ରୀ ଗୁଡିକ ଅତ୍ୟନ୍ତ ନିମ୍ନମାନର ବୋଲି ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ ହୋଇଛି। ଗତ ୨୨/୦୯/୨୦୨୫ ତାରିଖରେ ଗୋପ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣୀରେ, ଅଭିଯୋଗ ଆଣିଥିଲେ ବିପ୍ଳବୀ ସଂଗଠନର ସଭାପତି ଚନ୍ଦ୍ରକାନ୍ତ ସାହୁ, ରୁଦ୍ରପ୍ରତାପ ନାୟକ, ଚେତନା କୁମାର ନାୟକ, ରଞ୍ଜନ କୁମାର ନାୟକ, ଅଜୟ କୁମାର ବାରିକ ପ୍ରଭୁତି ଶତାଧିକ ଉକ୍ତ ଗ୍ରାମର ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୋଗକାରୀ ଏରବଙ୍ଗ ଗ୍ରାମ ପଞ୍ଚାୟତର ବାସିନ୍ଦା ଅଟନ୍ତି। ରାସ୍ତାଟି ଅତି ଦୟନୀୟ ଓ ନିମ୍ନମାନର ସହିତ ଅହେତୁକ ବିଳମ୍ବ ହେତୁ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି। ରାସ୍ତାପାର୍ଶ୍ୱରେ ଯେଉଁ ଗାର୍ଡ଼ ୱାଲ୍ ହୋଇଛି ତାହା ଅତି ନିମ୍ନମାନର ସିମେଟ ଓ ଡ୍ରଷ୍ଟ ଆଦି ସମଗ୍ର ବ୍ୟବହାର ହୋଇଛି। ଯାହାଫଳରେ କି ରାସ୍ତା ମଝିରେ ଖାଲ ଖମ୍ପା ହେତୁ ପାଣି ଜମିରହୁଛି। ଫେବର ବ୍ଲକରେ ଯେଉଁ ଇଟା ବ୍ୟବହାର ହେଉଛି ସେଗୁଡିକ ମଝିରୁ ଫାଟିଯାଉଛି। ଅନାବଶ୍ୟକୟୀ ସ୍ଥଳେ ଫେବର ବ୍ଲକ ବ୍ୟବହାର ହେଉଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳୁଛି। ଏବେ ତାହା ଫାଟିଗଲାଣି ରାସ୍ତାରେ ଯେଉଁ ଇଟା ପଡିଛି ସେଥିମଧ୍ୟରୁ ଅଧିକାଂଶ ଦମସ୍ଥାନରେ ଖାଲ ଢ଼ିପ ହୋଇପଡ଼ି ରହିଛି। ଯାହାଫଳରେ ସ୍ଥାନେ ସ୍ଥାନେ ପାଣି ଜମି ରହିବା ସହ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ିରେ ପଢୁଥିବା ଛୋଟ ଛୋଟ ପିଲାମାନେ ଝୁଣ୍ଟି ମୁହଁମାଡ଼ି ପଡୁଛନ୍ତି। ଯଦିଓ ଏ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା ସତ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି କାହିଁକି ? କାର୍ଯ୍ୟ କରୁଥିବା ଠିକାଦାର ଜାଣିଶୁଣି ସ୍ଥାନୀୟ ଅଞ୍ଚଳର କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ହାତକରି ଅଭିଯୋଗକାରୀଙ୍କୁ ଭୟଭୀତ କରାଉଥିବାର ଅଭିଯୋଗ ମଧ୍ୟ ଶୁଣିବାକୁ ମିଳୁଛି। ରାସ୍ତା ମଝିରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ଖୁଣ୍ଟକୁ ଅନ୍ୟତର ସ୍ଥାନାନ୍ତରିତ କରାଗଲାନାହିଁ। କାର୍ଯ୍ୟ ସମ୍ପର୍କରେ ଅଧିକ ସୂଚନା ପାଇଁ ଆମ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ। ଗାଁ ଦଣ୍ଡ ମଝିରେ ଢଳାଇ ରାସ୍ତା ଆବଶ୍ୟକ ଥିବାବେଳେ ଫେବର ବ୍ଲକ ବ୍ୟବହାର କରିବା କାହା ସ୍ୱାର୍ଥରେ ? ଜିଲ୍ଲାପାଳଙ୍କୁ ଅଭିଯୋଗ ସତ୍ତ୍ୱେ ଠିକାଦାରଙ୍କ ବେଖାତାରୀ ମନଭାବ ଯୋଗୁ ଗ୍ରାମବାସୀ ଅସନ୍ତୋଷ। ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର ବ୍ୟୟ ବରାଦ କାହା ସ୍ୱାର୍ଥରେ ? ଏଥିପ୍ରତି ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସିନେମାଫିନେମା ଟିଭିଫିଭି



### ପ୍ରସିଦ୍ଧ ଅଭିନେତା ଅସରାନୀଙ୍କ ପରଲୋକ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଗୋବର୍ଦ୍ଧନ ଅସରାନୀ। ଜଣେ ହସାଉଥିବା ମଣିଷ। ହସି ହସି ବଞ୍ଚିବା ଶିଖାଉଥିବା ବ୍ୟକ୍ତିତ୍ୱ। ପ୍ୟାସନକୁ ଭଲ ପାଉଥିଲେ। ରିଜେକ୍ସନକୁ ଶକ୍ତି କରିଥିଲେ। ଜେଲର ଚରିତ୍ର ଦେଇଥିଲା ସ୍ୱତନ୍ତ୍ର ପରିଚୟ। ଫୁସଫୁସ ଜନିତ ସ୍ୱାସ୍ଥ୍ୟ ସମସ୍ୟା ପୀଡ଼ିତ ଅସରାନୀ ୮୪ ବର୍ଷ ବୟସରେ ଆଖି ବୁଜିଛନ୍ତି। ମହାନ୍ ଅଭିନେତା ଚୁପଚାପ ଚାଲିଯାଇଛନ୍ତି। ପଙ୍କଜ ଧୀରଙ୍କ ପରେ ଆଉ ଜଣେ ପ୍ରଖ୍ୟାତ କଳାକାରଙ୍କୁ ହରାଇ ସ୍ତବ୍ଧ ହୋଇଛି ବଲିଉଡ। ତାଙ୍କ ଦେହାନ୍ତରେ ବଲିଉଡରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ତାଙ୍କ ଅନ୍ତିମ ସଂସ୍କାର କେହି ଅଭିନେତା, ଲୋକ ଉପସ୍ଥିତ ନଥିଲେ। ସାନ୍ତାକ୍ରୁଜ୍‌ର ଶାନ୍ତି ନଗର ଶ୍ମଶାନରେ ଅସରାନୀଙ୍କ ଅନ୍ତିମ ସଂସ୍କାର ହୋଇଛି। ତାଙ୍କର ଇଚ୍ଛା ଥିଲା ତାଙ୍କ ଶେଷ ଯାତ୍ରା ଶାନ୍ତ ପରିବେଶ ସରଳ ଭାବରେ ହେଉ ବୋଲି ଚାହୁଁ।

ସୋମବାର ମୁମ୍ବାଇରେ ଗୋବର୍ଦ୍ଧନ ଆସରାନୀଙ୍କ ଅନ୍ତିମ ସଂସ୍କାର ବ୍ୟକ୍ତିଗତ ଭାବରେ କରାଯାଇଥିଲା। ଯେଉଁଥିରେ କେବଳ ପରିବାର ସଦସ୍ୟ ଏବଂ ଘନିଷ୍ଠ ବନ୍ଧୁମାନେ ଯୋଗ ଦେଇଥିଲେ। ଅପରାହ୍ନ ୪ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ, କିନ୍ତୁ ତାଙ୍କ ମୃତ୍ୟୁ ଖବର ତାଙ୍କ ଅନ୍ତିମ ସଂସ୍କାର ପରେ ଗଣମାଧ୍ୟମରେ ପହଞ୍ଚିଥିଲା। ରିପୋର୍ଟ ଅନୁସାରେ, ଏହା ଆସରାନୀଙ୍କ ଶେଷ ଇଚ୍ଛା ଥିଲା। ସେ ତାଙ୍କ ପତ୍ନୀ ମଞ୍ଜୁ ଆସରାନୀଙ୍କୁ କହିଥିଲେ ଯେ ତାଙ୍କ ମୃତ୍ୟୁ ପରେ କୌଣସି ଚର୍ଚ୍ଚା ହେବା ଉଚିତ୍ ନୁହେଁ। ସେ କୌଣସି ଆନୁଷ୍ଠାନିକ ଘୋଷଣା କିମ୍ବା ବିନା ଭିଡରେ ନିରାଡମ୍ବର ଢଙ୍ଗରେ ଶେଷଯାତ୍ରା କରିବାକୁ ଚାହୁଁଥିଲେ। ତାଙ୍କ ଶେଷ ଇଚ୍ଛା ଅନୁଯାୟୀ, ଅନ୍ତିମ ସଂସ୍କାରକୁ ସମ୍ପୂର୍ଣ୍ଣ ପାରିବାରିକ ଏବଂ ସରଳ ଭାବରେ କରାଯାଇଥିଲା। ଗଣମାଧ୍ୟମକୁ ବି ଅନୁମତି ନଥିଲା।

ଗୋବର୍ଦ୍ଧନ ଅସରାନୀ କଳାକୁ ଏତେ ଭଲ ପାଉଥିଲେ ଯେ, ସେ କୁହନ୍ତି ଯେବେ ଆରାମ କରିବା କଥା ମନରେ ଭାବିବା ସେଦିନ ସବୁ ଶେଷ ହୋଇଯିବ। ଦିନେ ସୋସିଆଲ ମିଡିଆରେ ତାଙ୍କ ମୃତ୍ୟୁକୁ ନେଇ ଗୁଜବ ପ୍ରକାଶ ପାଇଥିଲା ହେଲେ ଆଜି ସତକୁ ସତ ଦୁନିଆକୁ ଅଲବିଦା କହିଛନ୍ତି ଅସରାନୀ। ଆଉ ତାଙ୍କୁ ପରଦାରେ ଦେଖିବାକୁ ପାଇବେନି ଦର୍ଶକ। ଆଜି ଅଫେରା ରାଇଜକୁ ଚାଲିଯାଇଛନ୍ତି ଅସରାନୀ। ଏହା ସହ ବଲିଉଡ ଇଣ୍ଡଷ୍ଟ୍ରୀ ଜଣେ ତାଙ୍କ ଭଳି ହୀରାଙ୍କୁ ହରାଇଛି।

# ଅଳିଆ ଆବର୍ଜ୍ଜନା ଓ ଦୁର୍ଗନ୍ଧରେ ଭରା ନୀଳଗିରି ଏନ୍ଏସି




**୨୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍ଏସିରେ ସଫେଇ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହିତ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛି । ନୀଳଗିରି ଏନ୍ଏସିର ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ମାସିକ ପ୍ରାୟ ୧୩ ୱାର୍ଡ ସଫେଇ ନିମନ୍ତେ ଟେଣ୍ଡର ପାଇଥିବା ଠିକାଦାର ସଂସ୍ଥା 'ପ୍ରତ୍ୟୁଷ' ୯ ଲକ୍ଷ ଟଙ୍କା ନେଉଛି । ମାତ୍ର ଉକ୍ତ ଠିକାସଂସ୍ଥା ବିଭାଗର କେତେକ ବ୍ୟକ୍ତିଙ୍କୁ ହାତବାରିସ କରି ହରିଲୁଟ କରୁଛି ସରକାରୀ ଅର୍ଥ । ଏହା ପୂର୍ବରୁ ଥିବା ଠିକାସଂସ୍ଥା ସକାଳେ ଓ ରାତିରେ ସହରକୁ ସ୍ୱଚ୍ଛ ରଖୁଥିବା ବେଳେ ବିଭିନ୍ନ ୱାର୍ଡରେ ନାଳନର୍ଦ୍ଦମାକୁ ସଠିକ୍ ଭାବେ ସଫା ରଖିବା ସହିତ ଏନ୍ଏସି ରାଜ୍ୟରେ ପୁରସ୍କୃତ ହୋଇଥିଲା । ମାତ୍ର ରାଜନୈତିକ ଷଡ଼ଯନ୍ତ୍ରରେ ଶିକାର ହୋଇ ଉକ୍ତ ଠିକାସଂସ୍ଥାକୁ ସଫେଇ ଠିକା ନ ଦେଇ ନୀଳଗିରି ଏନ୍ଏସିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ସ୍ୱାର୍ଥ ହାସଲ ପାଇଁ ଏହି ଠିକାସଂସ୍ଥା ହାତକୁ ଟେକି ଦେଇଛନ୍ତି ସଫେଇ ଓ ପରିମଳ ବ୍ୟବସ୍ଥାକୁ । ୧୩ ୱାର୍ଡ ମଧ୍ୟରୁ ୧, ୬, ୮ ୱାର୍ଡରେ ରହିଛି ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର, ରଝଜବାଟି, ମଙ୍ଗଳା ମନ୍ଦିର, ସମସ୍ତ ବ୍ୟାଙ୍କ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ବାସଭବନ, ଉପଖଣ୍ଡ ଚିକିତ୍ସାଳୟ, ଜେଲଖାନା, ଥାନା, କୋର୍ଟ ସହିତ ବିଭିନ୍ନ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ହେଉଛି ଏନ୍ଏସି ମୁଖ୍ୟଦ୍ୱାର । ପ୍ରତିଦିନ ବହୁ ଜରୁରୀ କାର୍ଯ୍ୟ ଓ ପର୍ଯ୍ୟଟକ ଆସିଥାନ୍ତି ଏଠାକୁ ମାତ୍ର କୁଢ଼କୁଢ଼ ଅଳିଆ ଆବର୍ଜ୍ଜନା ପଡ଼ିଥିବା ଦେଖି ନାକ ଟେକି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ବ୍ଲିଚିଂ ପଡ଼ିବାର ନିୟମ ଥିବା ବେଳେ କେବଳ ଆଖିଦୃଶିଆ କେତେକ ସ୍ଥାନରେ ପଡୁଛି ଅନ୍ୟ ବ୍ଲିଚିଂ ହେଉଛି ବାଟମାରଣା । ଏହାକୁ ନେଇ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଓ କାଉନସିଲରମାନେ ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁନାହି ଠିକାସଂସ୍ଥା । ତେଣୁ ନୀଳଗିରି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିମଳ ବିଭାଗ ଦାୟିତ୍ୱରେ ଅଧିକାରୀଙ୍କ ସହିତ କାମଚଳା ଅଧ୍ୟକ୍ଷ ଏଥିପ୍ରତି ଧ୍ୟାନ ଦେବା ପାଇଁ ଏନ୍ଏସି ବାସୀ ଅଭିଯୋଗ କରିବା ସହ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ଠିକାସଂସ୍ଥାଙ୍କ ମୁଣ୍ଡ ଉପରେ ବାଲେଶ୍ୱର ମ୍ୟୁନିସପାଲିଟି ପରିମଳ ଅଧିକାରୀଙ୍କ ସହ ନିବିଡ ସମ୍ପର୍କ ଥିବା ଯୋଗୁ ଠିକାଦାର ସଂସ୍ଥା କାହାରି କଥା ଶୁଣି ନ ଥିବା ବେଳେ ଖାତିର ନକରି ନିଜ ମନମୁତାବକ କାର୍ଯ୍ୟ କରୁଛି । ଆଗାମୀ ଦିନରେ ଯଦି ଏହାର ସମାଧାନ ନ ହୁଏ ଏନ୍ଏସିବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ପ୍ରତିପଦା |
|---|---|
| ୨୨.୧୦.୨୦୨୫ | ନକ୍ଷତ୍ର– ସ୍ୱାତୀ, ତୁଳାଚନ୍ଦ୍ର |

| | |
|---|---|
| ମେଷ | : ବନ୍ଧୁଦର୍ଶନ ହେବ । |
| ବୃଷ | : ଧନଦ୍ରବ୍ୟ ଲାଭ ଯୋଗ ରହିଛି । |
| ମିଥୁନ | : ଅର୍ଥହାନି ଯୋଗ ରହିଛି । |
| କର୍କଟ | : କଳହକୁ ମନସ୍ତାପ କରିବେ । |
| ସିଂହ | : ଆର୍ଥିକ ସୁବିଧା ଆସିବ । |
| କନ୍ୟା | : ଚୋରୀଭୟ ରହିଛି । |
| ତୁଳା | : ଭଲ କାମ କରି ଖୁସିପାଇବେ । |
| ବିଛା | : ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେବ । |
| ଧନୁ | : ପଦବୀ ଲାଭ ହେବ । |
| ମକର | : ନୂତନ କର୍ମ ନିଯୁକ୍ତି ମିଳିବ । |
| କୁମ୍ଭ | : କାର୍ଯ୍ୟକ୍ଷେତ୍ରରେ ବିଫଳତା । |
| ମୀନ | : ଆଘାତ ପାଇପାରନ୍ତି । |

## ବିଦ୍ୟୁତ ଆଘାତରେ ଦୁଇ ମୃତ

**ସାକ୍ଷୀଗୋପାଳ, ୨୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁରସ୍ଥିତ ମା ଦକ୍ଷିଣ କାଳୀଙ୍କ ପୂଜା ସମୟରେ ବିଦ୍ୟୁତ୍ ଆଘାତରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନଙ୍କର ପରିଚୟ ମିଳିପାରି ନାହିଁ ।

ସୂଚନା ଅନୁସାରେ ସୋମବାର ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ବ୍ୟକ୍ତି ବୋଧହୁଏ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ସୂଚନା ପାଇ ଉପସ୍ଥିତ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଆଗ୍ନିକଭମାନେ ଓ ଭକ୍ତମାନେ ଉଭୟ ଆହତଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ କାଳୀପୂଜା ନିମନ୍ତେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତ ଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ସାକ୍ଷୀଗୋପାଳ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ସତ୍ୟବାଦୀ ପୁଲିସ ଶବ ଦ୍ୱୟ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ । ଫୋରେନସିକ ଟିମ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡିଏନ୍ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି । ସତ୍ୟବାଦୀ ଥାନାରେ ୨୬/୨୦୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ ହୋଇଛି । ମୃତକ ଦ୍ୱୟଙ୍କ ପରିଚୟ ଜଣା ନ ପଡ଼ିଥିବା ଦୃଷ୍ଟିରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୁଲିସ ତରଫରୁ ଉଭୟ ମୃତକଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଛନ୍ତି ।

### ନିଗମଗୁଡିକ ସରକାରଙ୍କ ନିୟନ୍ତ୍ରଣ ବାହାରେ

# ୩୫୯୪ କୋଟି ଟଙ୍କା ଲାଭାଂଶ ସରକାରଙ୍କୁ ଦେଇନାହାନ୍ତି

**ଭୁବନେଶ୍ୱର, ୨୨।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ ତଥା ମଜଭୁତ କରିବା ପାଇଁ ଓଡିଶା ସରକାର ବାର୍ଷିକ ବଜେଟରେ ପୁଞ୍ଜିନିବେଶ ଖର୍ଚ୍ଚ ବୃଦ୍ଧି କରିଆସୁଛନ୍ତି । ସେଥିପାଇଁ ଦୀର୍ଘକାଳୀନ ଋଣ ବରାଦ କରି ପ୍ରତିବର୍ଷ ହଜାର ହଜାର କୋଟିଟଙ୍କା ସୁଧ ପରିଶୋଧ କରୁଛନ୍ତି । କିନ୍ତୁ ସରକାରୀ ନିଗମଗୁଡିକ ପ୍ରଚୁର ଲାଭ କରୁଥିଲେବି ଦୀର୍ଘ ୮ ବର୍ଷଧରି ସରକାରଙ୍କୁ ଡିଭିଡେଣ୍ଡ ବା ଲାଭାଂଶ ପ୍ରଦାନ କରୁନାହାନ୍ତି । ଓଡିଶାର ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ପ୍ରସ୍ତୁତ କରିଥିବା ଚିଠା ଅଡିଟ ରିପୋର୍ଟରୁ ଏପରି ଚମକାଇଦେବା ଭଳି ତଥ୍ୟ ଆମର ହସ୍ତଗତ ହୋଇଛି । ଏଜି ଆଣିଥିବା ଅଭିଯୋଗରୁ ଜଣାପଡିଛି ଯେ ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ୨୩ଟି ନିଗମ ସରକାରଙ୍କୁ ୩୫୯୩.୫୨ କୋଟିଟଙ୍କା ଲାଭାଂଶ ପଇଠ କରିନାହାନ୍ତି । ସର୍ବାଧିକ ଭାବେ ଓଡିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ୧୬୧୭ କୋଟିଟଙ୍କା ଲାଭାଂଶ ପଇଠ କରିନଥିବା ବେଳେ ଓଡିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ୫୧୭ କୋଟିଟଙ୍କା ପଇଠ ନକରି ଲିଷ୍ଟର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ସେହିପରି ଓଏଚପିସି ୩୧୫ କୋଟିଟଙ୍କା, ଓଏମସି ୩୨୦ କୋଟିଟଙ୍କା, ଓସିପିଏଲ ୨୪୨ କୋଟିଟଙ୍କା, ଓଏସଏଫସି ୨୦୬ କୋଟିଟଙ୍କା, ଇପିକଲ ୧୫୫ କୋଟିଟଙ୍କା ଏବଂ ଓଏଲଆଇସି ୬୭ କୋଟିଟଙ୍କା ଲାଭାଂଶ ସରକାରଙ୍କୁ ପଇଠ କରିନାହାନ୍ତି । ସରକାରୀ ନିଗମଗୁଡିକ ଉପରେ ସିଏଜିଙ୍କ ଏପରି ଅଭିଯୋଗକୁ ଅର୍ଥନୀତି ସମୀକ୍ଷକମାନେ ଗୁରୁତର ଭାବେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ।

ଓଡିଶା ସରକାରଙ୍କ ଅର୍ଥ ବିଭାଗ ଫେବ୍ରୁଆରି ୨୦୧୬ରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ନିଗମଗୁଡିକ କରୁଥିବା ବାର୍ଷିକ ଲାଭ କିମ୍ବା ସରକାରଙ୍କ ଅଂଶଧନ ଉପରେ ୩୦% ହିସାବରେ ଉଭୟର ଲାଭାଂଶ ପରିମାଣ ନିର୍ଣ୍ଣୟ କରି ଯେଉଁଟା ଅଧିକ ହେବ ତାହାକୁ ଲାଭାଂଶ ଆକାରରେ ନିଗମଗୁଡିକ ସରକାରଙ୍କୁ ପଇଠ କରିବେ । କିନ୍ତୁ ନିଗମଗୁଡିକ ପାଇଁ ଗଠିତ ପରିଚାଳନା ମଣ୍ଡଳୀ ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁ ନଥିବାରୁ ନିଗମଗୁଡିକ ମନଇଚ୍ଛା କାର୍ଯ୍ୟ କରିବାକୁ ସକ୍ଷମ ହେଉଛନ୍ତି ଓ ସରକାରଙ୍କୁ ଲାଭାଂଶ ପଇଠ କରୁନାହାନ୍ତି । ସିଏଜି ଅଭିଯୋଗ ଉଠାଇ କହିଛନ୍ତି ଯେ ନିଗମଗୁଡିକ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଲାଭାଂଶ ପଇଠ କରୁନାହାନ୍ତି ଅଥଚ ଅର୍ଥ ବିଭାଗ ନିର୍ଦ୍ଦିଷ୍ଟ ସମୟ ଭିତରେ ଲାଭାଂଶ ପାଇବା ପାଇଁ ନିଗମଗୁଡିକୁ ଆବଶ୍ୟକୀୟ ଚିଠିପତ୍ର ଦେଇ ନାହାନ୍ତି । ରାଜ୍ୟସରକାର ପ୍ରଣିତ କରିଥିବା ନୀତିନିୟମକୁ ନିଗମଗୁଡିକ ସ୍ପଷ୍ଟ ଉଲ୍ଲଂଘନ କରି ମନଇଚ୍ଛା କାର୍ଯ୍ୟ କରିବା ଖବର ଆଗରୁ ଏହି ଖବରକାଗଜ ପ୍ରକାଶ କରିଛି । ଯନ୍ତ୍ରୀମାନଙ୍କର ଦକ୍ଷତା ବୃଦ୍ଧିପାଇଁ ସରକାର ପ୍ରଣିତ କରିଥିବା ନିୟମକୁ ନିଗମଗୁଡିକ ଖୋଲାଖୋଲି ଉଲ୍ଲଂଘନ ଯନ୍ତୀମାନଙ୍କୁ ଆଳସ୍ୟ କରିଦେଇଛନ୍ତି ।

ତେବେ ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ସିଏଜିଙ୍କ ଅଭିଯୋଗ ରାଜ୍ୟ ବିକାଶପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ରାଜ୍ୟର ୪୦ଟି ନିଗମ ବିଭିନ୍ନ କ୍ଷେତ୍ରରେ ଓଡିଆ ମାନବସମ୍ବଳକୁ ଦକ୍ଷ ଓ ଯୋଗ୍ୟ ସମ୍ପର୍ଣ୍ଣ କରିବା ପାଇଁ ଗଠନ ହୋଇଥିଲେବି ଲକ୍ଷଚ୍ୟୁତ ହୋଇଛି । ଜନସ୍ୱାର୍ଥକୁ ଅଣଦେଖା କରି ସ୍ୱଜନପୋଷଣ ନୀତିରେ ନିଗମକୁ ପରିଚାଳନା କରାଯାଉଛି । ଶ୍ରୀ ମହାପାତ୍ରଙ୍କ କହିବାକଥା ନିଗମଗୁଡିକୁ ସୁପରିଚାଳନା ଓ ନିୟନ୍ତ୍ରଣ କରିବାପାଇଁ ଓଡିଶା ରାଜ୍ୟ ସରକାରଙ୍କ ତିନି ତିନିଟି ବିଭାଗ ଯଥା ସାଧାରଣ ଉଦ୍ୟୋଗ ବିଭାଗ, ସମ୍ପୃକ୍ତ ସାଶନ ବିଭାଗ ଓ ଅର୍ଥ ବିଭାଗକୁ ଦାୟିତ୍ୱ ଦିଆଯାଇଛି କିନ୍ତୁ ପରିତାପର ବିଷୟ ନିଗମ ଉପରୁ ସରକାର ନିୟନ୍ତ୍ରଣ ହରାଇବା ଓଡିଶାର ନିମ୍ନମାନର ସାଶନ ବ୍ୟବସ୍ଥାକୁ ସ୍ପଷ୍ଟ ଇଙ୍ଗିତ କରୁଛି । ତେବେ ଶ୍ରୀ ମହାପାତ୍ର ସିଏଜିଙ୍କ ଚିଠା ରିପୋର୍ଟର ଗୋଟିଏ ବିନ୍ଦୁରେ ଏକମତ ହୋଇନାହାନ୍ତି । ତାଙ୍କର କହିବାକଥା ରାଜ୍ୟର ସମସ୍ତ ନିଗମଗୁଡିକ ସରକାରଙ୍କୁ ଲାଭାଂଶ ପଇଠ କରିବାପାଇଁ ବାଧ୍ୟ କିନ୍ତୁ କେବଳ ଓଡିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ) ସରକାରଙ୍କୁ ଲାଭାଂଶ ପଇଠ କରିପାରିବ ନାହି । କାରଣ ଓସିପିଏଲ ପରିଚାଳନା କରୁଥିବା ମନୋହରପୁର କୋଇଲାଖଣିକୁ ଓପିଜିସିର ବିଦ୍ୟୁତ ଉତ୍ପାଦନ ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ 'କୋଇଲାଖଣି ବିଶେଷ ବ୍ୟବସ୍ଥା ଆଇନ, ୨୦୧୫' ଧାରା ୨୦ ଅନୁସାରେ ଆବଣ୍ଟନ କରିଛନ୍ତି । ଧାରା ୨୦ ଓ ଏହାପାଇଁ ପ୍ରଣିତ ହୋଇଥିବା ନୀତିନିୟମ ଅନୁସାରେ କୋଇଲାଖଣି ପରିଚାଳନାରୁ ମିଳୁଥିବା ବାର୍ଷିକ ଲାଭକୁ ଓସିପିଏଲ ଜନସ୍ୱାର୍ଥ ପରିପୂରଣ କରିବା ପାଇଁ ବିନିଯୋଗ କରିବ । ଅର୍ଥାତ ଓପିଜିସିରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ହ୍ରାସକରିବା ପାଇଁ ଓସିପିଏଲ ଲାଭକୁ ବିନିଯୋଗ କରାଯିବ । କିନ୍ତୁ ଏସବୁ ବିଷୟ ଯଥା– ଓସିପିଏଲର ଗଠନ, କୋଇଲାଖଣି ଆବଣ୍ଟନ, ସିଏଜିଙ୍କ ୧,୮୬,୦୦୦ କୋଟିଟଙ୍କା କୋଲଗେଟ ସ୍କାମ, ସର୍ବୋଚ ନ୍ୟାୟଳୟଙ୍କ ଦ୍ୱାରା ୨୦୪ କୋଇଲାଖଣି ବାତିଲ, ସିବିଆଇ ମାମଲା ଏବଂ କୋଇଲାଖଣି ପରିଚାଳନା ଉପରେ ଓଡିଶା ଏଜି ଆବଶ୍ୟକୀୟ ତଥ୍ୟ ଯାଞ୍ଚ ନକରି ଓସିପିଏଲକୁ ଉକ୍ତ ଲିଷ୍ଟରେ ଅନ୍ତର୍ଭୁକ୍ତ କରିଦେଇଛନ୍ତି । ଓଡିଶା ଏଜି ଓ ରାଜ୍ୟସରକାର ଯଦି ଏଥିପ୍ରତି ଦୃଷ୍ଟି ନଦେଇ ଓସିପିଏଲର ଲାଭାଂଶକୁ ଗ୍ରହଣ କରନ୍ତି ତେବେ ଏହା ଅନ୍ୟ ଏକ କୋଲଗେଟ ସ୍କାମକୁ ଜନ୍ମ ଦେବବୋଲି ଶ୍ରୀ ମହାପାତ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି । ନିଜର ଅଭିଯୋଗକୁ ଶ୍ରୀ ମହାପାତ୍ର ଇମେଲ ଯୋଗେ ଏଜି, ସିଏଜି ଏବଂ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଅବଗତ କରାଇଛନ୍ତି ।

## ଦାଦାବଟି ମାଗୁଥିବା ଯୁବକ ଗିରଫ

**ନୀଳଗିରି, ୨୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିବା ସହିତ ଦାଦାବଟି ମାଗି ଯୁବକ ଗିରଫ । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଜୁରିଆପାଟଣା ଗାଁରେ ତାପସ ବାରିକ ବନ୍ଧୁକ ଓ ମାରଣାସ୍ତ୍ର ଧରି ରାସ୍ତାରେ ବୁଲିବା ସଙ୍ଗେ ସଙ୍ଗେ ଫାଙ୍କା ଗୁଳି କରି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଭୟଭୀତ କରିବା ସହିତ ଦାଦାବଟି ମାଗୁଥିବାର ଖବର ପାଇ ନୀଳଗିରି ପୋଲିସ ସାଧା ପୋଷାକରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ତାପସ ବାରିକକୁ କାବୁ କରିବା ସହିତ ଗିରଫ କରି ଥାନାକୁ ଆଣିଛି ଏବଂ ତାନିକଟରୁ ଏକ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି ନୀଳଗିରି ପୋଲିସ । ପୂର୍ବରୁ ତାପସ ବାରିକ ନାମରେ ବହୁ ମାମଲା ରୁଜୁ ହୋଇଥିବାର ଜଣାପଡିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା ହେଉଥିବା ବେଳେ ଭୟଭୀତ ହୋଇଛନ୍ତି ଉକ୍ତ ଅଞ୍ଚଳର ଗ୍ରାମବାସୀମାନେ । ଅନ୍ୟପକ୍ଷରେ ଅଭିଯୁକ୍ତ ତାପସ ବାରିକ କିଛି ଅଘଟଣ ଘଟାଇବା ପୂର୍ବରୁ ନୀଳଗିରି ପୋଲିସ ତାକୁ କାବୁ କରିଥିବା ଯୋଗୁ ସାଧାରଣରେ ବେଶ ପ୍ରଶଂସା କରିଛନ୍ତି ନୀଳଗିରିବାସୀ ।

## ବାଣ ବିସ୍ଫୋରଣରେ ଯୁବକ ମୃତ

**ଖଲ୍ଲିକୋଟ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ବିଳମ୍ବିତ ରାତିରେ ବାଣ ବିସ୍ଫୋରଣରେ ଜଣେ ୨୩ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ତେନ୍ତୁଳିଆପଲୀ ପଞ୍ଚାୟତର କଇଠଡା ଗ୍ରାମର ଅନାଦି ପଲେଇଙ୍କ ପୁଅ ପିଣ୍ଟୁ ପଲେଇ ବୋଲି ଜଣାପଡିଛି । ବାଣ ବିସ୍ଫୋରଣରେ ପିଣ୍ଟୁଙ୍କ ଗୋଟିଏ ଗୋଡ ଓ ଗୋଟିଏ ହାତ ନଷ୍ଟ ହୋଇ ଯାଇଥିବା ବେଳେ ବିସ୍ଫୋରଣରେ ଘରର କିଛି ଅଂଶ ଭାଙ୍ଗି ଯାଇଥିଲାଛଖବର ପାଇ ଆହତ ଅବସ୍ଥାରେ ପିଣ୍ଟୁଙ୍କୁ ପୋଲିସ ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଛି । ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

**ବୁଗୁଡ଼ା, ୨୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ପବିତ୍ର କାର୍ତ୍ତିକ ମାସ କୁମାର ପୂର୍ଣ୍ଣମା ପରଠୁ ଆରମ୍ଭ ହୋଇଯାଇଛି । ଅନ୍ୟ ମାସ ତୁଳନାରେ କାର୍ତ୍ତିକ ମାସ ସାରା ପନିପରିବାର ଚାହିଦା ଅଧିକ ରହୁଥିବାରୁ ସହରରେ ପନିପରିବା ଦର ଏବେ ଆକାଶଛୁଆଁ ହେବାରେ ଲାଗିଛି । ସଂପ୍ରତି ବୁଗୁଡ଼ା ସହରାଞ୍ଚଳ ବଜାର ସମେତ ଗ୍ରାମାଞ୍ଚଳରେ ଥିବା ଖୁଚୁରା ଦୋକାନରେ ପନିପରିବା ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । ଅଧିକାଂଶ ପରିବା ଦର କିଲୋ ପିଛା ୬୦ ରୁ ୮୦ ଟଙ୍କା ମଧ୍ୟରେ ରହିଛି । ଏପରିକି ବିନ୍ସ ଓ କାଙ୍କଡ଼ ଦର କିଲୋ ପ୍ରତି ୧୦୦ ଟଙ୍କା ଛୁଇଁଲାଣି । ଏବେ ପରିବା ଦର ଗ୍ରାହକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ସମ୍ପ୍ରତି ଖୁଚୁରା ବଜାରରେ ଫୁଲକୋବି, କଟକି ପୋଟଳ, ଅଦା, ବନ୍ଧାକୋବି ଓ ଗୁହାଁର ଦର କିଲୋ ପ୍ରତି ୮୦ ଟଙ୍କା ରହିଥିବା ବେଳେ ବାଇଗଣ, ଲଙ୍କା ଓ ଝୁଲଣ ଦର ୭୦ ଟଙ୍କା ରହିଛି । ସେହିପରି କଲରା, ଭେଣ୍ଡି ଓ ଗାଜର କି.ଗ୍ରା ପ୍ରତି ୬୦ ଟଙ୍କା ରହିଥିବା ବେଳେ ଜହ୍ନି, କାକୁଡି, ତୋରଡା, ପୋଟଳ, ଦେଶୀଆଳୁ, ବନ୍ଧାକୋବି ଆଦି ଏକ କିଲୋଗ୍ରାମ ପିଛା ୫୦ ଟଙ୍କା ରହିଛି । ଅନ୍ୟପକ୍ଷରେ ସାରୁ, ଟମାଟ, କଦଳୀ, ବୋଇତାଳୁ, ଅମୃତଭଣ୍ଡା ଆଦି ପରିବା ୪୦ ଟଙ୍କାରେ ଏକ କିଲୋଗ୍ରାମ ମିଳୁଥିବା ବେଳେ ଦେଶୀ କାଙ୍କଡ଼ ୧୬୦ ଟଙ୍କା ଓ ପିଠଳ ୧୨୦ ଟଙ୍କାରେ ବିକ୍ରି ହେଉଛି ।

ସମଗ୍ର କାର୍ତ୍ତିକ ମାସରେ ଅଧିକାଂଶ ବ୍ୟକ୍ତି ଆମିଷ ଭୋଜନ କରୁନଥିବାରୁ ସେମାନେ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ପନିପରିବା ଉପରେ ଅଧିକ ନିର୍ଭର କରୁଛନ୍ତି । ଫଳରେ ପନିପରିବା ଦର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହା ଯୋଗୁଁ କାର୍ତ୍ତିକ ମାସରେ ସହରରେ ବସବାସ କରୁଥିବା ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଦରିଦ୍ର ଶ୍ରେଣୀର ଲୋକେ ବହୁତ ହନ୍ତସନ୍ତ ହେଉଛନ୍ତି । ଆକଶଛୁଆଁ ପରିବା ଦର ସାଧାରଣ ଲୋକଙ୍କ ଦୈନନ୍ଦିନ ଖର୍ଚ୍ଚକୁ ପ୍ରଭାବିତ କରୁଛ । ଫଳରେ ସହରୀ ଖାଉଟି ଯେକୌଣସି ପରିବା ଅଧା କେଜି କିମ୍ବା ସେମାନେ ପୂର୍ବରୁ କିଣୁଥିବା ପରିମାଣଠାରୁ କମ୍ କିଣିବାକୁ ପସନ୍ଦ କରୁଥିବା ପରିଲକ୍ଷିତ ହେଉଛି ।

## ବାଣ ଫୁଟି ପୁଅ ମୃତ, ବାପା ଗୁରୁତର

**ଅନୁଗୁଳ, ୨୧।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀପାବଳିରେ ବାଣ ଫୁଟି ପୁଅର ମୃତ୍ୟୁ ହୋଇଥିବା ବେଳେ ବାପା ଗୁରୁତର ହୋଇ ଏସସିବିରେ ଭର୍ତ୍ତି ହୋଇଛନ୍ତି । ଏଭଳି ଅଘଟଣ ଘଟିଛି ଅନୁଗୁଳ ଜିଲ୍ଲା ସମଲ ଥାନା ସିପୁର ଗାଁରେ । ମୃତ ପୁଅ ହେଲେ ସରୋଜ ପ୍ରଧାନ, ଗୁରୁତର ବାପା ପ୍ରମୋଦ ପ୍ରଧାନ । ବାଣ ଫୁଟିବାରୁ ପ୍ରମୋଦଙ୍କ ହାତ ଛିଣ୍ଡି ଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ କଟକକୁ ସ୍ଥାନାନ୍ତର କରାଯାଇଛି । ସରୋଜ ଓ ତାଙ୍କ ଭାଇଙ୍କ ମଧ୍ୟରେ କଳହ ଲାଗୁ ଥିବାବେଳେ ସରୋଜ ହାତରେ ଧରି ଡରାଉଥିଲେ । ଏହି ସମୟରେ ବାଣ ଫୁଟିଥିଲା ।

## ଇକୋ ରିଟ୍ରିଟ ପାଇଁ କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପ୍ରଶାସନ

**କୋଣାର୍କ, ୨୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବ କୋଣାର୍କ ଇକୋ ରିଟ୍ରିଟ । ଏହାର ସଫଳ ଆୟୋଜନ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚଳିତ ମାସ ୧୫ ତାରିଖରେ ପୁରୀ ଠାରେ ଅନୁଷ୍ଠିତ ହେବା ସହ କ୍ଷେତ୍ର ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହି ପରାମର୍ଶ ଆଧାରରେ ରବିବାର ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ । ସମସ୍ତ ବିଭାଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଯେପରି ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟ ସମାପ୍ତ କରିବେ ସେଥିପାଇଁ ତ୍ୱରାନ୍ୱିତ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପରିଦର୍ଶନରେ ଆସିଥିବା ଦଳରେ ପୂର୍ତ୍ତ ବିଭାଗର ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦି, ଏସଡିପିଓ ନିରଞ୍ଜନ ପାଢୀ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଏନଏସିର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଚାନ୍ଦ, ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ଇ ଫ୍ୟାକ୍ଟର ଏଜେନ୍ସିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## କରେଣ୍ଟ ଲାଗି ବୃଦ୍ଧ ମୃତ



**ଖୋର୍ଦ୍ଧା : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗଡ଼ଭିତର ସାହିରେ ଏଭଳି ଅଘଟଣ ଘଟିଛି । ଲିଚୁ ଲଗାଇବା ବେଳେ କରେଣ୍ଟ ଲାଗି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସୂଚନାନୁଯାୟୀ, ବୋଲଗଡ଼ ବ୍ଲକ ଗଡ଼ଭିତର ସାହିର ବୁଦ୍ଧିରାମ ଦାସ ଲିଚୁ ଲାଇଟ୍ ଲଗାଉଥିବା ବେଳେ କରେଣ୍ଟ ଲାଗିଥିଲା । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଖବର ପାଇ ବୋଲଗଡ଼ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବୁଦ୍ଧିରାମଙ୍କ ଶବ ବ୍ୟବଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଖଣି ଓ ଶିଳ୍ପାଞ୍ଚଳରେ ନେଟୱର୍କ ସମସ୍ୟା : ଡିଜିଟାଲ ଇଣ୍ଡିଆ ଏଠି ଲକ୍ଷଚ୍ୟୁତ

**କଳିଙ୍ଗନଗର, ୨୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ସାକାର କରିବାକୁ ସରକାର ଦେଶକୁ ଆଗକୁ ନେଉଛି । ସବୁ ସେବାକୁ ଇଣ୍ଟରନେଟ୍ ଓ ମୋବାଇଲ ଭିତ୍ତିକ କରି ଜନସାଧାରଣ ପାଇଁ ସୁବିଧା ସୃଷ୍ଟି କରାଯାଉଛି । ଜମିବାଡି, କୋର୍ଟ କଚେରୀ, ମଣ୍ଡି ଓ ସରକାରୀ ଯୋଜନାର ଅନୁଦାନ – ସବୁଠି ଓଟିପି ଓ ଅନଲାଇନ ଭେରିଫିକେସନ୍ ଆବଶ୍ୟକ ହୋଇପଡିଛି । କିନ୍ତୁ ବିପରୀତ ଚିତ୍ର ଦେଖାଯାଉଛି ସୁକିନ୍ଦା ଖଣି ଓ ଶିଳ୍ପ ପ୍ରଭାବିତ ଅଞ୍ଚଳରେ । ଏଠି ଆଜି ମଧ୍ୟ ନେଟୱର୍କ ଧରିବା ପାଇଁ ଲୋକେ ପାହାଡ ଚଢୁଛନ୍ତି, ଗଛ ଉପରେ ଚଢି ସିଗ୍ନାଲ ଧରିବା ଏଠିରେ ସାଧାରଣ ଘଟଣା ହୋଇପଡିଛି । ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ସିଗ୍ନାଲ ଆସୁନଥିବାରୁ ରୋଗୀ, ସମ୍ପର୍କୀୟ, ଡାକ୍ତର ଏବଂ କର୍ମଚାରୀ ମାନେ ନାହିଁ ନଥିବା ହଇରାଣ ହରକତ ହେବାସହ ରୋଗୀ ସେବାରେ ଗୁରୁତ୍ୱର ବାଧା ସୃଷ୍ଟି ହେଉଛି ।

ଏକ ତାଜା ତଥ୍ୟ ଅନୁସାରେ, ଓଡିଶାର ପ୍ରାୟ ୪୯ ପ୍ରତିଶତ ଅଞ୍ଚଳ ଏଯାଁ ମୋବାଇଲ ନେଟୱର୍କ ସେବାରୁ ବଞ୍ଚିତ । ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଓ ଖଣିଞ୍ଚଳ ଅଞ୍ଚଳରେ ମୋବାଇଲ ସିଗ୍ନାଲ ନଥିବାରୁ ସରକାରୀ ବହୁଲୋକାଭିମୁଖୀ ଯୋଜନାର ସୁବିଧାହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ । କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିବା ଏକ ଚିଠିରେ ଏହି ଦୁରବସ୍ଥାକୁ ଉଲ୍ଲେଖ କରାଯାଇଛି । ଚିଠିରେ ଏହା ସ୍ପଷ୍ଟ କରାଯାଇଛି ଯେ, ଓଡିଶାର ଅନେକ ଦୁରଗମ ଗ୍ରାମରେ ମୋବାଇଲ ଟାୱର ନଥିବାରୁ ଅଧିକାଂଶ ଜନସାଧାରଣ ଡିଜିଟାଲ ଭାବରେ ଅନ୍ଧକାରରେ ରହିଛନ୍ତି । କଳିଙ୍ଗନଗର, ସୁକିନ୍ଦା, କାଳିଆପାଣି, ଜଖପୁରା, ଟମକା ଭଳି ଶିଳ୍ପ ଓ ଖଣି ଅଞ୍ଚଳରେ ନେଟୱର୍କ ସମସ୍ୟା ଗୁରୁତର ଅବସ୍ଥାରେ । ଏଠାରେ ଅନେକ ଗ୍ରାମ ରହିଛି ଯେଉଁଠାରେ ୨ଜି ସେବା ମଧ୍ୟ ସଠିକ ଭାବେ ଚାଲୁନାହିଁ । ଲୋକେ ମୋବାଇଲ ଫୋନ ନେଇ ଗାଁର ସିମାନାରେ, ପାହାଡ ଶିଖରରେ ବସି ସିଗ୍ନାଲ ଧରିଥାନ୍ତି । ଏହା ଫଳରେ ଅନଲାଇନ ଶିକ୍ଷା, ଟିକେଟ୍ ବୁକିଂ, ବ୍ୟାଙ୍କିଙ୍ଗ, ଜନ ସେବା କେନ୍ଦ୍ର ଭଳି ସମସ୍ତ ସେବା ଅସାଧ ହୋଇପଡିଛି । କୋଭିଡ୍ ସମୟରେ ଅନଲାଇନ ଶିକ୍ଷା ଯେପରି ସାଧାରଣ ହୋଇଗଲା, ତାହା ଖଣି ଅଞ୍ଚଳର ଛାତ୍ରଛାତ୍ରୀ ପାଇଁ ଅସାଧ ହୋଇରହିଲା । ଯାଜପୁର, କେନ୍ଦୁଝର ଓ ମୟୁରଭଞ୍ଜ ଅଞ୍ଚଳର ଅନେକ ଗ୍ରାମରେ ଛାତ୍ରଛାତ୍ରୀ ମୋବାଇଲ ସିଗ୍ନାଲ ପାଇଁ ପାହାଡ ଚଢି, ଗଛ ଉପରେ ବସି ପାଠ ପଢୁଥିବା ଘଟଣା ଆଜି ମଧ୍ୟ ଦେଖାଯାଉଛି । ସରକାର ଯେଉଁଠାରେ ସ୍ମାର୍ଟ କ୍ଲାସ୍‌ର ଘୋଷଣା କରୁଛି, ସେଠାରେ ଛାତ୍ରମାନେ ସିଗ୍ନାଲ ପାଇଁ ହତାଶ । କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳ ଯେଉଁଠି ଦେଶର ଶତାଧିକ କୋଟି ଟଙ୍କାର ଶିଳ୍ପ ଚାଲିଛି, ସେଠି ମଧ୍ୟ ନେଟୱର୍କ ସେବା ଦୟାନୀୟ । ଶିଳ୍ପ ସଂସ୍ଥାନଗୁଡିକ ସିଏସ୍ଆର୍ ଅଧୀନରେ ସ୍ଥାନୀୟ ଗ୍ରାମରେ ମୋବାଇଲ ଟାୱର ନିର୍ମାଣ କିମ୍ବା ଇଣ୍ଟରନେଟ୍ ସୁବିଧା ପ୍ରଦାନରେ କୌଣସି ଉଦ୍ୟମ ନେଉନାହାନ୍ତି । ଏପରି ସମୟରେ ଟେଲିକମ୍ କମ୍ପାନିମାନେ ମଧ୍ୟ ଗ୍ରାମୀଣ ଅଞ୍ଚଳକୁ ଲାଭହୀନ ମାନି ଟାୱର ଲଗାଇବାକୁ ରୁଚି ଦେଉନାହାନ୍ତି । ରାଜ୍ୟ ସରକାର ଓ କେନ୍ଦ୍ର ମଧ୍ୟରେ ଏହି ବିଷୟ ଉପରେ ଚିଠିଚାଲାଣ ଚାଲିଛି, କିନ୍ତୁ ମୂଳ ସମାଧାନ ହେଉନାହିଁ । ନେଟୱର୍କ ନଥିବାରୁ ଗ୍ରାମ ସଚିବାଳୟ, ଜନସେବା କେନ୍ଦ୍ର, ଓଡ଼ିଶା ଓନଲାଇନ ସେବା, ମୋ ସରକାର ଆପ୍ ଭଳି ଯୋଜନାଗୁଡ଼ିକ ଅକାର୍ଯ୍ୟକ ହୋଇଛି । ସ୍ଥାନୀୟ ନାଗରିକମାନଙ୍କ କହିବା, ସରକାର ଯେତେ ଯୋଜନା ଆଣନ୍ତୁ, ଯଦି ନେଟୱର୍କ ନାହିଁ, ତାହା ଆମ ପାଇଁ ଅର୍ଥହୀନ । କିଛି ଶିକ୍ଷିତ ଯୁବକ ଆହ୍ୱାନ କରିଛନ୍ତି ଯେ, ସରକାର ଓ ଶିଳ୍ପ ସଂସ୍ଥାନ ମିଶି ସଂଯୁକ୍ତ ଭାବରେ ନେଟୱର୍କ ବିକାଶ ପାଇଁ ପଦକ୍ଷେପ ନିଅନ୍ତୁ । ଯାଜପୁର ଓ କେନ୍ଦୁଝର ସିମାଞ୍ଚଳର ଅନେକ ଗ୍ରାମରେ ଏହି ଦୃଶ୍ୟ ଏଯାଏ ଦେଖାଯାଉଛି । ଖଣି ଓ ଶିଳ୍ପ ଅନେକ ଅଞ୍ଚଳରେ ନେଟୱର୍କ ନଥିବାରୁ ଲୋକମାନେ ଯୋଗାଯୋଗରେ ଅସୁବିଧା ଭୋଗୁଛନ୍ତି । ଏହି ସମସ୍ୟାରେ ପିଲାମାନେ ଅନଲାଇନ୍ ଶିକ୍ଷା ନେଇପାରୁନାହାନ୍ତି, ରୋଗୀମାନେ ଟେଲିମେଡିସିନ୍ ସେବା ନେଇପାରୁନାହାନ୍ତି ଓ ଲୋକମାନେ ସରକାରୀ ସେବା ମଧ୍ୟ ହାସଲ କରିପାରୁନାହାନ୍ତି । ଭାରତ ଯେତେବେଳେ ଡିଜିଟାଲ ହେଉଛି, ସେତେବେଳେ ଓଡ଼ିଶାର ଏହି ଖଣି ଓ ଶିଳ୍ପ ଅଞ୍ଚଳ ଆଜିଭି ଡିଜିଟାଲ ଅନ୍ଧକାରରେ ରହିଛି ।

ବିଶ୍ୱ ହୃତ୍‌ପିଣ୍ଡ ଦିବସକୁ ବିଶ୍ୱ ହୃଦୟ ଦିବସ କୁହାଯିବା ବୋଧେ ଭୁଲ୍ ହେବ । ହୃଦୟ ଥିଲେ ହିଁ ଜଣେ ହୃଦୟବାନ ମଣିଷ ହୋଇପାରିବ । ଜଣେ ହୃଦୟବାନ ମଣିଷ ଏବଂ ଜଣେ ସଚେତନ ନାଗରିକ ହିଁ ସମାଜକୁ ସଜାଡ଼ି ପାରିବ । ତେଣୁ ହୃଦୟର କିଭଳି ଶୋଧନ ହୋଇପାରିବ ସେ ଦିଗରେ ଗବେଷଣା କରାଯିବା ଉଚିତ୍ । ଆଜିକାଲି ଲୋକଙ୍କ ଛାତିରେ ହୃତ୍‌ପିଣ୍ଡଟିଏ ଥିଲେ ବି ସେଥିରେ ସମ୍ବେଦନଶୀଳତାର ଅଭାବ ରହୁଛି । ତେଣୁ ତାକୁ ଆମେ ହୃଦୟ କହିପାରିବାନି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୨ ଅକ୍ଟୋବର, ୨୦୨୫ | ବୁଧବାର

# ଓଡ଼ିଶା ଏକ୍ସପ୍ରେସ୍

## ହୃଦୟ କାହିଁ ଆଜିକାଲି ?

ନିକଟରେ 'ବିଶ୍ୱ ହୃଦୟ ଦିବସ' ବିଭିନ୍ନ ଜାଗାରେ ଏବଂ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପାଳିତ ହୋଇଯାଇଛି । ଏ ଅବସରରେ ବିଭିନ୍ନ ସଭାସମିତି ସହିତ ଭୁବନେଶ୍ୱରରେ ଏକ 'ୱାକାଥନ'ର ଆୟୋଜନ କରାଯାଇଥିଲା । ୱାକାଥନ କହିଲେ– ମିଳିତ ଚାଲିକୁ ବୁଝାଏ । ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ନିୟମିତ ଚାଲିବା ଦରକାର ବୋଲି ଅଭିଜ୍ଞ ଡାକ୍ତରମାନେ ମତ ଦେଉଛନ୍ତି । ଆମେ ଏବେ ବାଇକ୍, ସ୍କୁଟର ଏବଂ ଚାରିଚକିଆ ଉପରେ ନିର୍ଭର କରିବା ଫଳରେ ଚାଲିବାର ସୁଯୋଗ ପାଉନେ । ସ୍କୁଲ୍– କଲେଜ ପିଲାଏ ମଧ୍ୟ ବାଇକ୍ ଏବଂ ସ୍କୁଟିରେ ସେମାନଙ୍କ ଶିକ୍ଷାନୁଷ୍ଠାନକୁ ଯାଉଛନ୍ତି । ପୂର୍ବରୁ ଚାଲିଚାଲି କିମ୍ବା ଅତିବେଶିରେ ସାଇକେଲ ନେଇ ଯାଉଥିଲେ ସ୍କୁଲ୍– କଲେଜ ପିଲାଏ ।

ଭୁବନେଶ୍ୱରଠାରେ ଆୟୋଜିତ ୱାକାଥନରେ ଯୋଗ ଦେଇ ଅଭିଜ୍ଞ ବକ୍ତାମାନେ କହିଥିଲେ– ବର୍ତ୍ତମାନ ସମଗ୍ର ବିଶ୍ୱରେ ହୃଦ୍‌ରୋଗ ଏକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି । ଏହି ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି । ଯୁବପିଢ଼ି ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଫଳରେ ଆମ ସମାଜର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି । ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାକୁ ହେଲେ ଚାଲିବା ଅଭ୍ୟାସ ଜାରି ରଖିବାକୁ ପଡ଼ିବ ।

ପ୍ରଶ୍ନ ଉଠୁଛି ହୃଦୟ ଆଉ ହୃତ୍‌ପିଣ୍ଡ– ଏ ଦୁଇଟି ଶବ୍ଦର ଅର୍ଥ କ'ଣ ସମାନ ଆଜିକା ଦିନରେ ? ବୋଧେ ନୁହେଁ !

ହୃତ୍‌ପିଣ୍ଡ ମଣିଷକୁ ବଞ୍ଚେଇରଖେ । ହୃତ୍ ସ୍ପନ୍ଦନ ବନ୍ଦ ହୋଇଗଲେ ଜୀବନର ଅନ୍ତ ଘଟେ । କିନ୍ତୁ ହୃଦୟ ମଣିଷକୁ ହୃଦୟବାନ କରେ, ବିବେକୀ କରାଏ, ତେଣୁ ବିବେକୀ ମଣିଷଜଣକ ମରିବା ପରେ ବି ବଞ୍ଚିରହେ ।

ଚାଲିଲେ ହୃତ୍‌ପିଣ୍ଡ ଠିକ୍ ରହିବ, ଏକଥ ସତ, କିନ୍ତୁ ଏଥିରେ ଯେ ବିବେକର ଶୋଧନ ହୋଇପାରିବ ଏବଂ ଜଣେ ବିବେକୀ ଏବଂ ହୃଦୟବାନ ହୋଇପାରିବ ଏକଥାକୁ ଆଜିର ଦିନରେ ଠିକ୍ ଭାବରେ ଗ୍ରହଣ କରିହେଉନି।

ବକ୍ତାମାନେ ମତ ଦେଲେ ଯୁବପିଢ଼ିଙ୍କ ହୃଦୟ ସୁସ୍ଥ ରହିଲେ ହିଁ ସମାଜର ଭବିଷ୍ୟତ ଉଜ୍ଜ୍ୱଳ ହେବ । କିନ୍ତୁ କଥା ହେଉଛି ସେ ହୃଦୟରେ ମଣିଷପଣିଆ ରହିବା ଦରକାର । ସୁସ୍ଥ ହୃଦୟର ଯୁବ କର୍ମଚାରୀମାନେ ମଧ୍ୟ ଦୁର୍ନୀତି ଜାଲରେ ପଡୁଥିବାର ଖବର ପ୍ରକାଶ ପାଉଛି ।

ଆଜିକାଲି ଅଧିକାଂଶ ଲୋକ ଭୋରୁ ଉଠି ଚାଲୁଥିବାର ଦେଖିବାକୁ ମିଳୁଛି, ନିଜ ଶରୀରକୁ ଫିଟ୍ ରଖିବା ପାଇଁ । ଯେଉଁ ବାବୁମାନେ ଦୁର୍ନୀତି ଜାଲରେ ପଡୁଛନ୍ତି ସେମାନେ ଯେ ଭୋରୁ ଉଠି ଚାଲୁନଥିଲେ ଏକଥା କହିବା ଭୁଲ୍ ହେବ । ତେଣୁ ଆମେ ଏଇ ସିଦ୍ଧାନ୍ତରେ ପହଞ୍ଚିପାରିବା ଯେ ଚାଲିଲେ ହୃତ୍‌ପିଣ୍ଡ ସୁସ୍ଥ ରହିପାରେ, ହେଲେ ଏଥିରେ ବିବେକର କୌଣସି ପ୍ରକାର ଶୋଧନ ହୋଇପାରିବନି କି ଏହା ହୃଦୟକୁ ବଦଳାଇପାରିବନି ।

ଚାଲିବା, ବ୍ୟାୟାମ କରିବା, ଯୋଗ ପ୍ରାଣାୟାମ କରିବା ଆଦିରେ ଯଦି ହୃଦୟ ବା ବିବେକର ଶୋଧନ ହୋଇପାରୁଥାନ୍ତା ତା'ହେଲେ ଆଜି ଦେଶରେ ଏତେ ଦୁର୍ନୀତି ନଥାନ୍ତା । ଜଙ୍ଗଲ କାଟି ପଦା କରି ସେଠି ଖଣି ସୃଷ୍ଟି କରି ସୁସ୍ଥ କରିବେଶ ଖୋଜିଲେ ମିଳିବ କେଉଁଠୁ ? ଦାମୀ ଘରେ ମଞ୍ଜି ଶାଗୁଆନ କାଠର ଚଉକାଠ, କବାଟ ଏବଂ ଆସବାବପତ୍ର ରଖି ନିଜକୁ ସମ୍ଭ୍ରାନ୍ତ ପରିଚୟ ଦେବା ପରେ ଜଙ୍ଗଲ ସରିଯାଉଛି– ଏଥିପାଇଁ କାନ୍ଦିବାକୁ ବୋଧେ କୁମ୍ଭୀର କାନ୍ଦଣା କୁହାଯିବା ଠିକ୍ ହେବ ।

ତେଣୁ ବିଶ୍ୱ ହୃତ୍‌ପିଣ୍ଡ ଦିବସକୁ ବିଶ୍ୱ ହୃଦୟ ଦିବସ କୁହାଯିବା ବୋଧେ ଭୁଲ୍ ହେବ । ହୃଦୟ ଥିଲେ ହିଁ ଜଣେ ହୃଦୟବାନ ମଣିଷ ହୋଇପାରିବ । ଜଣେ ହୃଦୟବାନ ମଣିଷ ଏବଂ ଜଣେ ସଚେତନ ନାଗରିକ ହିଁ ସମାଜକୁ ସଜାଡ଼ି ପାରିବ । ତେଣୁ ହୃଦୟର କିଭଳି ଶୋଧନ ହୋଇପାରିବ ସେ ଦିଗରେ ଗବେଷଣା କରାଯିବା ଉଚିତ୍ । ଆଜିକାଲି ଲୋକଙ୍କ ଛାତିରେ ହୃତ୍‌ପିଣ୍ଡଟିଏ ଥିଲେ ବି ସେଥିରେ ସମ୍ବେଦନଶୀଳତାର ଅଭାବ ରହୁଛି । ତେଣୁ ତାକୁ ଆମେ ହୃଦୟ କହିପାରିବାନି ।

ମଣିଷପଣିଆ ରହୁନି ବୋଲି ହିଁ ଯୁବ ସରକାରୀ କର୍ମଚାରୀମାନେ ମଧ୍ୟ ଦୁର୍ନୀତି ପ୍ରବଣ ହେଉଛନ୍ତି ଏବଂ ଦୁର୍ନୀତି ଜାଲରେ ପଡୁଛନ୍ତି, ସୁସ୍ଥ ହୃତ୍‌ପିଣ୍ଡଟିଏ ସେମାନଙ୍କ ଛାତି ଭିତରେ ଥାଇ ମଧ୍ୟ ।

# ସେ ଜଣେ ନିଷ୍ଠାପର କର୍ମବୀର



ଇତିହାସର ଇତି କଥା

ସତ୍ୟବାଦୀ ବଳିଆରସିଂହ

ଖୋର୍ଦ୍ଧା ଅଞ୍ଚଳରେ ବିଶିଷ୍ଟ ସାହିତ୍ୟିକ ଭାବରେ ଯାହାଙ୍କର ସୁନାମ ରହିଆସିଛି ସେ ହେଲେ ତପନ କୁମାର ଜେନା । ଦେଉଳି ବନମାଳୀ ସାହିତ୍ୟ ସଂସଦ ହେଉ କି ଗଡ଼ମାଣତୀର ପ୍ରତିଭା ସାହିତ୍ୟ ସଂସଦ କି ଲୋକିପୁର ସ୍ୱାଗତିକା ସାହିତ୍ୟ ସଂସଦ ହେଉ ପ୍ରତ୍ୟେକ ଅନୁଷ୍ଠାନର ହିତାକାଂକ୍ଷୀ ତଥା ପରାମର୍ଶଦାତା ଭାବେ ତାଙ୍କ ନାଁ ଚର୍ଚ୍ଚାକୁ ଆସେ । ଗଡ଼ମାଣତୀରର ବଳରାମ ରଣସିଂହ, ଲୋକିପୁରର ନିଶିକାନ୍ତ କହଲସିଂହ, ତାତୁମ୍ବର ବାଳକୃଷ୍ଣ ନାୟକ ଓ ଅନନ୍ତାପଲ୍ଲୀର ପଞ୍ଚାନନ ରଥଙ୍କ ମୁହଁରେ ସାହିତ୍ୟିକ ଭାବରେ ତାଙ୍କର ଶତପ୍ରଶଂସା । ଜଗତ୍‌ସିଂହପୁର ଜିଲ୍ଲା ରାଢ଼ଙ୍ଗ ଗ୍ରାମର ତପନ କୁମାର ଜେନା ବେଗୁନିଆ ବୋଲଗଡ଼ ଅଞ୍ଚଳରେ ବିଶିଷ୍ଟ କବି ତଥା ସାହିତ୍ୟିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

ତେବେ ଦେଉଳି ରଘୁନାଥ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାବେ ଡ. ତପନ କୁମାର ଜେନାଙ୍କ କର୍ମ କୁଶଳତା ସର୍ବାଗ୍ରେ ପଶଂସନୀୟ । ସେ ଜଣେ ନିଷ୍ଠାପର କର୍ମବୀର । ଆଉ କିଛିଦିନ ପରେ ସେ ନିଜ କର୍ମକ୍ଷେତ୍ରରୁ ଜୁନ୍ ୩୦ ତାରିଖରେ ଅବସର ନେଇଛନ୍ତି । ତାଙ୍କର କର୍ମମୟ ଜୀବନ ପ୍ରଥମେ ଆରମ୍ଭ ହୋଇଥିଲା ୧୯୯୦ ମସିହାରେ । ସେହି ସମୟର କିଛି ସ୍ମୃତିକୁ ଉଖାରୁଛି । ଯୋଗଜନ୍ମା ସାଧକ ଭାଗିରଥି ସାହୁଙ୍କ ମାନସ ସନ୍ତାନ ହେଉଛି ରଘୁନାଥ ମହାବିଦ୍ୟାଳୟ । ତାଙ୍କସହିତ ପର୍ଶିମେଶ୍ୱର ନାୟକ, ସାରଙ୍ଗଧର ଜେନା, ଭାଗିରଥି ବେହେରା, ଆଲୋକ ମହାନ୍ତି, ବସନ୍ତ କୁମାର ସାହୁ ପ୍ରମୁଖ କେତେକ ବ୍ୟକ୍ତି କଡ଼ବ ଯାଇ ରଘୁନାଥ ପାଇକରାୟଙ୍କୁ ବୁଝାଇବାରେ ସେ ଆନନ୍ଦରେ ଆର୍ଥିକ ସାହାଯ୍ୟ ଦେଇଥିଲେ ଓ ତାଙ୍କ ନାମରେ କଲେଜ ନାମିତ ହୋଇଥିଲା । ରାଜନେତା ଗଙ୍ଗାଧର ପାଇକରାୟ ମଧ୍ୟ ଏହାର ପ୍ରଥମ ସଭାପତି ରହିଲେ । ଭାଗିରଥି ସାହୁ ଏହାର ସଂପାଦକ ପଦ ମଣ୍ଡନ କଲେ । ଏହି କଲେଜ ପାଇଁ ସାନପଦର, କଡ଼ବ, ନାରାୟଣୀପଡ଼ା ଆଦି ପାଖାପାଖି ଗ୍ରାମମାନଙ୍କରୁ ସହଯୋଗ ମିଳିଲା । ଏ ପ୍ରସଙ୍ଗରେ ଦେଉଳି ସହିତ ଅନ୍ୟ ଦୁଇଟି ସ୍ଥାନରେ ଯେଉଁ କଲେଜ ଖୋଲିଥିଲା ସେ ପ୍ରସଙ୍ଗରେ ଅବତାରଣା କରୁଛି । ବାଙ୍କୋଇଠାରେ କାଳିଚରଣ ଜୟସିଂହଙ୍କ ଉଦ୍ୟମକ୍ରମେ ପି.ଏ.ଏନ୍ କଲେଜ ନାମରେ ଯୁକ୍ତଦୁଇ କଲେଜ ଓ ଗଡ଼ବାଣୀକିଲୋରେ ଗଡ଼ବାଣୀକିଲୋ ମହାବିଦ୍ୟାଳୟ ଖୋଲିଥିଲା । ଉଭୟ କଲେଜ ସହ ମୁଁ ସଂପୃକ୍ତ ଥିଲି । କଲେଜ ଗଠନରେ ଅଫିସ୍ କାମ ପାଇଁ ଧାଁଧପଡ଼ କରୁଥିଲେ କାଳିଚରଣ ଜୟସିଂହ । ତେବେ କଲେଜର ଅଫିସ୍ କାମରେ ଦେଉଳି କଲେଜ ସଦାବେଳେ ଆଗରେ ଥାଏ । ଏ ପ୍ରସଙ୍ଗରେ କାଳିବାବୁ କହିଲେ, ଆମ ପ୍ରିନ୍ସିପାଲ୍‌ମାନେ ତ କେହି ଅଫିସ୍ ଯାଉନାହାନ୍ତି, ମୋତେ ସ୍କୁଲ୍‌ରୁ ଛୁଟିନେଇ ଯିବାକୁ ପଡୁଛି । ଦେଉଳି କଲେଜ ପ୍ରିନ୍ସିପାଲ୍ ଭାରି ଚାଲାକ୍ ଓ ବୁଦ୍ଧିଆ । ସେ ଅଫିସ୍‌କୁ ଧାଁ ଧପଡ଼ କରି ସବୁ କାମ କରିପାରୁଛନ୍ତି । ଏହ କଥାରୁ ଅଧ୍ୟକ୍ଷ ଓ ତପନ କୁମାର ଜେନାଙ୍କ କର୍ମଦକ୍ଷତା ଜଣାପଡ଼େ । ମୋର ସହପାଠୀ ବାଇଧର ପ୍ରଧାନ ଦୀର୍ଘଦିନ ଧରି ଯୁକ୍ତଦୁଇ କାଉନ୍‌ସିଲ ସମ୍ପାଦକ ଥିଲେ । କଥା ପ୍ରସଙ୍ଗରେ ସେ ତପନ ବାବୁଙ୍କ କାର୍ଯ୍ୟଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ । ଅଧ୍ୟକ୍ଷ ଦକ୍ଷ ହେଲେ ପରିଚାଳନା ସମିତିକୁ ଅଧିକ ଭାର ସମ୍ଭାଳିବାକୁ ପଡ଼ିନଥାଏ । ଦେଉଳି ରଘୁନାଥ କଲେଜର ଅଧ୍ୟକ୍ଷ ଦପନ ବାବୁଙ୍କ ଭଳି କମାଗୁରୁ ଯୁକ୍ତଦୁଇ ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ମହାନ୍ତି ମଧ୍ୟ ଅନୁରୂପ ଭାବେ ଦକ୍ଷ ବୋଲି ମୋ' ଅଭିଜ୍ଞତାରୁ ମୁଁ ଅନୁଭବ କରିଛି ।

ଡ. ତପନ କୁମାର ଜେନା ଜଣେ ସର୍ବଗୁଣସମ୍ପ ବ୍ୟକ୍ତିତ୍ୱ । ସେ ଯେପରି ବିଦ୍ୱାନ, କଲେଜ ପରିଚାଳନାରେ ମଧ୍ୟ ଦକ୍ଷ ଓ ପ୍ରବୀଣ । ଯୁକ୍ତଦୁଇରୁ ଡିଗ୍ରୀ କଲେଜ କରିବା, ବିଭିନ୍ନ ବିଷୟରେ ଅନର୍ସ ଖୋଲିବା, ଅଧ୍ୟାପକମାନେ କିଭଳି ପି.ଏଚ୍.ଡି କରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରିବା, ବିଭିନ୍ନ ଶ୍ରେଣୀ ଖୋଲିବା, ପ୍ରତ୍ୟେକ ବିଭାଗର ସିଟ୍ ସଂଖ୍ୟା ବୃଦ୍ଧି କରିବା, କଲେଜର ଘର, ହଲ୍, ଖେଳପଡ଼ିଆ, ବଗିଚା ଆଦି ବୃଦ୍ଧି କରିବା ଓ ପ୍ରାଚୀର ନିର୍ମାଣ କରିବା ସବୁ ତାଙ୍କ ଯୋଗୁଁ ସମ୍ଭବ ହୋଇଥିଲା ।

କିଛିବର୍ଷ ତଳେ ମୋର ପ୍ରିୟ ଛାତ୍ର ଢରୋଟାରିଆନ୍ ପ୍ରମୋଦ କୁମାର ସାହୁ ଏକ ପରିବେଶ କାର୍ଯ୍ୟକ୍ରମ ନେଇ ଆମକୁ ନିମନ୍ତ୍ରଣ କରିଥିଲେ । ଖୋର୍ଦ୍ଧାରୁ ଉତ୍ତର ଓଡ଼ିଶା ବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସାହିତ୍ୟିକ ଆଦରମଣି ବରାଳ, ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ ସୁଧାକର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଗୌରୀଶଙ୍କର ପ୍ରହରାଜ ଓ ମୁଁ ସେହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲୁ । କଲେଜ ଅଧ୍ୟକ୍ଷ ତପନ ବାବୁ, ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଭଗବାନ ଜେନା, ଶିକ୍ଷାବିଭାଗ ପ୍ରାଧ୍ୟାପକ ରାମଚନ୍ଦ୍ର ଜେନା, ଲଜିକ ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ବେହେରା, ଇତିହାସର ବିଭୁତି ଭୂଷଣ ଚମ୍ପତିରାୟ ପ୍ରମୁଖ ଆମ୍ଭମାନଙ୍କୁ କଲେଜର ନୂତନ ହଲ୍, ବଗିଚା ଓ ଅନ୍ୟାନ୍ୟ ସ୍ଥଳମାନ ବୁଲାଇ ଦେଖାଇଥିଲେ । ପ୍ରତ୍ୟେକ ବର୍ଗର ସହଯୋଗ ପାଇ ଅଧ୍ୟକ୍ଷ ତପନ ବାବୁ କଲେଜର ଦ୍ରୁତ ଉନ୍ନତି କରିବା ସମ୍ଭବ ବୋଲି ଅନୁଭବ କରିଥିଲୁ । ତପନ ବାବୁ ମର୍ମେ ମର୍ମେ ଅନୁଭବ କରିଥିଲେ ଏକ ଏକଲା ହଟ ଯାଏଗା, ମିଲ୍‌କରି ବୋଝ ଉଠାନା । ମିଳିମିଶି କାମ କରିବା ଓ ସଂଗଠନ କରିବାର କୌଶଳ ତପନ ବାବୁଙ୍କୁ ଜଣା । ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ଯେତେ ପ୍ରଶଂସା କଲେ କମ୍ ହୋଇଯିବ ବୋଲି ମୋର ବିଶ୍ୱାସ । କଲେଜର ପ୍ରତ୍ୟେକ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସମସ୍ତେ ତାଙ୍କର ପ୍ରିୟ । ପ୍ରଥମରୁ ଥିବା ଅଧ୍ୟାପକ ରଗଡ଼ିର ପ୍ରଫୁଲ୍ଲ କୁମାର ସାହୁ ଓ ନୂଆପଲ୍ଲୀର ଭାସ୍କର ଚନ୍ଦ୍ର ମହାନ୍ତି ଏବେ ଇହଧାମରେ ନାହାନ୍ତି । ସେମାନଙ୍କର ମଧ୍ୟ କଲେଜ ଗଠନରେ ପ୍ରମୁଖ ଭୂମିକା ଥିଲା ।

କଲେଜ ଗଠନ ବେଳେ ପ୍ରତ୍ୟେକ ପରିଚାଳନା ସମିତି ସଭ୍ୟମାନଙ୍କ ସହ ସମତୁଲ ସମ୍ପର୍କ ନେଇ ଡ ତପନ ଜେନା ଏକ ମୁଖ୍ୟ ମାଧ୍ୟମ ଥିଲେ । ତାଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତ୍ୟେକଙ୍କୁ ମୁଗ୍ଧ କରୁଥିଲା । ରାଜନେତା ଗଙ୍ଗାଧର ପାଇକରାୟ, ପ୍ରତିଷ୍ଠାତା ସମ୍ପାଦକ ଭାଗିରଥି ସାହୁ, ଅଶୋକ କୁମାର ମହାନ୍ତି, ଢଭାଗିରଥି ବେହେରା, ବସନ୍ତ କୁମାର ବେହେରା, ବସନ୍ତ କୁମାର ସାହୁ ନାରାୟଣୀପଡ଼ାର ପଦ୍ମଚରଣ ରାଉତ, ସାନପଦରର ରାଜକିଶୋର ବ୍ରହ୍ମା, କୁଳାସରର ରଘମେଶ୍ୱର ଖୁଣ୍ଟିଆ, ସାରଙ୍ଗଧର ଜେନା, ଢପର୍ଶିମେଶ୍ୱ ନାୟକ, ଭାସ୍କର ଚନ୍ଦ୍ର ମହାନ୍ତିଙ୍କ ସହ ଉତ୍ତମ ସମ୍ପର୍କ ଯୋଡ଼ି ସେ କଲେଜ ଗଠନରେ ବ୍ରତୀ ଥିଲେ । ଏପରିକି ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ବେହେରା, ଡ ଜେନାଙ୍କ କଠୋର ପରିଶ୍ରମ ଯୋଗୁ କଲେଜ ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି ବୋଲି କହିଥାନ୍ତି ।

ତପନ ବାବୁ ଥିଲେ ଜଣେ ନିଷ୍ଠାପର ଶିକ୍ଷକ । କଲେଜ ଛାତ୍ର ଛାତ୍ରୀମାନଙ୍କ ପ୍ରତି ତାଙ୍କର ଥିଲା ଗଭୀର ଆନ୍ତରିକତା । ଅଧ୍ୟକ୍ଷ ଭାବେ କଠିନ ପରିଶ୍ରମ କରିବାର ସ୍ପୃହା । ନିଜେ କଠୋର ପରିଶ୍ରମ କରି ପିଲାଙ୍କୁ ଜ୍ଞାନ ବିତରଣ କରିବାର ବ୍ରତ ରଖି ପାଉଥିଲେ ଅଶେଷ ଆନନ୍ଦ । ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ଭାଷାରେ–

ଏ ଆଖିଁ ଆମାର ଶରୀରେ ତୋ ନାଇଁ<br>
ଫୁଟେଛେ ମର୍ମତଳେ<br>
ନିର୍ବାଣହୀନ ଅଙ୍ଗାରସମ<br>
ନିଶିଦିନ ଶୁଦ୍ଧଜଳେ ।

ତାଙ୍କର ତ୍ୟାଗ, ତିତିକ୍ଷା, ଶ୍ରମନିପୁଣତା, ସ୍ନେହଶୀଳତା ଚିରକାଳ କଲେଜ ବକ୍ଷରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*

# ଓଡ଼ିଶାରେ ସଂସ୍କୃତ ଶିକ୍ଷାର ବିପର୍ଯ୍ୟୟ

■ ପଣ୍ଡିତ ଡ. ପ୍ରବୋଧ କୁମାର ମିଶ୍ର ■

କେନ୍ଦ୍ର ସରକାରଙ୍କ ସଂସ୍କୃତ ଶିକ୍ଷାନୀତି ସ୍ପଷ୍ଟ ଥିଲାବେଳେ ରାଜ୍ୟ ସରକାରଙ୍କ ସଂସ୍କୃତ ଶିକ୍ଷା ବିପର୍ଯ୍ୟୟଗ୍ରସ୍ତ ହୋଇଛି । ସଂସ୍କୃତ ଟୋଲ ଶିକ୍ଷକଙ୍କ ଦୁର୍ଦ୍ଦଶା ସ୍ପଷ୍ଟ ବାରି ହୋଇପଡୁଛି । ଟୋଲଗୁଡ଼ିକର ବିକାଶ ବଦଳରେ ସ୍ଥାଣୁତା ଦେଖାଦେଇଛି । ଟୋଲମାନଙ୍କରେ ଶିକ୍ଷକମାନଙ୍କ ଅବସର ପରେ ନୂତନ ନିଯୁକ୍ତି ଦିଆଯାଉନାହିଁ । ଶିକ୍ଷକ ଅଭାବରୁ ଦିନକୁ ଦିନ ଛାତ୍ର ସଂଖ୍ୟା ମଧ୍ୟ କମିବାରେ ଲାଗିଛି । ଛାତ୍ର ସଂଖ୍ୟା କମିବା ଫଳରେ ବିଜେଡି ସରକାର ଅମଳରେ ଅଧିକାଂଶ ଟୋଲକୁ ଭାଙ୍ଗି ହାଇସ୍କୁଲ ସହିତ ମିଶାଇ ଦେଇଥିଲେ । ପାଖାପାଖି ୨୦୦ ଟୋଲ ମଧ୍ୟରୁ ବର୍ତ୍ତମାନ ୧୨୦ ଟୋଲ ରହିଛି । ଏହି ଟୋଲଗୁଡ଼ିକର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି । ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାର ଓ ଓଡ଼ିଶା ରାଜ୍ୟରେ ମଧ୍ୟ ବିଜେପି ସରକାର ଶାସନରେ ଥିବାବେଳେ ସଂସ୍କୃତ ଶିକ୍ଷା ତଥା ଟୋଲଗୁଡ଼ିକର ଶୋଚନୀୟ ଅବସ୍ଥାର କିଛି ପରିବର୍ତ୍ତନ ଦେଖାଯାଉନାହିଁ । ଅନୁଷ୍ଠାନ ତିଆରି କରିବା କଷ୍ଟ କିନ୍ତୁ ଭାଙ୍ଗିଦେବା ସହଜ । ବିଜେଡି ସରକାର ଅମଳରେ ଭାଙ୍ଗିଯାଇଥିବା ଟୋଲଗୁଡ଼ିକର ପୁନରୁଦ୍ଧାର ବିଜେପି ସରକାର ଅମଳରେ ହେବ ବୋଲି ଆଶା ଥିଲା । ଓଡ଼ିଶାର ଦିଗ୍‌ଗଜ ନେତା ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରରେ ଶିକ୍ଷାମନ୍ତ୍ରୀ ଥିବାବେଳେ ଓଡ଼ିଶାର ଜନସାଧାରଣ ତାଙ୍କଠାରୁ ସଂସ୍କୃତ ଭାଷାର ଓ ସଂସ୍କୃତ ଶିକ୍ଷାର ଉନ୍ନତି କ୍ଷେତ୍ରରେ ବହୁ ଆଶା ରଖିଥିଲେ । କିନ୍ତୁ ଆଶା ନିରାଶାରେ ପରିଣତ ହେବାଭଳି ଜଣାପଡୁଛି ।

ବିଭିନ୍ନ ସମୟରେ ଟିଜି ଓ ଆଚାର୍ଯ୍ୟ ଦରମାର ପାର୍ଥକ୍ୟ ଦୂରୀକରଣ ପାଇଁ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ନିବେଦନ କ୍ରମେ ତା ୧୬.୧୧.୨୦୦୯ରିଖ ଉଚ୍ଚସ୍ତରୀୟ କମିଟିର ନିଷ୍ପତ୍ତି ଅନୁସାରେ ସଂସ୍କୃତ ଶିକ୍ଷକମାନଙ୍କର ଯୋଗ୍ୟତା ଓ ବୃତ୍ତି ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ବିଜ୍ଞପ୍ତି ସଂ ୧୭୫୪୨ ତା ୫.୯.୨୦୧୧ ଓ ସଂ ୧୪୨୬୦ ତା ୪. ୬.୨୦୧୨ରେ ପ୍ରକାଶିତ ହୋଇଥିଲା । ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ବନ୍ଦନା ଜେନାଙ୍କ ଅମଳରେ ଆରମ୍ଭ ହୋଇ ପରବର୍ତ୍ତୀ ଶାସନ ସଚିବ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ସମୟରେ ଅର୍ଥ ବିଭାଗର ମଞ୍ଜୁରି ପରେ ଏହି ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । ପରେ ମୁଷ୍ଟିମେୟ ପ୍ରଶାସକଙ୍କ ଚକ୍ରାନ୍ତ ଫଳରେ ପରବର୍ତ୍ତୀ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଓ ଶ୍ରୀମତୀ ରଞ୍ଜନା ଚୋପ୍ରାଙ୍କ ସମୟରେ ଏହା କାର୍ଯ୍ୟକାରୀ ହେବା ପରିବର୍ତ୍ତେ ଏନ୍‌ସିଟିଇ ଗାଇଡ୍ ଲାଇନ୍‌ର ବାହାନା ଦେଖାଇ ବିଭାଗୀୟ ନିର୍ଦ୍ଦେଶନାମା ସଂ୨୩୩୯୯ ତା ୨୭.୧୦.୨୦୧୪ ରିଖରେ ଅର୍ଥ ବିଭାଗର ବିନା ମଞ୍ଜୁରୀରେ ଅନେକ ଅଂଶ ପରିବର୍ତ୍ତନ କରି ଶିକ୍ଷକ ନିଯୁକ୍ତି ଓ ବେତନ କ୍ଷେତ୍ରରେ ବହୁ ଅବ୍ୟବସ୍ଥା କରାଯାଇଥିଲା । ପରବର୍ତ୍ତୀ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମୟରେ ବିଜ୍ଞପ୍ତି ସଂ ୧୨୪୮୩ ତା ୧.୭.୨୦୧୯ରିଖରେ ତାହା ସଂଶୋଧିତ ହୋଇଥିଲା ପୁନର୍ବାର ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅମଳରେ ବିଜ୍ଞପ୍ତି ସଂ ୧୬୨୦୮ ତା ୧୮.୧୧.୨୦୨୦ ରିଖରେ ଯୋଗ୍ୟତା କେବଳ ଶିକ୍ଷା ଶାସ୍ତ୍ରୀ ରଖାଯାଇ ୧୭୫୪୨ ତା ୫.୯.୨୦୧୧ ଓ ୨୩୩୯୯ ତା ୨୭.୧୦.୨୦୨୪ ରିଖ ବିଜ୍ଞପ୍ତିକୁ ସୁପରସିଡ୍ କରାଯାଇ ଆଚାର୍ଯ୍ୟ ଉପାଧି ଧାରୀଙ୍କୁ ଅବହେଳିତ କରାଗଲା । ଏହାଦ୍ୱାରା ଛାତ୍ରମାନେ ଆଚାର୍ଯ୍ୟ ଓ ଏମ୍.ଏ. ସଂସ୍କୃତ ପଢ଼ିବେ ନାହିଁ, ଯାହାଫଳରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ସାଧାରଣ ବିଶ୍ୱବିଦ୍ୟାଳୟମାନଙ୍କର ସ୍ନାତକୋତ୍ତର ବିଭାଗର ଅବସ୍ଥା ଖରାପ ଆଡ଼କୁ ଗତି କରିବ । ରାଜ୍ୟ ସରକାର ଅନ୍ୟ ଶିକ୍ଷକମାନଙ୍କ ପାଇଁ ପର୍ଯ୍ୟାପ୍ତ ଟ୍ରେନିଂ ବ୍ୟବସ୍ଥା କରିଥିଲେ ମଧ୍ୟ ସଂସ୍କୃତ ଶିକ୍ଷକମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରିନାହାଁନ୍ତି । କିନ୍ତୁ ମୁଷ୍ଟିମେୟ ପ୍ରଶାସକଙ୍କ ପ୍ରସ୍ତାବରେ ସହମତ ହୋଇ ସଂସ୍କୃତ ଶିକ୍ଷା ଓ ଶିକ୍ଷକଙ୍କ ମୂଳୋତ୍ପାଟନ କରିବାକୁ ତତ୍ପର ହୋଇଛନ୍ତି । ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ୫୦ ସିଟ୍ ଓ ସଦାଶିବ କେନ୍ଦ୍ରୀୟ ସଂସ୍ଥାନରେ ୧୦୦ ସିଟ୍ ତାହା ଓଡ଼ିଶା ପାଇଁ ଯଥେଷ୍ଟ ନୁହେଁ । ଯାହାଫଳରେ ଅନ୍ୟ ଷ୍ଟେଟ୍‌ରୁ ଶିକ୍ଷାଶାସ୍ତ୍ରୀ ପିଲା ଆସି ଓଡ଼ିଶାରେ ଚାକିରି କରୁଛନ୍ତି ଓ ଓଡ଼ିଶା ପିଲା ଚାକିରିରୁ ବଞ୍ଚିତ ହେଉଛନ୍ତି । ଏଣୁ ସରକାର ଟ୍ରେନିଂ ପାଇଁ ବାଣୀବିହାର, ଭଞ୍ଜବିହାର ଓ ଜ୍ୟୋତିବିହାର ପ୍ରଭୃତି ବିଶ୍ୱବିଦ୍ୟାଳୟମାନଙ୍କରେ ସିଟ୍ ସଂଖ୍ୟା ସୃଷ୍ଟି କରି ବ୍ୟବସ୍ଥା କରିବା ବାଞ୍ଛନୀୟ । ଚାକରି କ୍ଷେତ୍ରରେ ଥିବା ଅନ୍‌ଟ୍ରେଣ୍ଡ ଶିକ୍ଷକମାନଙ୍କୁ ଦରମା ସହିତ ଇନ୍‌ସର୍ଭିସ୍ ଟ୍ରେନିଂର ବ୍ୟବସ୍ଥା କରିବା ଦରକାର କିମ୍ବା ଦୂରନିରନ୍ତର ଶିକ୍ଷା ଶାସ୍ତ୍ରୀ ବ୍ୟବସ୍ଥା ପ୍ରଚଳନ କରି ଦଶହରା, ଏକ୍ସମାସ୍ ଓ ଖରାଛୁଟିରେ ଟ୍ରେନିଂ ଦେଇ ନିଯୁକ୍ତି ଦିବସରୁ ବରିଷ୍ଠତା ଭିତିରେ କ୍ୟାଡର ଓ ପ୍ରମୋଶନ ବ୍ୟବସ୍ଥା କରିବା ଦରକାର । ୨୦୧୮ ମସିହାରୁ ସଂସ୍କୃତ ଶିକ୍ଷକମାନଙ୍କର କ୍ୟାଡର ଓ ପ୍ରମୋଶନ ପାଇଁ ଉଦ୍ୟମ ଜାରି ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହା ପୂରଣ ହୋଇପାରିଲା ନାହିଁ । ୯୩ କ୍ୟାଡର ରୁଲ୍ ସଂଶୋଧନ ହୋଇ ଫାଇଲ ଫେରିଥିଲେ ମଧ୍ୟ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ । ଯଦି ପର୍ଯ୍ୟାପ୍ତ ଟ୍ରେନିଂ ବ୍ୟବସ୍ଥା ସରକାର କରିପାରୁନାହାନ୍ତି ତାହାହେଲେ ସଂ ୧୭୨୦୮ ତା ୧୮.୧୧.୨୦୨୦ ରିଖ ବିଜ୍ଞପ୍ତିକୁ ରଦ୍ଦ କରି ପୂର୍ବ ବିଜ୍ଞପ୍ତିକୁ ବଳବତ୍ତର ରଖି ୫୦ଭାଗ ଆଚାର୍ଯ୍ୟ ଓ ୫୦ଭାଗ ଶିକ୍ଷା ଶାସ୍ତ୍ରୀ ନିଯୁକ୍ତି ଦେବାର ବ୍ୟବସ୍ଥା କରନ୍ତୁ। ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀର ବିକଳ୍ପ ବ୍ୟବସ୍ଥାରେ ଖୋଲାଯାଇଥିବା ଧନ୍ଦାମୂଳକ ଶିକ୍ଷାର ଉଚ୍ଛେଦ କରାଯାଇ ସ୍ୱତନ୍ତ୍ର ଭାବେ ଅବସ୍ଥିତ କରାଯାଉ ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂ ୧୯୦୨୩ ତା ୫.୮.୨୪ ରିଖରେ ମାଧ୍ୟମିକ ଶିକ୍ଷାନିର୍ଦ୍ଦେଶକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂ ୧୩୪୮୩ ତା ୧.୭.୨୦୧୯ରିଖରେ ଆବଶ୍ୟକୀୟ ସ୍ପଷ୍ଟୀକରଣ ଦିଆଯାଇଛି ବୋଲି କୁହାଯାଇଛି । ତାହା ଜିଲ୍ଲା ଶିକ୍ଷା ଅଧିକାରୀମାନେ ବୁଝି କାର୍ଯ୍ୟକାରୀ କରୁନାହାନ୍ତି। ପାରା 'ଡି'ରେ ଯେଉଁ ଅଣତାଲିମପ୍ରାପ୍ତ ସଂସ୍କୃତ ଶିକ୍ଷକମାନେ ତା ୨୭.୧୦.୨୦୧୪ ରିଖ ପୂର୍ବରୁ ନିଯୁକ୍ତି ପାଇଥିବେ ଏବଂ ପତ୍ର ସଂ ୨୩୩୯୯ ତା ୨୭.୧୦.୧୨ ଅନୁଯାୟୀ କମନ୍ ଯୋଗ୍ୟତା ହାସଲ କରିଥିବେ, ସେମାନେ ଟିଜି ସ୍କେଲ ପାଇପାରିବେ। ଯେହେତୁ ଏହି ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକମାନେ, ସେମାନଙ୍କର ନିଯୁକ୍ତି ତା ୨୭.୧୦.୨୦୧୪ ରିଖର ବହୁ ପୂର୍ବରୁ, ତେଣୁ ସେମାନଙ୍କ କ୍ଷେତ୍ରରେ ୫୦ ପ୍ରତିଶତ ମାର୍କ ରଖିବା ଯୁକ୍ତିଯୁକ୍ତ ନୁହେଁ । ଯେଉଁମାନେ ୨୭.୧୦.୨୦୧୪ ରିଖ କିମ୍ବା ତା'ପରେ ନିଯୁକ୍ତି ପାଇବେ, କେବଳ ସେମାନଙ୍କ କ୍ଷେତ୍ରରେ ଏହି ସର୍ତ୍ତାବଳୀ ପ୍ରଯୁଜ୍ୟ ହେବା କଥା। ଏହି ଫାଇଲ ଗଣଶିକ୍ଷା ବିଭାଗରେ ଦୀର୍ଘ ୩ ବର୍ଷ ଧରି ଘୁରିବୁଲୁଥିଲେ ମଧ୍ୟ ସ୍ପଷ୍ଟୀକରଣ ଆଦେଶନାମା ବାହାରୁ ନାହିଁ । ଏହି ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକମାନଙ୍କ ପାଇଁ ନିୟମର ସାମାନ୍ୟ କୋହଳ କରି ପାରା 'ଡି'ର ଆଂଶିକ ପରିବର୍ତ୍ତନ କରି ସ୍ପଷ୍ଟୀକରଣ ଦିଆଗଲେ, ସେମାନେ ଉପକୃତ ହୁଅନ୍ତେ ।

୨୦୧୪ ମସିହା ଆଡଭାଟାଇଜମେଣ୍ଟ ଅନୁସାରେ ଶିକ୍ଷା ଶାସ୍ତ୍ରୀଙ୍କୁ ୫୦ ପ୍ରତିଶତ ଓ ଆଚାର୍ଯ୍ୟ ଏମ୍‌ଏ ସଂସ୍କୃତମାନଙ୍କୁ ୫୦ ପ୍ରତିଶତ ନିଯୁକ୍ତି ଦେବା କଥା କିନ୍ତୁ ପ୍ରଥମତଃ ଶିକ୍ଷାଶାସ୍ତ୍ରୀମାନଙ୍କୁ ନିଯୁକ୍ତି ଦିଆଗଲା ଓ ଅବଶିଷ୍ଟ ବଳକା ସ୍ଥାନରେ କିଛି ଆଚାର୍ଯ୍ୟ ଓ ଏମ୍‌ଏ ସଂସ୍କୃତଙ୍କୁ ନିଯୁକ୍ତି ଦିଆଗଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ସର୍ଭିସ୍ ରେଗୁଲାର ହୋଇପାରିନାହିଁ । ଏଣୁ ବିହିତ ପଦକ୍ଷେପ ନେଇ ରେଗୁଲାର କରାଗଲେ ସେମାନେ ଉପକୃତ ହୁଅନ୍ତେ । ଯେଉଁ ଆଚାର୍ଯ୍ୟ ଓ ଏମ୍.ଏ. ସଂସ୍କୃତ ଯୋଗ୍ୟତା ଧାରୀ ନିଯୁକ୍ତିରୁ ବାଦ୍ ପଡ଼ିଲେ ସେମାନେ କୋର୍ଟର ଆଶ୍ରୟ ନେଇ କୋର୍ଟ ଅର୍ଡର ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । କାରଣ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ସହ ନିର୍ଦ୍ଦେଶକ ସେହି କୋର୍ଟ ଅର୍ଡରକୁ ରଦ୍ଦ କଲେ, ଯାହାଫଳରେ ସେମାନେ ପୁନର୍ବାର ହାଇକୋର୍ଟର ଆଶ୍ରୟ ନେଇଛନ୍ତି । ଏସବୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସ୍ଥାଣୁ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏଣୁ ବର୍ତ୍ତମାନର ସରକାର ଓ ବର୍ତ୍ତମାନର ଶାସନ ସଚିବ ସକ୍ରିୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଗଣଶିକ୍ଷା ବିଭାଗ ଓ ମାଧ୍ୟମିକ ଶିକ୍ଷା କ୍ରିୟାଶୀଳ ହେବ ।

ଆଡଭାଇଟାଇଜମେଣ୍ଟରେ ଟିଜିଟି ଆର୍ଟ୍ସ, ଟିଜିଟି ସାଇନ୍ସ (ପିସିଏମ୍) (ସିବିଜେଡ୍) ଲେଖାଯାଉଛି କିନ୍ତୁ ହିନ୍ଦୀ ଟିଚର, କ୍ଲାସିକାଲ ଟିଚର, ତେଲୁଗୁ, ଉର୍ଦ୍ଦୁ, ପିଇଟି ସ୍ଥାନରେ ସେମାନଙ୍କର ଯୋଗ୍ୟତା ଥିଲେ ମଧ୍ୟ ଟିଜିଟି କ୍ଲାସିକାଲ, ହିନ୍ଦୀ, ତେଲୁଗୁ, ଉର୍ଦ୍ଦୁ, ପିଇଟି ଲେଖାଯାଉନାହିଁ କାହିଁକି? ହିନ୍ଦୀ ୨୦୦୮, ସଂସ୍କୃତ ୨୦୧୧ ମସିହାରୁ ଏମାନେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଏମାନଙ୍କ ପାଇଁ କ୍ୟାଡର ଓ ପ୍ରମୋଶନ ଲାଗୁ ହେଉନାହିଁ କାହିଁକି? ଟୋଲ ମାନଙ୍କର ଖାଲି ପଦବୀ ପୂରଣ ହେଉନାହିଁ କାହିଁକି? ଗଣଶିକ୍ଷା ବିଭାଗ ଏହାର ଉପଯୁକ୍ତ ବିଚାର କରି ନିରପେକ୍ଷ ଭାବେ ନିଯୁକ୍ତି, କ୍ୟାଡର ଓ ପ୍ରମୋଶନ କାର୍ଯ୍ୟକାରୀ କଲେ ସମସ୍ତ ଶିକ୍ଷକ ସମାଜ ଉପକୃତ ହୁଅନ୍ତେ ।

*ସହିଦ ନଗର, ଭୁବନେଶ୍ୱର*
*ମୋ. ୯୪୩୯୯୨୫୩୦୭*

# ଅଶଫାକୁଲ୍ଲା ଖାଁ : କ୍ରାନ୍ତିକାରୀ ସଂଗ୍ରାମର ଆପୋଷହୀନ ଶିଖା!

■ ଅସିତ ମହାନ୍ତି ■

ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ସର୍ବାଙ୍ଗରେ, ଅଶଫାକୁଲ୍ଲା ଖାଁ ଜଣେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଭାବରେ ଠିଆ ହୋଇଛନ୍ତି– ଦୃଢ଼ ବିଶ୍ୱାସ, କାର୍ଯ୍ୟରେ ନିର୍ଭୀକ ଏବଂ ଏକ ସ୍ୱାଧୀନ ଭାରତର ସ୍ୱପ୍ନ ପ୍ରତି ଗଭୀର ପ୍ରତିବଦ୍ଧ । ତାଙ୍କର ଜୀବନ, ଦୁଃଖଦ ଭାବରେ ସଂକ୍ଷିପ୍ତ ହେଲେ ମଧ୍ୟ, ବିପ୍ଳବୀ ଆଦର୍ଶବାଦ ଏବଂ ସର୍ବଧର୍ମ ସଂହତିର ଶକ୍ତିର ପ୍ରମାଣ ଥିଲା । ଯେତେବେଳେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସାମ୍ବିଧାନିକ ସଂସ୍କାର ଏବଂ ନାଗରିକ ଅମାନ୍ୟତାର ଧାରା ପାର କରୁଥିଲା, ଅଶଫାକୁଲ୍ଲା ଖାନ ସଶସ୍ତ୍ର ପ୍ରତିରୋଧର ପଥ ବାଛିଥିଲେ, ବିଶ୍ୱାସ କରୁଥିଲେ ଯେ ବ୍ରିଟିଶ ସାମ୍ରାଜ୍ୟବାଦ ପ୍ରତି ଏକ ସାହସିକ ଏବଂ ସିଧାସଳଖ ଚ୍ୟାଲେଞ୍ଜ କେବଳ ଏକ ପରାଧୀନ ରାଷ୍ଟ୍ରକୁ ଜାଗ୍ରତ କରିପାରିବ ।

୧୯୦୦ ମସିହା ଅକ୍ଟୋବର ୨୨ ତାରିଖରେ ବ୍ରିଟିଶ ଭାରତର ସଂଯୁକ୍ତ ପ୍ରଦେଶର ଶାହଜାହାନପୁରରେ ଜନ୍ମଗ୍ରହଣ କରିଥିବା ଅଶଫାକୁଲ୍ଲା ଖାଁ ପଠାଣ ବଂଶର ଏକ ଧର୍ମପରାୟଣ ମୁସଲିମ ପରିବାରରେ ପାଳିତ ହୋଇଥିଲେ । ବାଲ୍ୟକାଳରୁ, ସେ କବିତା ଏବଂ ଦେଶପ୍ରେମ ପ୍ରତି ଆକର୍ଷିତ ହୋଇଥିଲେ, ୱାର୍ସି ଛଦ୍ମନାମରେ ଲେଖିଥିଲେ । କିନ୍ତୁ ଏହା କେବଳ ଉର୍ଦ୍ଦୁ ପଦର ଗୀତିକବିତା ଲୟ ତାଙ୍କ ଆତ୍ମାକୁ ଆନ୍ଦୋଳିତ କରିନଥିଲା– ଏହା ଥିଲା ବିପ୍ଳବର ଆହ୍ୱାନ । ୧୯୧୯ ମସିହାର ଜାଲିଆନୱାଲା ବାଗ ହତ୍ୟାକାଣ୍ଡ ଏବଂ ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତୀୟ ଆଶା ପ୍ରତି ବିଶ୍ୱାସଘାତକତା ତାଙ୍କ ବିବେକ ଉପରେ ଗଭୀର ଛାପ ଛାଡ଼ିଥିଲା । ତାଙ୍କ ପିଢ଼ିର ଅନେକ ଯୁବ ଭାରତୀୟଙ୍କ ପରି, ସେ ସାମ୍ବିଧାନିକ ରାଜନୀତିର ଧୀର ଗତି ଏବଂ ଅହିଂସାର ସୀମାବଦ୍ଧତା ପ୍ରତି ଭ୍ରମିତ ହୋଇଯାଇଥିଲେ । ସେ ଏକ ଅଧିକ ମୌଳିକ ପଥ ଖୋଜୁଥିଲେ– ଯାହା ଉପନିବେଶବାଦୀ ଶାସନର ମୂଳଦୁଆକୁ ହଲାଇ ଦେବ ।

ଅଶଫାକୁଲ୍ଲାଙ୍କ କ୍ରାନ୍ତିକାରୀ ଯାତ୍ରା ହିନ୍ଦୁସ୍ତାନ ରିପବ୍ଲିକାନ୍ ଆସୋସିଏସନ୍ (HRA)ରେ ଏହାର ଆଙ୍କ ପାଇଥିଲା, ଯାହା ୧୯୨୪ ମସିହାରେ ସଶସ୍ତ୍ର ସଂଘର୍ଷ ମାଧ୍ୟମରେ ଭାରତକୁ ମୁକ୍ତ କରିବା ଲକ୍ଷ୍ୟରେ ପ୍ରତିଷ୍ଠିତ ଏକ ଗୁପ୍ତ ସଂଗଠନ ଥିଲା । ରାମ ପ୍ରସାଦ ବିସମିଲ୍, ଚନ୍ଦ୍ରଶେଖର ଆଜାଦ୍ ଏବଂ ରାଜେନ୍ଦ୍ର ଲାହିରୀଙ୍କ ପରି ପ୍ରବୀଣଙ୍କ ସହିତ, ଅଶଫାକୁଲ୍ଲା ବ୍ରିଟିଶ ଶୋଷଣରୁ ମୁକ୍ତ ଏକ ଗଣରାଜ୍ୟର କଳ୍ପନା କରିଥିଲେ । HRA କେବଳ ଏକ ସଂଗ୍ରାମୀ ସଂଗଠନ ନଥିଲା ଏହା ଧର୍ମନିରପେକ୍ଷ ଜାତୀୟତାର ଏକ ପ୍ରତୀକ ଥିଲା । ଉପନିବେଶବାଦୀ ନୀତି ଦ୍ୱାରା ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି ପାଉଥିଲା, ଅଶଫାକୁଲ୍ଲା ଏବଂ ବିସମିଲ୍– ଜଣେ ଭକ୍ତ ମୁସଲମାନ, ଅନ୍ୟ ଜଣେ ପ୍ରତିବଦ୍ଧ ହିନ୍ଦୁ– କେବଳ ବିପ୍ଳବୀ ଆଦର୍ଶ ନୁହେଁବରଂ ଏକ ଗଭୀର ବନ୍ଧୁତା ବାଣ୍ଟିଥିଲେ ଯାହା ସେହି ସମୟର ବିଭାଜନକାରୀ କାହାଣୀକୁ ବିରୋଧ କରିଥିଲା ।

ଅସଫାକୁଲ୍ଲା ଖାଁଙ୍କ ବିପ୍ଳବୀ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଆସିଲା ୯ ଅଗଷ୍ଟ ୧୯୨୫ର କାକୋରି ଟ୍ରେନ ଡକାୟତି ସହିତ । ଏହାର କାର୍ଯ୍ୟକଳାପକୁ ବଜାୟ ରଖିବା ପାଇଁ ପାଣ୍ଠିର ଅତ୍ୟନ୍ତ ଆବଶ୍ୟକତା ଥିବା HRA ଲକ୍ଷ୍ନୌ ନିକଟସ୍ଥ କାକୋରି ନିକଟରେ ଏକ ବ୍ରିଟିଶ ସରକାରୀ ଟ୍ରେଜେରୀ ଟଙ୍କା ନେଇ ଯାଉଥିବା ଏକ ସାହସିକ ଡକାୟତି ଯୋଜନା କରିଥିଲା । ଏହି ଅଭିଯାନଟି ସତର୍କତାର ସହିତ କାର୍ଯ୍ୟକାରୀ ହୋଇଥିଲା ଏବଂ ବିପ୍ଳବୀମାନେ ନଗଦ ଟଙ୍କା ନେଇ ପଳାଇ ଯାଇଥିଲେ । କିନ୍ତୁ ବ୍ରିଟିଶଙ୍କ ପ୍ରତିକ୍ରିୟା ଦ୍ରୁତ ଏବଂ ନିଷ୍ଠୁର ଥିଲା । ଏକ ବିଶାଳ ଖୋଜାଖୋଜି ଆରମ୍ଭ ହୋଇଥିଲା ଏବଂ ମାସକ ମଧ୍ୟରେ ଅଧିକାଂଶ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରାଯାଇଥିଲା । ଅସଫାକୁଲ୍ଲା ପ୍ରାୟ ଗୋଟିଏ ବର୍ଷ ଧରି ଧରାପଡ଼ିବାରୁ ରକ୍ଷା ପାଇ ବିଭିନ୍ନ ସହରରେ ଆଶ୍ରୟ ନେଇଥିଲେ ଏବଂ ଆଫଗାନିସ୍ତାନକୁ ପଳାଇବାକୁ ଚେଷ୍ଟା କରିଥିଲେ । ଶେଷରେ, ଜଣେ ବିଶ୍ୱସ୍ତଙ୍କ ଦ୍ୱାରା ତାଙ୍କୁ ବିଶ୍ୱାସଘାତକତା କରାଯାଇଥିଲା ଏବଂ ଦିଲ୍ଲୀରେ ଗିରଫ କରାଯାଇଥିଲା ।

ଏହା ପରେ ଏକ ବିଚାର ହୋଇଥିଲା ଯାହା ଦେଶକୁ ଆକର୍ଷିତ କରିଥିଲା । ବ୍ରିଟିଶମାନେ କାକୋରି ଷଡ଼ଯନ୍ତ୍ରକାରୀଙ୍କ ଉଦାହରଣ ଦେବାକୁ ଚେଷ୍ଟା କରିଥିଲେ, ସେମାନଙ୍କୁ ରାଜା ବିରୁଦ୍ଧରେ ଷଡ଼ଯନ୍ତ୍ର ଏବଂ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରିଥିଲେ । ଡକାୟତି ସମୟରେ ଜଣେ ଯାତ୍ରୀଙ୍କ ହତ୍ୟା ସହିତ ଅସଫାକୁଲ୍ଲାଙ୍କୁ ଜଡିତ କରୁଥିବା ସିଧାସଳଖ ପ୍ରମାଣର ଅଭାବ ସତ୍ତ୍ୱେ, ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଫୈଜାବାଦ ଜେଲରେ ତାଙ୍କର ଶେଷ ଦିନଗୁଡ଼ିକ ଆଧ୍ୟାତ୍ମିକ ପ୍ରତିଫଳନ, କାବ୍ୟିକ ଅଭିବ୍ୟକ୍ତି ଏବଂ ଅଟଳ ସଂକଳ୍ପ ଦ୍ୱାରା ଚିହ୍ନିତ ଥିଲା । ସେ ତାଙ୍କ ପରିବାରକୁ ଚିଠି ଲେଖିଥିଲେ, ମାତୃଭୂମି ପ୍ରତି ତାଙ୍କର ପ୍ରେମକୁ ପ୍ରତିଫଳିତ କରୁଥିବା ପଦ୍ୟଗୁଡ଼ିକ ରଚନା କରିଥିଲେ ଏବଂ ଶାନ୍ତିର ସହିତ ସହିଦଙ୍କୁ ଗ୍ରହଣ କରିଥିଲେ । ୧୯ ଡିସେମ୍ବର ୧୯୨୭ରେ, ୨୭ ବର୍ଷ ବୟସରେ, ଅସଫାକୁଲ୍ଲା ଖାନଙ୍କୁ ଫାଶୀ ଦିଆଯାଇଥିଲା– ସେ ଭାରତର ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସହିଦମାନଙ୍କ ମଧ୍ୟରୁ ଜଣେ ହୋଇଥିଲେ ।

ଅସଫାକୁଲ୍ଲାଙ୍କ ଐତିହ୍ୟକୁ ସ୍ଥାୟୀ କରୁଥିବା ବିଷୟ କେବଳ ତାଙ୍କର ବଳିଦାନ ନୁହେଁ, ବରଂ ସେ ଯେଉଁ ମୂଲ୍ୟବୋଧଗୁଡ଼ିକୁ ପ୍ରତିପାଦନ କରିଥିଲେ ତାହା । ସେ ଅସାଧୁ ଅଖଣ୍ଡତାର ଜଣେ ବିପ୍ଳବୀ ଥିଲେ, ଯିଏ ଚରମ ଚାପ ମଧ୍ୟରେ ମଧ୍ୟ କ୍ଷମା ମାଗିବାକୁ କିମ୍ବା ତାଙ୍କ ସାଥୀମାନଙ୍କୁ ବିଶ୍ୱାସଘାତ କରିବାକୁ ମନା କରିଥିଲେ । ତାଙ୍କ ଜୀବନ ଔପନିବେଶିକ କାହାଣୀ ପ୍ରତି ଏକ ଭର୍ତ୍ସନା ଥିଲା ଯାହା ଭାରତୀୟମାନଙ୍କୁ ଧାର୍ମିକ ରେଖାରେ ବିଭକ୍ତ କରିବାକୁ ଚାହୁଁଥିଲା । ଅସଫାକୁଲ୍ଲାଙ୍କ ଦୃଷ୍ଟିକୋଣରେ, ହିନ୍ଦୁ–ମୁସଲିମ ଏକତା ଏକ ରାଜନୈତିକ ସ୍ଲୋଗାନ ନଥିଲା ବରଂ ଏକ ଜୀବନ୍ତ ବାସ୍ତବତା ଥିଲା । ବିସମିଲଙ୍କ ସହିତ ତାଙ୍କର ବନ୍ଧୁତା, ସେମାନଙ୍କର ସମାନ ଆଦର୍ଶ ଏବଂ ସେମାନଙ୍କର ମିଳିତ ସହିଦତା ଏକ ସମନ୍ୱିତ ଜାତୀୟତାର ପ୍ରତୀକ ହୋଇଗଲା ଯାହା ସାମ୍ପ୍ରଦାୟିକ ସୀମା ଅତିକ୍ରମ କରିଥିଲା ।

ଅଧିକନ୍ତୁ, ଅଶଫାକୁଲ୍ଲାଙ୍କ ସଶସ୍ତ୍ର ପ୍ରତିରୋଧ ପ୍ରତିବଦ୍ଧତା ନିଜ ସ୍ୱାର୍ଥ ପାଇଁ ହିଂସାରୁ ଜନ୍ମ ନେଇନଥିଲା, ବରଂ ଅନ୍ୟାୟ ବିରୁଦ୍ଧରେ ଏକ ଗଭୀର ନୈତିକ ଆକ୍ରୋଶରୁ ଜନ୍ମ ନେଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ଯେତେବେଳେ ଶାନ୍ତିପୂର୍ଣ୍ଣ ଉପାୟ ନ୍ୟାୟ ସୁନିଶ୍ଚିତ କରିବାରେ ବିଫଳ ହୁଏ, ବିପ୍ଳବ ଏକ ପବିତ୍ର କର୍ତ୍ତବ୍ୟ ହୋଇଯାଏ । ତାଙ୍କ ଲେଖାଗୁଡ଼ିକ ତ୍ୟାଗ, କର୍ତ୍ତବ୍ୟ ଏବଂ ବିଦ୍ରୋହର ନୈତିକ ଦିଗର ଏକ ସୂକ୍ଷ୍ମ ବୁଝାମଣାକୁ ପ୍ରତିଫଳିତ କରେ । ତାଙ୍କ ଏକ କବିତାରେ, ସେ ଲେଖିଛନ୍ତି, ସରଫରୋଶୀ କି ତମନ୍ନା ଅବ ହମାରେ ଦିଲ୍ ମେଁ ହୈ – ଏକ ପଂକ୍ତି ଯାହା ସ୍ୱାଧୀନତା ସଂଗ୍ରାମୀଙ୍କ ପିଢ଼ି ପାଇଁ ଏକ ସମାବେଶୀ କ୍ରନ୍ଦନ ପାଲଟିବ ।

ଆଜି, ଯେତେବେଳେ ଭାରତ ପରିଚୟ, ନ୍ୟାୟ ଏବଂ ଐତିହାସିକ ସ୍ମୃତିର ପ୍ରଶ୍ନ ସହିତ ସଂଘର୍ଷ କରୁଛି, ଅଶଫାକୁଲ୍ଲା ଖାନଙ୍କ ଜୀବନ ଆପୋଷ ବିନା ସତ୍ୟ ପାଇଁ ଠିଆ ହେବାର ଅର୍ଥ କ'ଣ ତାହାର ଏକ ଶକ୍ତିଶାଳୀ ସ୍ମରଣ ପ୍ରଦାନ କରେ । ତାଙ୍କ କାହାଣୀ ଇତିହାସ ପୁସ୍ତକର କେବଳ ଏକ ଅଧ୍ୟାୟ ନୁହେଁ– ଏହା ବିବେକକୁ ଆହ୍ୱାନ । ତାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ, ଆମକୁ ମନେପକାଇ ଦିଆଯାଉଛି ଯେ ସ୍ୱାଧୀନତା କେବଳ ଉପନିବେଶବାଦୀ ଶାସନର ଅନୁପସ୍ଥିତି ନୁହେଁ, ବରଂ ସାହସ, ଏକତା ଏବଂ ନୈତିକ ସ୍ପଷ୍ଟତାର ଉପସ୍ଥିତି ।

ସ୍ୱାଧୀନତାର ସୂର୍ଯ୍ୟୋଦୟ ଦେଖିବା ପାଇଁ ଅସଫାକୁଲ୍ଲା ବଞ୍ଚି ନଥିଲେ, କିନ୍ତୁ ତାଙ୍କ ବଳିଦାନ ଏହା ଆଡ଼କୁ ପଥ ଆଲୋକିତ କରିଥିଲା । ଭାରତର କ୍ରାନ୍ତିକାରୀ ଆନ୍ଦୋଳନର ଇତିହାସରେ ଖୋଦିତ ତାଙ୍କ ନାମ, ଯେଉଁମାନେ ଏକ ନ୍ୟାୟପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ ରାଷ୍ଟ୍ରର ସ୍ୱପ୍ନ ଦେଖିବାକୁ ସାହସ କରନ୍ତି ସେମାନଙ୍କୁ ପ୍ରେରଣା ଦେଇଆସୁଛି । ତାଙ୍କ ସାଥୀ ବିସମିଲଙ୍କ ଭାଷାରେ, ଶହୀଦୋଁ କି ଚିତାଓଁ ପର ଲଗେଙ୍ଗେ ହର ବରସ ମେଲେ– ସହିଦଙ୍କ ଚିତାରେ, ପ୍ରତିବର୍ଷ ମେଳା ଅନୁଷ୍ଠିତ ହେବ । ଏବଂ ପ୍ରକୃତରେ, ଅସଫାକୁଲ୍ଲାଙ୍କ ବଳିଦାନର ଜ୍ୱାଳା ଏବେ ବି ଜଳୁଛି– ଉଜ୍ଜ୍ୱଳ, ଆପୋଷହୀନ ଏବଂ ଅନନ୍ତ ।

*ସୁଜନପୁର, ଯାଜପୁର*
*ମୋ. ୯୪୩୭୨୮୮୦୨୮*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**

ଭୁବନେଶ୍ୱର ୨୨ ଅକ୍ଟୋବର ୨୦୨୫ ବୁଧବାର ପୃଷ୍ଠା ୫


ବାର୍ଦ୍ଧକ୍ୟ ନାନାପ୍ରକାର ଶାରୀରିକ ଓ ମାନସିକ ସମସ୍ୟାର କାରଣ ହୋଇଯାଏ । ଅନେକ ସମୟରେ ଏପରି ସ୍ଥିତି ଉତ୍ପନ୍ନ ହୁଏ ଯେତେବେଳେ ପରିବାରବର୍ଗ ମନେ କରନ୍ତି ବୟସ୍କ ଲୋକ ଜଣଙ୍କ ପାଗଳ ହୋଇଗଲେଣି କିମ୍ବା ଜାଣିଶୁଣି ସେମାନଙ୍କୁ ହଇରାଣ କରୁଛନ୍ତି । କିନ୍ତୁ ପ୍ରକୃତ କଥା ହେଉଛି ବିଚିତ୍ର ପ୍ରକାରର ବ୍ୟବହାର କରୁଥିବା ଏହି ବୟସ୍କ ଲୋକମାନେ ଅସୁସ୍ଥ ଏବଂ ସେମାନଙ୍କୁ ଉପଯୁକ୍ତ ଯତ୍ନ ସହ ସ୍ନେହ ଶ୍ରଦ୍ଧା ଦରକାର । ଅନେକ ଲୋକ ବାର୍ଦ୍ଧକ୍ୟରେ ବିଚିତ୍ର ବ୍ୟବହାର କରନ୍ତି, ଏପରିକି ଏଥିପାଇଁ ପରିବାରବର୍ଗଙ୍କୁ ଲଜ୍ଜିତ ହେବାକୁ ପଡ଼ିଥାଏ କିମ୍ବା ପାରିବାରିକ ଅଶାନ୍ତି ବଢ଼ିଥାଏ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହା ପଛରେ ମୂଳ କାରଣ ଥାଏ ଡିମେନ୍ସିୟା । ଏହା ବାର୍ଦ୍ଧକ୍ୟର ସବୁଠାରୁ ବଡ଼ରୋଗ । ଏହା ବ୍ୟତୀତ ବାର୍ଦ୍ଧକ୍ୟର ଆଉ କିଛି ସମସ୍ୟା ମଧ୍ୟ ଥାଏ । ଏ ବାବଦରେ ଆଗରୁ ଜାଣିଥିଲେ ବାର୍ଦ୍ଧକ୍ୟରେ ପିତାମାତାଙ୍କୁ ନେଇ ପାରିବାରିକ ସମସ୍ୟା କମ୍ ହୋଇଥାଏ ।








# ବାର୍ଦ୍ଧକ୍ୟକୁ ଦୁର୍ବିସହ କରିଦିଏ ଡିମେନ୍ସିଆ



### ଡିମେନ୍ସିୟା

ବ୍ୟକ୍ତିର ସ୍ମରଣ ଶକ୍ତି ଏତେ ଦୁର୍ବଳ ହୋଇଯାଏ ଯେ ଏହାର ପ୍ରଭାବ ଦୈନନ୍ଦିନ ଜୀବନ ଉପରେ ପଡ଼େ । ସେ କେଉଁଠି ଅଛି, କେଉଁ ମାସ ଚାଲିଛି, ଗାଧୁଆ-ଖିଆ କରିଛି ନା ନାହିଁ ଏସବୁ ଯଦି ମନେ ନରହେ ତେବେ ବୁଝିବାକୁ ହେବ ସେ ଡିମେନ୍ସିଆରେ ପୀଡ଼ିତ । ଡିମେନ୍ସିଆର







ଆକ୍ଷରିକ ଶବ୍ଦ ହେଉଛି 'ଖାଲି ମସ୍ତିଷ୍କ' । ମସ୍ତିଷ୍କ ଠିକ୍ ଭାବରେ କାମ କରିବା ପାଇଁ କ୍ଷମତା ନଥିବା ଅର୍ଥରେ ଏହା ବ୍ୟବହୃତ ହୁଏ । ଏହି ରୋଗରେ ମସ୍ତିଷ୍କର କିଛି ବିଶେଷ କୋଷର କ୍ଷମତା ଶେଷ ହୋଇଯାଏ । ଯାହାଦ୍ୱାରା ବ୍ୟକ୍ତିର ଚିନ୍ତା କରିବା-ବୁଝିବାର କ୍ଷମତା କମ୍ ହୋଇଯାଏ । ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସେ । ଡିମେନ୍ସିଆ ଦୁଇ ପ୍ରକାରର- ଆରୋଗ୍ୟସାଧ୍ୟ ଓ ବୟସ ସହ ବଢୁଥିବା ଡିମେନ୍ସିଆ । ପ୍ରଥମ ଶ୍ରେଣୀରେ ରକ୍ତଚାପ, ମଧୁମେହ, ଧୂମପାନ, ଟ୍ୟୁମର, ଟର୍ବ, ନିଦ୍ରାହୀନତା, ଭିଟାମିନ୍ ଅଭାବ ହେତୁ ହେଉଥିବା ଡିମେନ୍ସିଆ ଆସେ । ଦ୍ୱିତୀୟ ଶ୍ରେଣୀରେ ଆଲ୍‌ଜାଇମର୍ । ଫ୍ରଣ୍ଟୋଟେମ୍ପୋରାଲ୍ ଡିମେନ୍ସିଆ ଓ ଭସ୍କୁଲାର ଡିମେନ୍ସିଆ ଆସେ । ଏ ମଧ୍ୟରେ ଆଲଜାଇମର୍ ସବୁଠାରୁ ସାଧାରଣ ଡିମେନ୍ସିଆ । ଏଥିରେ ସ୍ମୃତି ବିଭ୍ରମ ହେବା ସହ ଦିଗ ଜ୍ଞାନରେ ମଧ୍ୟ ଭୁଲ୍ ଭଟକା ହୋଇଯାଏ । ବୟସ୍କ ଲୋକଟି ଜାଣିପାରେନି ଘରେ ଗାଧୁଆ ଘର କେଉଁପଟେ ଅଛି ବା ଘରକୁ ରାସ୍ତା କେଉଁଟା ଇତ୍ୟାଦି । ଫ୍ରଣ୍ଟୋଟେମ୍ପୋରାଲ ଡିମେନ୍ସିଆରେ ରୋଗୀ ସବୁକିଛି ଭୁଲିବା ସହ ତା'ର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସେ । ଜିଦି, ରାଗ, ଚିଡ଼ଚିଡ଼ାପଣ ଏ ରୋଗର ଅନ୍ୟତମ ଲକ୍ଷଣ । ଭସ୍କୁଲାର ଡିମେନ୍ସିଆର ଲକ୍ଷଣ ପ୍ରାୟ ଆଲଜାଇମର୍ ପରି କିନ୍ତୁ ଏହା ଧୀରେ ଧୀରେ ନୁହେଁ ବରଂ ଷ୍ଟ୍ରୋକ୍ ପରେ ଅଚାନକ ହୋଇଥାଏ ।

**ଲକ୍ଷଣ :**



- ନିକଟ ଲୋକଙ୍କ ନାମ, ଶବ୍ଦ ଓ ଜିନିଷ କେଉଁଠାରେ ରଖି ଭୁଲିଯିବା ।
- ନିଜ ପାଖଲୋକଙ୍କୁ ମଧ୍ୟ ନ ଚିହ୍ନିବା ।
- କିଛି ନୂଆ ଶିଖିବା ଓ ନିଷ୍ପତ୍ତି ନେବାରେ ସମସ୍ୟା ।
- ଗୋଟିଏ କଥାକୁ ବାରମ୍ବାର ଦୋହରାଇବା ।
- ବିନା କାରଣରେ ରାଗିବା, ହିଂସ୍ର ହୋଇଯିବା ।
- ଛୋଟ ଛୋଟ କାମ ଯଥା ଗାଡ଼ି ଚଳାଇବା, ରୋଷେଇ କରିବା, ଖାଇବା, ପୋଷାକ ପିନ୍ଧିବା ଆଦି ଭୁଲିଯିବା ।
- କେହି ନଥାଇ ମଧ୍ୟ ଅନ୍ୟର ଉପସ୍ଥିତି ଅନୁଭବ କରିବା ।
- ବିଚିତ୍ର ବ୍ୟବହାର କରିବା ଯେମିତିକି ଖରାଦିନେ ଶୀତ ପୋଷାକ ପିନ୍ଧିବା, ଶୀତ ରାତିରେ ଥଣ୍ଡାପାଣିରେ ଗାଧୋଇବା, ପୋଷାକ ନପିନ୍ଧିବା ଇତ୍ୟାଦି ।

**କାରଣ :**

- କ୍ରମବର୍ଦ୍ଧିଷ୍ଣୁ ବୟସ, ସାଧାରଣତଃ ୬୦ବର୍ଷ ପାର୍ କରିଥିବା ଲୋକମାନେ ଏହି ରୋଗର ଶିକାର ହୁଅନ୍ତି ।
- ଅତ୍ୟଧିକ ଧୂମାପନ ।
- ଶାରୀରିକ ପରିଶ୍ରମ ନକରିବା
- ରକ୍ତଚାପ ଅଧିକ ରହିବା
- ସ୍ମୃତିବିଭ୍ରମ ପରିବାରରେ ଥିଲେ ।
- ସୂଚନାଯୋଗ୍ୟ ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ ତେବେ ଉପରୋକ୍ତ କାରଣଗୁଡ଼ିକ ଡିମେନ୍ସିଆର ଆଶଙ୍କାକୁ ବଢ଼ାଇ ଦିଅନ୍ତି ।

### ଡିମେନ୍ସିଆର ୫ଟି ପର୍ଯ୍ୟାୟ

ଆରମ୍ଭରେ ଡିମେନ୍ସିଆର କୌଣସି ଲକ୍ଷଣ ଜଣାପଡ଼େନି । ରୋଗୀ ନିଜ କଥା ନିଜେ ବୁଝିପାରେ ମାତ୍ର ମଝିରେ ମଝିରେ ଭୁଲିଯାଏ ।

ଦ୍ୱିତୀୟ ପର୍ଯ୍ୟାୟରେ ଭୁଲିବାଟା ଅଧିକ ହୋଇଯାଏ । ଜିନିଷ ଗୋଟିଏ ଜାଗାରେ ରଖି ଅନ୍ୟ ଜାଗାରେ ଖୋଜିବା, ତାରିଖ-ବାର ଆଦି ଭୁଲିଯିବା । ଏହି ପର୍ଯ୍ୟାୟରେ ମଧ୍ୟ ରୋଗୀ ନିଜର ଯତ୍ନ ନେଇପାରେ ।

ତୃତୀୟ ପର୍ଯ୍ୟାୟରେ ରୋଗୀ ରାସ୍ତା ଭୁଲିଯାଏ, କଥା କହିବା ବେଳେ ଶବ୍ଦ ଭୁଲିଯାଏ ଓ ବ୍ୟବହାର ମଧ୍ୟ ବଦଳେ ।

ରୋଗୀ ନିଜ ରୁଟିନ୍‌ରେ କାମ କରିପାରେନି । ଖାଦ୍ୟ ଖାଇବାର ଶୈଳୀ ମଧ୍ୟ ଭୁଲିଯାଏ । ନିଜେ ଗାଧୋଇ ପାରେନି କିମ୍ବା ପୋଷାକ ପିନ୍ଧି ପାରେନି । ନିଜ ଘରଲୋକଙ୍କୁ ମଧ୍ୟ ଚିହ୍ନିପାରେନି । ଅନ୍ୟର ସାହାଯ୍ୟ ସବୁବେଳେ ଦରକାର ହୁଏ ।

ପଞ୍ଚମ ପର୍ଯ୍ୟାୟରେ ରୋଗ ଖୁବ୍ ବିପଜ୍ଜନକ ହୋଇଯାଏ । ସ୍ମରଣଶକ୍ତି ଏକଦମ୍ କମ୍ ହୋଇଯାଏ । କିଛି ବୁଝିପାରେନି କିମ୍ବା ମନେ ରଖିପାରେନି । ଅନ୍ୟର ସାହାଯ୍ୟ ବିନା ଚଳିବା ଅସମ୍ଭବ ହୋଇଯାଏ ।

### ସମସ୍ୟା ଓ ସମାଧାନ

ପ୍ରଥମେ ଜାଣିବା ଦରକାର ବାର୍ଦ୍ଧକ୍ୟରେ ଉପନୀତ ହେଲେ ଅନେକଙ୍କର ସ୍ମୃତି ସମସ୍ୟା ହୁଏ । ଜିନିଷ କେଉଁଠି ରଖିଦେବା, ନାଁ ମନେ ପକାଇ ନପାରିବା, ପୋଷାକ ପିନ୍ଧି ନପାରିବା ଆଦି ଡିମେନ୍ସିଆ ଯୋଗୁଁ ହୋଇଥାଏ । ରୋଗୀ ଜାଣିଶୁଣି ଏପରି କରେ ନାହିଁ । ତେଣୁ ଜଣେ ରୋଗୀ ମଣିଷର ଯେମିତି ଯତ୍ନ ନେବାକୁ ହୁଏ ସେମିତି ଯତ୍ନ ନେବାକୁ ହେବ । ସବୁବେଳେ ଚେଷ୍ଟା କରିବାକୁ ହେବ ସେମାନଙ୍କର ଜରୁରୀ ଜିନିଷ ଯଥା ଚାବି, ପର୍ସ, ମୋବାଇଲ୍ ଆଦି ଗୋଟିଏ ସ୍ଥାନରେ ରଖିବାକୁ । ତାଙ୍କୁ ମୋବାଇଲ୍‌ରେ ନିୟମିତ କଲ୍ କରନ୍ତୁ ଯେପରି ସେ ଏହାର ବ୍ୟବହାର ଭୁଲିନଯାନ୍ତି । ମୋବାଇଲ୍‌ରେ ତାଙ୍କୁ ଖୋଜିବା ପାଇଁ 'ଟ୍ରାକ୍ ମି ଆପ୍ କିମ୍ବା ଜିପିଏସ୍ ଥିବା ଘଡ଼ି ପିନ୍ଧାନ୍ତୁ । ନାମ, ଘର ଠିକଣା, ଘର ଲୋକଙ୍କ ମୋବାଇଲ୍ ନମ୍ବର ଆଦି ଲେଖି ଏକ କାର୍ଡ ପକେଟ୍‌ରେ ରଖନ୍ତୁ ଯେମିତି ରାସ୍ତା ଭୁଲିଗଲେ ବି ତାଙ୍କୁ ଘରକୁ ଫେରାଯାଇ ଆଣିହେବ ।

ଅନେକ ଲୋକ ଖୁବ୍ ରାଗନ୍ତି, ମାର୍‌ପିଟ କରନ୍ତି ଓ ଗୋଟିଏ କଥା ବାରମ୍ବାର ଦୋହରାନ୍ତି । ସେମାନଙ୍କ ସହ ଯୁକ୍ତିତର୍କ ବା କ୍ରୋଧ ନକରିବା ଭଲ । ଆପଣ ରାଗିଲେ ସେ ଆହୁରି ରାଗିବେ । କିନ୍ତୁ ପ୍ରକୃତ କଥା ସେ ଆପଣଙ୍କ କଥା ବୁଝି ପାରୁନାହାନ୍ତି । ଏ ସମୟରେ ସେଠୁ ଚାଲିଯାଆନ୍ତୁ ନଚେତ୍ ତାଙ୍କ କଥାରେ ସହମତ ହୋଇଯାଆନ୍ତୁ। କାରଣ ଟିକେ ପରେ ସେ କଥା ଭୁଲିଯିବେ ।

ଖାଇଥିଲେ ବି ଅନ୍ୟ କେହି ଖାଇବାର ଦେଖି ପୁନର୍ବାର ଖାଇବାକୁ ମାଗନ୍ତି । ଅନ୍ୟର ଜିନିଷ ଓ ଖାଦ୍ୟ ନେଇଯାଆନ୍ତି । ଯଦି ଆପଣଙ୍କ ଘରେ ଲୋକ ସଂଖ୍ୟା ଅଧିକ ତେବେ ପ୍ରଥମେ ତାଙ୍କୁ କମ୍ ଖାଇବାକୁ ଦିଅନ୍ତୁ । ଦ୍ୱିତୀୟ ଥର ମାଗିଲେ ପୁଣି ଦିଅନ୍ତୁ । ଯଦି ସେ ଅଧିକ ଜିନିଷ ନିଜ ପାଖରେ ରଖିଛନ୍ତି ତେବେ କିଛିଟା ଛାଡ଼ି ବାକିଟା ଦେଇ ଆସନ୍ତୁ । ତେବେ ସବୁ ଖାଲି କରନ୍ତୁ ନାହିଁ ।

କେହି କେହି ରୋଗୀ ଘରେ ଭଙ୍ଗାରୁଜା ଓ ନିଜକୁ ଆଘାତ ଦେବା ପରି କାର୍ଯ୍ୟ କରନ୍ତି । ଏପରି ଲୋକଙ୍କୁ ଘରେ ଏକୁଟିଆ ଛାଡନ୍ତୁନି କିମ୍ବା କୌଣସି ଧାରୁଆ ବା ବିପଜ୍ଜନକ ଜିନିଷ ତାଙ୍କ ନଜରରେ ପଡ଼ିବା ପରି ସ୍ଥାନରେ ରଖିବାକୁ ଦିଅନ୍ତୁ ନାହିଁ । ଘରେ ଆସବାବପତ୍ର କମ୍ କରନ୍ତୁ । ଶିଡି ଓ ବାଥ୍‌ରୁମ୍‌ରେ ମଜବୁତ୍ ହ୍ୟାଣ୍ଡେଲ ଲଗାନ୍ତୁ । ଆଇନାର ସଂଖ୍ୟା କମ୍ କରିଦିଅନ୍ତୁ । କାରଣ ଡିମେନ୍ସିଆ ରୋଗୀ ଖୁବ୍ ଦ୍ୱନ୍ଦ୍ୱରେ ପଡନ୍ତି ଦିଗକୁ ନେଇ । କେହି କେହି ମାର୍‌ପିଟ୍ ମଧ୍ୟ କରନ୍ତି । ସେମିତି ରୋଗୀଙ୍କୁ ନ୍ୟୁରୋଲୋଜିଷ୍ଟଙ୍କୁ ଦେଖାନ୍ତୁ ।





**ଯାଞ୍ଚ :** ଡାକ୍ତର ନାନାପ୍ରକାର ଯାଞ୍ଚ କରାନ୍ତି । ଏ ମଧ୍ୟରେ ଭିଟାବିନ୍ ବି ୧୨, ଆମୋନିଆ, ଥାଇରଏଡ୍ ଯାଞ୍ଚ ଆଦି ସାମିଲ । ଏହା ବ୍ୟତୀତ ମସ୍ତିଷ୍କ ସିଟି ସ୍କାନ୍ ଓ ଏମ୍‌ଆରଇଆଇ, ମିନି ମେଣ୍ଟାଲ ଷ୍ଟେଟ୍ ଏକ୍ସାମିନେସନ୍ ଇତ୍ୟାଦି ମଧ୍ୟ ଡିମେନ୍ସିଆର ଯାଞ୍ଚ ପାଇଁ ଆବଶ୍ୟକ ହୁଏ ।

**ଚିକିତ୍ସା :** ରୋଗୀ ଚିକିତ୍ସା ପାଇଁ ନ୍ୟୁରୋଲୋଜିଷ୍ଟଙ୍କୁ ଭେଟନ୍ତୁ । ଯଦି ଭିଟାମିନ୍‌ର ଅଭାବ କିମ୍ବା ଔଷଧର ପାର୍ଶ୍ୱ ପ୍ରଭାବ ଯୋଗୁଁ ଡିମେନ୍ସିଆ ହୋଇଥାଏ ତେବେ ଏହା ଚିକିତ୍ସା ଦ୍ୱାରା ଦୂରେଇ ହେବ । ମାତ୍ର ବାର୍ଦ୍ଧକ୍ୟ ଜନିତ ଡିମେନ୍ସିଆରେ ସ୍ଥିତି ସୁଧୁରିବାର ଆଶା ଖୁବ୍ କମ୍ । ସାଧାରଣତଃ ରୋଗୀଙ୍କୁ ମସ୍ତିଷ୍କରେ ଏସିଟାଇଲ୍ କୋଲିନ୍ ବୃଦ୍ଧି ପାଇଁ ଔଷଧ ଦିଆଯାଏ । ତଥାପି ଏହାର ପ୍ରଭାବ ଖୁବ୍ କମ୍ ।

ଡିମେନ୍ସିଆ ଏପରି ଏକ ରୋଗ ତାହା କେତେବେଳେ ମସ୍ତିଷ୍କକୁ ପ୍ରଭାବିତ କରିବା ଆରମ୍ଭ କରିବ ତାହା କହିବା ଅସମ୍ଭବ । ତେବେ ଏହି ରୋଗ ଆକ୍ରମଣ କରିବା ପୂର୍ବରୁ ନିଜେ ସତର୍କ ଥିଲେ ଏହାର ଆଶଙ୍କାକୁ କମ୍ କରିହେବ । ନିଜକୁ କାର୍ଯ୍ୟବ୍ୟସ୍ତ ରଖି ଏକାକୀତ୍ୱକୁ ଦୂରେଇବା ଦ୍ୱାରା ଏହି ରୋଗ ପାଖରେ ପଶିବାକୁ ଭୟ କରିବ । ଏଥିସହ ସ୍ମରଣଶକ୍ତି ବଢ଼ାଇବା ପାଇଁ କିଛି ବ୍ୟାୟାମ ମଧ୍ୟ କରିବାକୁ ହେବ । ତେବେ ଏ କ୍ଷେତ୍ରରେ ପରିବାରବର୍ଗଙ୍କ ଦାୟିତ୍ୱ ଅଧିକ । ମସ୍ତିଷ୍କର ବ୍ୟବହାର ନକରିବା ଦ୍ୱାରା ଏହା ନିଜର କ୍ଷମତା ହରାଏ । ତେଣୁ ନିୟମିତ ମାନସିକ ବ୍ୟାୟାମ କରିବା ଦ୍ୱାରା ଏହା ଅଧିକ କାର୍ଯ୍ୟକ୍ଷମ ହୁଏ । ଏଥିସହ ଯୋଗ, ସୂର୍ଯ୍ୟ ପ୍ରାଣାୟାମ, କପାଳଭାତି, କଟିଚକ୍ରାସନ, ତାଡାସନ, ଉତାନପାଦାସନ, ଧନୁଆସନ, ମଣ୍ଡୁକାସନ ପରି ଆସନ ମସ୍ତିଷ୍କକୁ ସୁସ୍ଥ ରଖେ । ଲୋକମାନଙ୍କ ସହ ପରିଚୟ ବଢ଼ାନ୍ତୁ, ସାଙ୍ଗସାଥୀଙ୍କ ସହ ସମୟ ବିତାନ୍ତୁ । ନିଜ ପସନ୍ଦର କିଛି କାମ କରନ୍ତୁ ଏବଂ ଦିନରେ ୭-୮ଘଣ୍ଟା ନିଦ୍ରା ଯାଆନ୍ତୁ । କଳ୍ପନା କରିବା ମଧ୍ୟ ଏକ ମାନସିକ ବ୍ୟାୟାମ । ଏଥିସହ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ, ଯେଉଁଥିରେ କାର୍ବୋହାଇଡ୍ରେଟ୍ ସହ ପ୍ରୋଟିନ୍ ଏବଂ ମିନେରାଲ ପ୍ରଚୁର ମାତ୍ରାରେ ଥିବ । ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍-ସି' ଯୁକ୍ତ ଖାଦ୍ୟ ଖାଆନ୍ତୁ । ଓମେଗା-୩ ମସ୍ତିଷ୍କକୁ ସୁସ୍ଥ ରଖେ । ଏଥିପାଇଁ ଫେଶି, ସୋୟାବିନ୍ ଏବଂ ବାଦାମ ଜାତୀୟ ଖାଦ୍ୟ ଖାଆନ୍ତୁ । ଟମାଟୋ, ଗାଜର ଆଦି ରଙ୍ଗିନ ଖାଦ୍ୟ ଖାଆନ୍ତୁ । ଦୁଗ୍ଧ ଏବଂ ଦୁଗ୍ଧଜାତ ଖାଦ୍ୟରେ ଭିଟାମିନ୍ ବି-୧୨ ପ୍ରଚୁର ପରିମାଣରେ ଥିବାରୁ ଏହା ମସ୍ତିଷ୍କ ପାଇଁ ଉପଯୋଗୀ । ପ୍ରଚୁର ପାଣି ପିଅନ୍ତୁ ।

---

# ଫଳ ଓ ପନିପରିବାରେ ବିଷର ଭଣ୍ଡାର





**ମନୁଷ୍ୟର ସ୍ୱାସ୍ଥ୍ୟର ମୁଖ୍ୟ ଅବଲମ୍ବନ କୁହାଯାଉଥିବା ପନିପରିବାରେ ବିଷ ଭରି ଗଲାଣି । ଆଖିକୁ ସବୁଜ ଦେଖାଯାଉଥିବା କଞ୍ଚା ପରିବାରେ ଦିନକୁ ଦିନ ବିଷର ମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । କେବଳ ଚକ୍‌ଚକିଆ ବା ଦାମୀ ଫଳ ନୁହେଁ, କଦଳୀ ମଧ୍ୟ ବାଦ୍ ପଡୁନି । ପରିବାକୁ ଅଧିକ ସବୁଜ ଓ ସତେଜ ଦେଖାଇବା ପାଇଁ ବିଭିନ୍ନ ସମୟରେ ରଙ୍ଗ ଠାରୁ ଆରମ୍ଭ କରି ପଚାଇବା ପାଇଁ ବିଭିନ୍ନ ଗ୍ୟାସ ବି ପ୍ରୟୋଗ କରାଯାଉଛି ଯାହାଦ୍ୱାରା ସାଧାରଣ ଲୋକମାନେ ଜାଣତରେ ହେଉ ବା ଅଜାଣତରେ ସେମାନଙ୍କ ଶରୀରରେ ଜମା ହେଉଛି ବିଷ ।**

**କ**ଦଳୀକୁ ତୁରନ୍ତ ପଚାଇବା ପାଇଁ ଏସିଟିଲିନ୍ ଗ୍ୟାସ ପ୍ରୟୋଗ କରାଯାଉଛି । ସେହିପରି ଚିକ୍‌ଚିକ୍ ଦେଖାଇବା ପାଇଁ ସେଓ ଉପରେ ଏକ ପତଳା ମହମର ପ୍ରଲେପ ଦିଆଯାଉଛି । ଖାଉଟିଙ୍କ ଅଗୋଚରରେ ଖାଦ୍ୟରେ ବିଷ ପ୍ରୟୋଗ କରାଯାଉଥିବା ଘେନି ଜାତୀୟ ମାନବିକ ଅଧିକାର କମିଶନ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କୁ ଏହି ମହାମାରୀର ପ୍ରତିକାର ପାଇଁ ସେମାନେ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ପରେ ରାଜ୍ୟ ପ୍ରଶାସନରେ କିଛିଟା ତତ୍ପରତା ପ୍ରକାଶ ପାଇଛି । ବର୍ତ୍ତମାନ ଦୁଧ ଠାରୁ ଆରମ୍ଭ କରି ପନିପରିବା, ଫଳମୂଳ, ଶାଗ, ମାଛ, ମାଂସ, ଛେନା, ଡାଲି, ତୈଳବୀଜ ଆଦି ବଜାରରେ ମିଳୁଥିବା ପ୍ରାୟ ସବୁ ଖାଦ୍ୟ ସାମଗ୍ରୀରେ ପ୍ରଚୁର ପରିମାଣର କୀଟନାଶକ ରହୁଛି । ଏମିତିକି ଅନେକ ଅଞ୍ଚଳରେ ପାନୀୟ ଜଳ ବି ବିଷାକ୍ତ । ପୂର୍ବରୁ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ ଏହି ଗୁରୁତର ପ୍ରସଙ୍ଗ ଘେନି ଜନସାଧାରଣଙ୍କୁ ସତର୍କ କରାଇବା ସଙ୍ଗେ ସଙ୍ଗେ ସରକାରଙ୍କୁ ବି ସଚେତନ କରିଥିଲା । ଗତ କିଛିବର୍ଷ ମଧ୍ୟରେ ଏ ସବୁ ଖାଦ୍ୟ ପଦାର୍ଥରେ କୀଟନାଶକର ପରିମାଣ ଦ୍ୱିଗୁଣ ବଢ଼ିଛି ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଆସୁଛି । ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ମାନକ ସଂସ୍ଥା ବିଭିନ୍ନ ସ୍ଥାନରୁ ନମୁନା ନେଇ କରିଥିବା ପରୀକ୍ଷାରେ ବି ଏହାର ପ୍ରମାଣ ମିଳିଛି । କେବଳ ସେତିକି ନୁହେଁ ଦୁଧ, ଛେନା, ଦହି ଆଦିରେ ବ୍ୟାପକ ଅପମିଶ୍ରଣ ଆମ ରାଜ୍ୟ ତଥା ଦେଶରେ ଏକ ମାମୁଲି ଘଟଣାରେ ପରିଣତ ହୋଇଗଲାଣି। ଲୁଗାଧୁଆ ପାଉଡରରେ ବିଭିନ୍ନ ରାସାୟନିକ ପଦାର୍ଥ ଏମିତିକି ମଲା ଜୀବଜନ୍ତୁ ସଂରକ୍ଷିତ ରଖିବା ଲାଗି ବ୍ୟବହୃତ ଫର୍ମାଲିନ୍ ସିନ୍ଥେଟିକ ଦୁଧ ପ୍ରସ୍ତୁତିରେ ବ୍ୟବହୃତ ହେଉଛି । ବଜାରରେ ପ୍ରଚୁର ପରିମାଣର ନକଲି ପନିର୍ ଉପଲବ୍ଧ । ଗାଈମାନଙ୍କ ଠାରୁ ଅଧିକ ଦୁଧ ସଂଗ୍ରହ ପାଇଁ ଦିଆଯାଉଥିବା ମାରାତ୍ମକ ଇଞ୍ଜେକ୍ସନ ଓ ରାସାୟନିକ ଦାନାର ପ୍ରଭାବ ବି ଦୁଧରେ ରହୁଛି । ଗ୍ରାହକମାନେ ଏହା ସେବନ କରିବା ଫଳରେ ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛନ୍ତି । କିଛି ବର୍ଷ ତଳେ ଏଫ୍‌ଏସ୍‌ଏସ୍‌ଆଇ ଓଡ଼ିଶାରେ କରିଥିବା ଅନୁଧ୍ୟାନରୁ ଏଭଳି ଅପମିଶ୍ରିତ ତଥା ବିପଦଜ୍ଜନକ ଦୁଧର ନମୁନା ପାଇଥିଲା ।

ଅଧିକ ଫସଲ ଫଳାଇବା ପାଇଁ ଆଖିବୁଜା ରାସାୟନିକ ସାର, କୀଟନାଶକ ଔଷଧ ଏବଂ ହରମୋନ ପ୍ରୟୋଗ ଏବେ ସାଧାରଣ ପ୍ରଥାରେ ପଡ଼ିଗଲାଣି । କେବଳ ସେତିକି ନୁହେଁ ଶୁଖିଲା ପନିପରିବା ଓ ଫଳ ଦୀର୍ଘଦିନ ଧରି ସତେଜ ରଖିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ବେପାରୀମାନେ ବି ବିଭିନ୍ନ କିସମର ବିପଦଜ୍ଜନକ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି । ଏମିତିକି ଅଣ୍ଡା, ମାଂସ, ମାଛ ଆଦି ବି ଏହି ବିଷ ଚକ୍ରରୁ ମୁକ୍ତ ନୁହେଁ । ବଜାରରେ ମିଳୁଥିବା ଡାଲି ସମେତ ଅନ୍ୟାନ୍ୟ ଶସ୍ୟରେ ସଂରକ୍ଷଣ ପାଇଁ ବିଭିନ୍ନ କିସମର ରାସାୟନିକ ପାଉଡର ବ୍ୟବହାର କରାଯାଉଛି । ଏମିତିକି ଆଉ କେତେକ ପ୍ୟାକେଟ୍ ଓ ଡବାରେ ଆସୁଥିବା ଖାଦ୍ୟ ସାମଗ୍ରୀରେ ମଧ୍ୟ ବ୍ୟାପକ ପରିମାଣର ରାସାୟନିକ ପଦାର୍ଥ ରହୁଛି । ଚିକିତ୍ସା ବିଜ୍ଞାନର ତଥ୍ୟ ଅନୁଯାୟୀ ଗବେଷକମାନେ କହୁଛନ୍ତି ଯେ ଅତ୍ୟଧିକ ରାସାୟନିକ ସାର, ହରମୋନ, କୀଟନାଶକ ଆଦିର କୁପ୍ରଭାବରେ ଲୋକେ କ୍ୟାନସର, କିଡ୍‌ନୀ, ହୃଦ୍‌ରୋଗ, ଛାତି ରୋଗ, ସ୍ନାୟୁଗତ ରୋଗ, ଯକୃତ ରୋଗ ଆଦି ବିଭିନ୍ନ ବ୍ୟାଧିର ଶିକାର ହେଉଛନ୍ତି । ଏହି ତଥାକଥିତ ସବୁଜ ବିଷ ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲିଭର, ପେଟ ଓ କିଡ଼ନୀକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ପ୍ରାଥମିକ ସମୟରେ ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନ ନେଲେ ଏହା ଲିଭର ସିରୋସିସ୍ ଏପରିକି ଯକୃତ କ୍ୟାନସରର କାରଣ ପାଲଟୁଛି । ଲିଭରକୁ ସଂଯୁକ୍ତ ହୋଇଥିବା ଦେହର ଆଭ୍ୟନ୍ତରୀଣ ସ୍ନାୟୁ ଏ କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ବି ରହିଛି । ବିକୃତ ସନ୍ତାନ ଜନ୍ମ ଏବଂ ସନ୍ତାନ ଉତ୍ପାଦିକା ଶକ୍ତି ହ୍ରାସର ଏହା ମଧ୍ୟ ଅନ୍ୟତମ କାରଣ। ରାଜ୍ୟରେ ବାର୍ଷିକ ପ୍ରାୟ ୩୦ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଏମାନଙ୍କ ଭିତରୁ ଅନ୍ୟୁନ ୬୭ ପ୍ରତିଶତଙ୍କ ମୃତ୍ୟୁର କାରଣ ମଦ, ତମାଖୁ ଓ ଅନ୍ୟାନ୍ୟ ନିଶା, କୀଟନାଶକ ଓ ରାସାୟନିକ ସାର ତଥା ପ୍ରଦୂଷଣ । ଏଥିଯୋଗୁଁ ବ୍ୟାପକ ଧନଜୀବନ କ୍ଷତି ଘଟୁଥିବା ବେଳେ ରୋକିବା ପାଇଁ ପର୍ଯ୍ୟାପ୍ତ ସଚେତନତା ନାହିଁ । ଏମିତିକି ଖାଉଟିଟିଏ ଚାହିଁଲେ ସେ କିଣୁଥିବା ସାମଗ୍ରୀ ବିଷମୁକ୍ତ କି ବିଷଯୁକ୍ତ ତାହା ତୁରନ୍ତ ପରୀକ୍ଷା ଲାଗି ବି କେହି ନାହାନ୍ତି । ଗୋଟିଏ ପଟେ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ଓଡ଼ିଶା ପାଇଁ ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ବିଶ୍ୱର ତାପମାତ୍ରା ବୃଦ୍ଧି ପରିପ୍ରେକ୍ଷୀରେ ବିଷାକ୍ତ ଖାଦ୍ୟ ସାମଗ୍ରୀର ଲଗାମଛଡ଼ା ବିପଣନ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ତଥା ସେମାନଙ୍କୁ ଦିଆଯାଇଥିବା ସମ୍ବିଧାନ ପ୍ରଦତ୍ତ ବଞ୍ଚିବାର ଅଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।




*ଡାକ୍ତର ଉମେଶ ଚନ୍ଦ୍ର ପାତ୍ର*
*ମୋ. ୯୪୩୭୦୫୧୯୫୭*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୨ ଅକ୍ଟୋବର ୨୦୨୫ ● ବୁଧବାର


## ବାଲିଯାତ୍ରାରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ ଦାବି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଯାତ୍ରାରେ ଖୋଲୁଥିବା ଷ୍ଟଲଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ କରିବାକୁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଦାବି କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ବାଧ୍ୟତାମୂଳକ କରାଯାଉଥିଲେ ମଧ୍ୟ ସବୁ ପ୍ରତିଷ୍ଠାନ ଆଗରେ ଓଡ଼ିଆ ଲେଖାଥିବା ଶତ ପ୍ରତିଶତ ସଫଳ ହୋଇପାରିନାହିଁ । ଜିଲ୍ଲା ପ୍ରଶାସନ କେବଳ ନିର୍ଦ୍ଦେଶନାମା ଜାରି କରିଦେଇ ଚୁପ ନବସି ସଂସ୍କୃତି, ବାଣିଜ୍ୟକର, ନଗରପାଳିକା, ପ୍ରଶାସନ, ସୂଚନା ଓ ଶ୍ରମ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ଦୈନିକ ପ୍ରତିଷ୍ଠାନ ଯାଂଚ କରିବାକୁ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଂଜନ ସାହୁ ଦାବି କରିଛନ୍ତି ।




## କାଳୀପୂଜା ପାଇଁ ଉତ୍ସବମୁଖର ଗଣିଜାଙ୍ଗ



**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ତ ବ୍ଲକର ସର୍ବପୁରାତନ ଗଣିଜାଙ୍ଗ କାଳୀ ପୂଜାପାଇଁ ଉତ୍ସବ ମୁଖର ହୋଇ ଉଠିଛି ଗଣିଜାଙ୍ଗ ପୂଜା ମଣ୍ଡପ । ଏହି ପୂଜା ବନ୍ତ ବ୍ଲକର ସର୍ବପୁରାତନ କାଳୀପୂଜା । ଏଠାରେ ଗତ ତିନି ବର୍ଷ ଧୁମଧାମରେ ପାଳନ କରା ଯାଉଛି କାଳୀ ପୂଜା । ଏହି ଅନୁଷ୍ଠାନ ପ୍ରାୟ ୭୦ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ପୂଜା ଅନୁଷ୍ଠାନ । ସ୍ୱର୍ଗତ ଗୌରହରି ପତି, ବିଶ୍ୱେଶ୍ୱର ଧଳ, ମୁର୍ତ୍ତି କାରିଗର ବୃନ୍ଦାବନ ମଲ୍ଲିକବାର, କୃଷ୍ଣ ପଣ୍ଡାଙ୍କ ସମେତ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ପୂଜା ପ୍ରଥମେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ପୂଜା କମିଟି ପକ୍ଷରୁ ଏହା ଅନୁଷ୍ଠିତ ହେଉଅଛି । ପ୍ରାରମ୍ଭରେ ସରୁସାଗର ନଈରେ ୭ ଗୋଟି କଳସ ଘଟୋତ୍ତୋଳନ କରାଯାଇ ଗ୍ରାମ ବଜାର ପରିକ୍ରମା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା । ପୂଜକ ଜଗନ୍ନାଥ ପାଣିଗ୍ରାହୀ, ସତ୍ୟବ୍ରତ ପଣ୍ଡା, ଦୀପକ ପଣ୍ଡା, ହାଡ଼ିବନ୍ଧୁ ପଣ୍ଡା ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ । ମୁର୍ତ୍ତୀ କାରିଗର ମଧୁ ସେଠୀ, ଆନନ୍ଦ ଚନ୍ଦ୍ର ଜେନା,କୁଳମଣି ବାରିକ, ଆଦି ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରିଛନ୍ତି । ପ୍ରାୟ ୧୨ ଫୁଟ୍ ଉଚ୍ଚତା ମୂର୍ତ୍ତି ସହିତ ଆକର୍ଷଣୀୟ ସାଜସଜ୍ଜା ହୋଇଅଛି । ହଜାର ହଜାର ସଂଖ୍ୟାରେ ବନ୍ତ ଏବଂ ଭଦ୍ରକ ବ୍ଲକର ଭକ୍ତଙ୍କ ପୂଜା ମଣ୍ଡପରେ ପ୍ରତିଦିନ ସମାଗମ ଦେଖିବାକୁ ମିଳେ । ଶାନ୍ତି ଶୃଂଖଳା ରକ୍ଷା ନିମନ୍ତେ ଭଦ୍ରକ ଗ୍ରାମ୍ୟାଂଚଳ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରା ଯାଇଛି । ମଣ୍ଡପରେ ୯ ଦିନ ପୂଜା ପାଇବେ ମା' । ପ୍ରତିଦିନ ପୂଜା କାର୍ଯ୍ୟକ୍ରମକୁ କମିଟିର ସଭାପତି, ସମ୍ପାଦକ ସମେତ ବଜାର କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିବେ ।

## ଆଇଇଇଇର ଷ୍ଟୁଡେଣ୍ଟ ବ୍ରାଞ୍ଚ ଓ କମ୍ପ୍ୟୁଟର ସୋସାଇଟି ଷ୍ଟୁଡେଣ୍ଟ ବ୍ରାଞ୍ଚ ଚାପ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃତିଗତ, ବୈଷୟିକ ଏବଂ ଗବେଷଣାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସ (ଆଇଇଇଇ)ର ଷ୍ଟୁଡେଣ୍ଟ ବ୍ରାଂଚ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ନିକଟରେ ଉଦ୍‌ଘାଟିତ ହୋଇଯାଇଛି ।

ସେହିପରି ଆଇଇଇଇ କମ୍ପ୍ୟୁଟର ସୋସାଇଟିର ସୋଆ ଷ୍ଟୁଡେଂଟ ବ୍ରାଂଚ ଚାପ୍ଟର ମଧ୍ୟ ଏହି ଅବସରରେ ଆରମ୍ଭ କରାଯାଇଛି । ଏଥି ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଯୁଗ୍ମ ସମ୍ପାଦକ ଓ ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚର କାଉନ୍‌ସିଲର ପ୍ରଫେସର ରେଣୁ ଶର୍ମା ଏହି ଶାଖା ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଥିବା ପ୍ରଫେସର ଶର୍ମା ଏହି ଶାଖା ପ୍ରତିଷ୍ଠା ହେବା ଦ୍ୱାରା ନବୀକରଣ, ସହଭାଗିତା ଏବଂ ନେତୃତ୍ୱ ବିକାଶ କ୍ଷେତ୍ରରେ ବିଶ୍ୱ ଦରବାରରେ ଛାତ୍ରଛାତ୍ରୀଙ୍କୁ ନୂତନ ସୁଯୋଗ ପ୍ରଦାନ କରିବ ବୋଲି କହିଥିଲେ ।




କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟରେ ଆଇଇଇଇର କାର୍ଯ୍ୟକଳାପକୁ ପରିଚାଳନା କରୁଥିବା ସଂଯୋଜକ ଏବଂ ଛାତ୍ରଛତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନେ ଗବେଷଣା, ବୃତିଗତ ଉନ୍ନତି ଏବଂ ବିଭିନ୍ନ କ୍ଷେତ୍ରରେ ଇଞ୍ଜିନିୟରିଂ କୌଶଳ ବ୍ୟବହାର କରି ସମାଧାନରେ ଉପନୀତ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର କୋଷାଧ୍ୟକ୍ଷ ତଥା ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡି.ପି ଡୋଗ୍ରା, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଉପଦେଷ୍ଟା ତଥା ଆଇଇଇଇ ଭୁବନେଶ୍ୱର ଉପଶାଖାର ପୂର୍ବତନ ଚେୟାର ହରେକୃଷ୍ଣ ରଥ, ଆଇଇଇଇ ଭୁବନେଶ୍ୱର ଶାଖାର ଉପଦେଷ୍ଟା ତଥା ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଏବଂ ଭେଲ୍‌ର ଜେନେରାଲ ମ୍ୟାନେଜର ପ୍ରଫେସର ଏ.କେ. ତ୍ରିପାଠୀ, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଭାଇସ୍ ଚେୟାର ଏବଂ କିଟ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂର ପ୍ରଫେସର ତଥା ନିର୍ଦ୍ଦେଶକ ପ୍ରଫେସର ଚିନ୍ମୟ କୁମାର ପାଣିଗ୍ରାହୀ, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଚେୟାର (ଏସ୍‌ଏସି) ଏବଂ ସିଲିକନ୍ ବିଶ୍ୱବିଦ୍ୟାଳୟର ଇଇଇ ବିଭାଗର ପ୍ରଫେସର ପ୍ରତାପ ରଞ୍ଜନ ମହାନ୍ତି ବକ୍ତବ୍ୟ ରଖିଥିଲେ ।

ପ୍ରଫେସର ଡୋଗ୍ରା ଶିକ୍ଷା ଏବଂ ଶିଳ୍ପକୁ ନବୀକରଣ ଓ ସହଭାଗିତାମୂଳକ ପ୍ରକଳ୍ପ ମାଧ୍ୟମରେ ଯୋଡ଼ିବାରେ ଆଇଇଇଇର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ବେଳେ ଶ୍ରୀ ରଥ ଡିଆର୍‌ଡିଓରେ ତାଙ୍କ କାର୍ଯ୍ୟକାଳର ଅଭିଜ୍ଞତା ସମ୍ପର୍କରେ ବଖାଣି ବୃତିଗତ ନୈତିକତା, ଦଳଗତ କାର୍ଯ୍ୟ ଏବଂ ଭବିଷ୍ୟତର ଇଞ୍ଜିନିୟରଙ୍କ ମଧ୍ୟରେ ବୈଷୟିକ ଉତ୍କର୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ରଥ ଛାତ୍ରଛାତ୍ରୀମାନେ ଆଇଇଇଇକୁ ଅଧିକ ବ୍ୟବହାର କରି କାର୍ଯ୍ୟକରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଫେସର ପାଣିଗ୍ରାହୀ ଗବେଷଣା ଏବଂ ଜ୍ଞାନର ଆଦାନପ୍ରଦାନ କ୍ଷେତ୍ରରେ ଆଇଇଇଇ ପକ୍ଷରୁ ପ୍ରଦାନ କରାଯାଉଥିବା ସୁଯୋଗ ଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଇଥିବା ବେଳେ ପ୍ରଫେସର ମହାନ୍ତି ଆଇଇଇଇ କାର୍ଯ୍ୟକ୍ରମରେ ସୋଆ ଛାତ୍ରଛାତ୍ରୀଙ୍କର ପ୍ରତ୍ୟକ୍ଷ ଯୋଗଦାନକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟର ସଂପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଆଇଇଇଇ ଭୁବନେଶ୍ୱର କମ୍ପ୍ୟୁଟର ସୋସାଇଟି ଚାପ୍ଟରର ଭାଇସ୍ ଚେୟାର ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚ ଚାପ୍ଟରର ଉପଦେଷ୍ଟା ତଥା ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ଆଇଇଇଇ କମ୍ପ୍ୟୁଟର ସୋସାଇଟି ଷ୍ଟୁଡେଂଟ ବ୍ରାଂଚ ଚାପ୍ଟରର ଲକ୍ଷ୍ୟ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ଯେ ଏହି ପ୍ଲାଟଫର୍ମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଏଆଇ, ସାଇବର ସିକ୍ୟୁରିଟି ଏବଂ ଡାଟା ସାଇନ୍ସ ଭଳି ଅତ୍ୟାଧୁନିକ ଜ୍ଞାନ କୌଶଳରେ ମିଳିବା କରିବା ସହ ନେତୃତ୍ୱ ନେବାରେ ସହାୟକ ହେବ । ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚର ଉପଦେଷ୍ଟା ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ମନୋଜ କୁମାର ଦେବନାଥ ଏବଂ ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚ, ସେଂଟର ଫର ସାଇବର ସିକ୍ୟୁରିଟିର ଉପଦେଷ୍ଟା ପ୍ରଫେସର ଭାରତ ଜେ. ଆର. ସାହୁ ମଧ୍ୟ ବକ୍ତବ୍ୟ ରଖିବା ସହ ଆଇଇଇଇ ଦ୍ୱାରା କିଭଳି ଦଳଗତ କାର୍ଯ୍ୟ, ଗବେଷଣା ଏବଂ ବୃତିଗତ ଉନ୍ନତି ସହଜ ହୋଇପାରୁଛି ସେ ବିଷୟରେ ମତ ରଖିଥିଲେ । ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚ ଏବଂ ଆଇଇଇଇ କମ୍ପ୍ୟୁଟର ସୋସାଇଟି ସୋଆ ଷ୍ଟୁଡେଂଟ ବ୍ରାଂଚ ଚାପ୍ଟରର ଚେୟାର ମନୀଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ରୁ ଚୁଡ଼ଙ୍ଗଗଡ ବାରଙ୍ଗ ମହୋତ୍ସବ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗ ଥାନା ଅନ୍ତର୍ଗତ ଚୁଡଙ୍ଗଗଡ ବାରଙ୍ଗ ମହୋତ୍ସବ ୨୦୨୫,ଅଷ୍ଟମ ବର୍ଷ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ମହୋତ୍ସବର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ପ୍ରଥମେ ଆସନ୍ତା ତା ୦୨.୧୧.୨୦୨୫ ରିଖ (ସକାଳ ୮ ଘଟିକା ସମୟରେ ନରଣପୁର ସ୍ଥିତ ରାମେଶ୍ୱର ମନ୍ଦିର ନିକଟରୁ ମା କନକଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଏକ ଗଣଶୋଭାଯାତ୍ରା ଆୟୋଜନ କରାଯାଇଅଛି । ପବିତ୍ର ମହା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ତା. ୦୫.୧୧.୨୦୨୫ ସକାଳ ୭ ଘଟିକା ସମୟରେ ପୂର୍ଣ୍ଣତୋୟା ପ୍ରାଚୀ ନଦୀ (ପୁରୀ ମେନ୍ କେନାଲ)ରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ସମାପନ ହେବା ପରେ ସନ୍ଧ୍ୟା ୫.୦୦ ଘଟିକା ସମୟରେ ମହା ସମାରୋହର ମଞ୍ଚ ଉଦଘାଟନ କରାଯିବା ସହ ଅତିଥିମାନଙ୍କୁ ମଞ୍ଚାସୀନ କରାଯିବ । ଏହି ମହୋତ୍ସବରେ ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତା, ଐତିହାସିକ, ଶିକ୍ଷାବିତ୍, ଦାର୍ଶନିକ, ସାହିତ୍ୟିକ, କଳାକାର, ସମାଜସେବୀ ଯୋଗ ଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଅଛନ୍ତି । ଏହି ମହୋତ୍ସବରେ ଅଖଣ୍ଡ ବାରଙ୍ଗର ୧୯ଟି ଗ୍ରାମ ପଞ୍ଚାୟତର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଚୁଡ଼ଙ୍ଗଗଡ଼ର ଐତିହ ସମ୍ବନ୍ଧରେ ବକ୍ତୃତା ଏବଂ ସାଧାରଣ ଜ୍ଞାନର ପ୍ରତିଯୋଗିତା, କ୍ରୀଡାବିତ୍‌ମାନଙ୍କୁ ନେଇ ଫୁଟବଲ ଏବଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଛୋଟ ଛୋଟ ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତର ଉଚ୍ଚ କୋଟିର କଳାକାର ମାନଙ୍କ ଦ୍ୱାରା କଳା ପରିବେଷଣ ସର୍ବୋପରି ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଚୁଡ଼ଙ୍ଗ ସମ୍ମାନ - ୨୦୨୫ରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦାସ,ଉପସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ଉପଦେଷ୍ଟା ବସନ୍ତ ମହାପାତ୍ର, ସୁନିଲ ସିଂ, କୋଷାଧ୍ୟକ୍ଷ ଭୂପତି ପାଣି, ସୁନିଲ ସ୍ୱାଇଁ, ସମ୍ପାଦକ ଦୀପକ ସ୍ୱାଇଁ, ସନ୍ତୋଷ ଷଡ଼ଙ୍ଗୀ, ପ୍ରମୋଦ ରାଉତଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ଦଳର ଅସଲ ଚରିତ୍ର ପଦାରେ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାର ବଳକା ଖାଦ୍ୟ ଖାଇ ୨୦ ଗୋରୁଙ୍କ ଦୁଃଖଦ ମୃତ୍ୟୁବରଣ କରିବା ନେଇ କଂଗ୍ରେସ ଭବନରେ କଂଗ୍ରେସର ବରିଷ୍ଠ ମୁଖପାତ୍ର ସୋନାଲି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା ।

ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଶ୍ରୀମତୀ ସାହୁ କହିଛନ୍ତି, ଗତ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଏକ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁ ସଭାରେ ୨୦ରୁ ୨୫ ହଜାର ଲୋକଙ୍କ ପାଇଁ ଖାଦ୍ୟ ରନ୍ଧା ହୋଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିଜେପି ବଡ଼ କଷ୍ଟରେ କେବଳ ୫ ହଜାର ଲୋକଙ୍କୁ ଜୁଟାଇ ପାରିଥିଲା । ତେଣୁ ପ୍ରାୟ ଅବଶିଷ୍ଟ ୧୫ରୁ ୨୦ ହଜାର ଲୋକଙ୍କ ପାଇଁ ଥିବା ଖାଦ୍ୟ ଦାୟିତ୍ୱହୀନ ଭାବରେ ଫୋପାଡି ଦେଇଥିଲେ ଏବଂ ଏହାକୁ ଗୋଠମା ଗାଁର ଗାଈ ଭକ୍ଷଣ କରିବାରୁ ୨୦ଟି ଗାଈ ମୃତ୍ୟୁବରଣ କରିବା ସହ ୪୦ ଗାଈ ଅସୁସ୍ଥ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଦୁଃଖର କଥା ଏପର୍ଯ୍ୟନ୍ତ ଗାଈମାନଙ୍କ ପୋଷ୍ଟମର୍ଟମ ରିପୋର୍ଟ ସରକାର ସାର୍ବଜନୀନ କରିନାହିଁ । ପଶୁପାଳନ ବିଭାଗ ଚୁପ, ନିର୍ବାଚନ କମିଶନଙ୍କ ଠାରୁ କାରଣ ଦର୍ଶାଅ ନୋଟିସ ନାହିଁ, ସ୍ଥାନୀୟ ନେତା ଚୁପ, ସାଂସଦ ଚୁପ । ଏପରିକି ବିଜେପି ଦଳର ଛାମୁଆ ସଂଗଠନ ଗୋପ୍ରେମୀ ବୋଲାଉଥିବା ବଜରଙ୍ଗ ଦଳ, ଭିଏଚପି ଆଦି ନୀରବଦ୍ରଷ୍ଟା । ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି କାହିଁକି ଲୁଚିଛି ବୋଲି ପ୍ରଶ୍ନ ପଚାରିଛନ୍ତି ଶ୍ରୀମତୀ ସାହୁ । ସେ କହିଛନ୍ତି ବିଜେପିର ବିଜୟୀ ହେବା ଓ ଦଳ ମଧ୍ୟରେ କନ୍ଦଳ ନଥିବା ବାହାସ୍ଫୋଟର ପର୍ଦାଫାଶ ଖୋଦ ମୁଖ୍ୟମନ୍ତ୍ରୀଙ୍କ ସଭାରୁ ସାରା ଓଡିଶାବାସୀ ଜାଣିଲେ । ମୁଖ୍ୟମନ୍ତ୍ରୀ ସଭା ପାଇଁ ୨୦ ହଜାର ଲୋକ ଆସିବା ଯୋଜନା ଥିଲେ ସୁଦ୍ଧା ବିଜେପି ଦଳର ଅକ୍ଳାନ୍ତ ପରିଶ୍ରମ ଓ ଟଙ୍କା ବାଣ୍ଟିବା ସତ୍ତ୍ୱେ ମୋଟେ ୫ ହଜାର ଦର୍ଶକ ହୋଇଥିଲେ ଓ ୧୫ ହଜାର ଚୌକି ଖାଲି ପଡିଥିଲା । ପ୍ରକୃତରେ ବରିଷ୍ଠ ବିଜେପି ନେତା ବସନ୍ତ ପଣ୍ଡା, ବିଜେପି ନେତା ଯଦୁମଣି ପାଣିଗ୍ରାହୀ ଓ ପ୍ରସନ୍ନ ପାଢ଼ୀ ଗୋଷ୍ଠୀ ସହଯୋଗ କରିଲେ ନାହିଁ । ଫଳରେ ମୁଖ୍ୟମନ୍ତ୍ରୀ ସଭା ଖାଲି ପଡିଲା । ଭିତରେ ଗୋଷ୍ଠୀ କନ୍ଦଳରେ କାନ୍ଦୁଥିବା ବିଜେପି ବାହାରେ ବାହାଦୁରି ଦେଖାଇବା ଅତ୍ୟନ୍ତ ହାସ୍ୟାସ୍ପଦ ବିଷୟ । ପ୍ରକୃତରେ ବଳକା ପଚା ଖାଦ୍ୟ ଖାଇ ଗାଈ ମୃତ୍ୟୁବରଣ କରି ନାହାନ୍ତି ସେମାନଙ୍କୁ ବିଜେପି ଜାଣିଶୁଣି ହତ୍ୟା କରିଛି । ଗାଈଙ୍କ ସୁରକ୍ଷା ପାଇଁ ଚିତ୍କାର କରୁଥିବା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କାହିଁକି ମୁହଁ ଖୋଲୁ ନାହାନ୍ତି ? ମୁହଁ ଖୋଲିଲେ କଣ ବାଲେଶ୍ୱର ଗୋଶାଳାରୁ ୨୫ ହଜାର ଗାଈ ଚୋରୀ ହେବା ପ୍ରସଙ୍ଗ ଉଠିବ ତେଣୁ ମୁହଁ ବନ୍ଦ କି ? ବଳକା ୧୫ ହଜାର ଜଣଙ୍କ ଖାଦ୍ୟକୁ ଖାଦ୍ୟ ଯୋଗାଣ ବିଭାଗ କାହିଁକି ନଷ୍ଟ କଲାନାହିଁ ? ଏବେ ମଧ୍ୟ ୪୦ ଗାଈ ଅସୁସ୍ଥ ଅଛନ୍ତି ତେବେ ପଶୁପାଳନ ବିଭାଗ କଣ ପଦକ୍ଷେପ ନେଇଛନ୍ତି ? ଏସବୁରୁ ସରକାରଙ୍କ ପାରିବା ପଣିଆ କେତେ ଜଣା ପଡୁଛି । ମୁଖ୍ୟମନ୍ତ୍ରୀ କଣ ପଦକ୍ଷେପ ନେଇଛନ୍ତି ? ପ୍ରତ୍ୟେକ ଜିଲ୍ଲାରେ ଗୋଶାଳା ଖୋଲାଯିବା କଣ ହେଲା ? ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମତୀ ସାହୁ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ସାହୁଙ୍କ ସହ ମୁଖପାତ୍ର ନଳିନୀକାନ୍ତ ନାୟକ ଓ ଝୁନା ପଟ୍ଟନାୟକ ଉପସ୍ଥିତ ଥିଲେ ।



## ସେବା ସମବାୟ ସମିତି ପରିଚାଳନା ବିରୋଧରେ ଦାବିପତ୍ର



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ଥିବା ବ୍ରହ୍ମପୁରା ସେବାସମବାୟ ସମିତି ପରିଚାଳନା କମିଟି ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପ ସମ୍ବନ୍ଧରେ ବ୍ରହ୍ମପୁରା ସେବାସମବାୟ ସମିତିର ସଭ୍ୟମାନେ ଓଡ଼ିଶା ସମବାୟ ରେଜିଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ପରିଚାଳନା କମିଟିର କାର୍ଯ୍ୟକଳାପ ଓ ସମିତିର ନୂଆ ଗୃହ ନିର୍ମାଣ ନିମ୍ନମାନର ହୋଇଥିବା ସମ୍ବନ୍ଧରେ ବନଲତା ସିଂହ, ପ୍ରଭାତୀ ରଣା, ବୈରାଗୀ ଚରଣ ନାୟକ, ଦେବେନ୍ଦ୍ର ପ୍ରଧାନ, ଲକ୍ଷ୍ମୀନାରାୟଣ ଦେବତା, ନିରଞ୍ଜନ ନାୟକ, ଉଲ୍ଲାସ ଭୋଇ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ଏହାର ନକଲ ରାଜ୍ୟ ସମବାୟ ମନ୍ତ୍ରୀ, ଜିଲ୍ଲାପାଳ କଟକ, ଉପଜିଲ୍ଲାପାଳ ବାଙ୍କୀ, ଏଆରସିଏସ୍ ବାଙ୍କୀ, ସଂପାଦକ ବାଙ୍କୀ କେନ୍ଦ୍ର ସସବାୟ ବ୍ୟାଙ୍କ, ବ୍ରହ୍ମପୁରା ସେବାସମବାୟ ସମିତି ଆଦିକୁ ପ୍ରଦାନ କରିଛନ୍ତି ।

## ରିତୁରଙ୍ଗ ବଙ୍ଗୀୟ ସମାଜର ଶ୍ୟାମାକାଳୀ ପୂଜା

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ରୁଗୁଡିପଡ଼ା ପୂଜା ମଣ୍ଡପ ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରିତୁରଙ୍ଗ ବଙ୍ଗୀୟ ସମାଜର ୩୭ତମ ମା ଶ୍ୟାମାକାଳୀ ପୂଜା ୨୦ ତାରିଖ ସୋମବାର ଅମାବାସ୍ୟା ମଧ୍ୟରାତ୍ରରେ ଅନୁଷ୍ଠିତ ହୋଇଛି । ଏଠାରେ ରହୁଥିବା ବଙ୍ଗୀୟ ସମାଜର ପରିବାର ମହିଳା-ପୁରୁଷ, ପୁଅ-ଝିଅମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ସଫଳତା ପାଇଁ ସହଯୋଗ କରିଥିଲେ । ବଙ୍ଗାଳୀ ରୀତି ନୀତି ଅନୁସାରେ ମା ଶ୍ୟାମାକାଳୀଙ୍କ ପୂଜନ ଅନୁଷ୍ଠିତ ହୋଇଥିବା ବେଳେ ଆଜି ସନ୍ଧ୍ୟା ୭ ଘଣ୍ଟାରେ ଧୂପନାଚ ଓ ଆଗାମୀ କାଲି ମାଙ୍କ ଭସାଣି ପୂର୍ବରୁ ମା ଭଉଣୀମାନଙ୍କ ସିନ୍ଦୂର ଖେଳ ଅନୁଷ୍ଠିତ ହେବ । ମଧ୍ୟାହ୍ନରେ ପଂକ୍ତିଭୋଜିରେ ପ୍ରସାଦ ବିତରଣ ହେବ । ସନ୍ଧ୍ୟା ୭ରେ ପ୍ରତିମା ନିରଞ୍ଜନ ଆରମ୍ଭ ହୋଇ ରାତିରେ ବିସର୍ଜନ ହେବ ।



## ନିଆଳିରେ ବିଜେପିର ଟୋପି ପିନ୍ଧି କଟକରେ କଂଗ୍ରେସର ହାତ ଧରୁଛନ୍ତି କର୍ମୀ



**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ରାଜନୀତି ଦିନକୁ ଦିନ ରୋଚକ ପରିସ୍ଥିତିରେ ଦେଖିବାକୁ ମିଳିଛି । ନିଆଳିରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କେଉଁଟି କର୍ମୀ ସମ୍ମିଳନୀ ତ ଆଉ କେଉଁଠି ପଦ ଯାତ୍ରା ଓ ମିଶ୍ରଣ ପର୍ବ ଦେଖିବାକୁ ମିଳିଛି । ସବୁଠୁ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି ବିଜେପି ଦଳରେ । ବିଜେପିର ପୁରୁଣା କର୍ମୀଙ୍କୁ ଅବହେଳା କରାଯାଉଥିବାରୁ ସେମାନେ ଲୋକଲଜ୍ୟା ଭୟରେ ଅନ୍ୟ ଦଳକୁ ନଯାଇ ଚୁପ ବସିଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ବିଜେପିର ବିଧାୟକ ଅନ୍ୟ ଦଳର କର୍ମୀଙ୍କୁ ଆଣି ବିଜେପିରେ ମିଶାଇ ବାହା ବାହା ନେଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଓଲଟା । ଅକ୍ଟୋବର ୧୦ ତାରିଖରେ ନିଆଳି ବ୍ଲକ ନୂଆଗାଁ ପଂଚାୟତ ରାମ ମନ୍ଦିର ସ୍ମଶାନ ପଡିଆରେ ବିଜେପି ପକ୍ଷରୁ ଏକ ବିଶାଳ ମିଶ୍ରଣ କରାଯାଇଥିଲା । ଏହି ମିଶ୍ରଣ ପର୍ବ ଦେଖି ଖୋଦ ବିଧାୟକ ଖୁସି ଥିବା ଗଣମାଧ୍ୟମକୁ କହିଥିଲେ । ହେଲେ ଏହି ମିଶ୍ରଣ ପର୍ବରେ ନିଆଳି ନୂଆଗାଁ ପଂଚାୟତର ଅଧିକାଂଶ କର୍ମୀ ବିଜେପିରେ ଯୋଗ ଦେଇଥିଲେ। ଯାହା ନିଆଳିରେ ଆଲୋଚନା ହେଉଥିଲା ଆଗାମୀ ପଂଚାୟତ ନିର୍ବାଚନରେ ବିଜେପିର ଭୋଟ ବଢିବ ବୋଲି । ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ଗତ ୧୭ ତାରିଖ ଶୁକ୍ରବାର ଦିନ କଟକରେ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ବିଧାୟକ ମୁକିମଙ୍କ ସଭାରେ ଯେଉଁମାନେ ନୂଆଗାଁ ବିଜେପି ମିଶ୍ରଣ ପର୍ବରେ ମିଶିଥିଲେ ସେଥିମଧ୍ୟରୁ ଅଧିକାଂଶ କର୍ମୀ ମୁକିମଙ୍କ କଂଗ୍ରେସ ସଭାରେରେ ଉପସ୍ଥିତ ରହିଥିଲେ । ଯାହାକୁ ନେଇ ନିଆଳି ବିଜେପି ରାଜନୀତିରେ ଏକ ପ୍ରକାର ଅସ୍ଥିରତା ସୃଷ୍ଟି କରିଛି । ନିଆଳି ବିଧାୟକ ଛବି ମଲିକ ଅନ୍ୟ ଦଳର କର୍ମୀଙ୍କୁ ବିଜେପିରେ ମିଶାଇବା ପୂର୍ବରୁ ସେମାନେ କେଉଁ ଦଳର, ପୂର୍ବରୁ ବିଭିନ୍ନ ରାଜନୀତିକ ଦଳ ପରିବର୍ତ୍ତନ କରିଛନ୍ତି କି ନାହିଁ ଏ ସବୁ ପ୍ରତି ଦୃଷ୍ଟି ନ ଦିଅନ୍ତି ଆଗକୁ ଆସୁଥିବା ପଂଚାୟତ ନିର୍ବାଚନରେ ଦଳ ଏକ ପ୍ରକାର ବିପର୍ଯ୍ୟୟର ସମ୍ମୁଖୀନ ହେବ । ବିଧାୟକ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ସଂଗଠନ ପ୍ରତି ଦୃଷ୍ଟି ଦେବାକୁ ପୁରୁଣା ଦଳୀୟ କର୍ମୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

## ମହିଳାଙ୍କୁ ନ୍ୟାୟ ଦାବିରେ ଡିଜିଙ୍କୁ ଭେଟିଲା ବିଜେଡି



**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାର ମହିଳାଙ୍କୁ ସଂଗବଦ୍ଧ ଆକ୍ରମଣ ଘଟଣାରେ ପୀଡ଼ିତା ମହିଳାଙ୍କୁ ନ୍ୟାୟ ଦେବା ଦାବିରେ ପୋଲିସ ଡିଜିଙ୍କୁ ଭେଟିଲା ବିଜେଡ଼ି ପ୍ରତିନିଧି ମଣ୍ଡଳୀ । ବିଜେଡ଼ି ମିଡ଼ିଆ ସେଲ ନେତୃତ୍ୱରେ ବିଜେଡ଼ିର ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ବକ୍ସିବଜାର ସ୍ଥିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଡିଜିପିଙ୍କୁ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ଆଲିପିଙ୍ଗଳ ଅଂଚଳରେ ଜନୈକ ମହିଳା ବିଜେଡ଼ି ସୋସିଆଲ ମିଡ଼ିଆରେ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ବିଗୁଡ଼ୁଥିବା ଆଇନଶୃଙ୍ଖଳାକୁ ନେଇ ସେ ନିଜ ସୋସିଆଲ ମିଡ଼ିଆରେ ସମାଲୋଚନା କରିଥିଲେ । ଯାହା ଫଳରେ ତାଙ୍କ ଉପରେ ସଂଗବଦ୍ଧ ଆକ୍ରମଣ କରାଯିବାର ଅଭିଯୋଗ ହୋଇଥିଲା । ବର୍ତ୍ତମାନ ସେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ତେବେ ଏହି ଘଟଣାକୁ ନେଇ ଦୋଷୀଙ୍କ ବିରୁଦ୍ଧରେ ବିଜେଡ଼ିର ଏକ ଟିମ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅପର ପକ୍ଷରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଡିଜିପି ପ୍ରତିଶ୍ରୁତି ଦେଇଥିବା କଥା ବିଜେଡ଼ି ବରିଷ୍ଠ ନେତୃମଣ୍ଡଳୀ କହିଛନ୍ତି ।

## ବାଣ ଫୁଟି ୪୦ ଆହତ: ପ୍ରଦୂଷଣ ସ୍ତର ବୃଦ୍ଧି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସହରରେ ବେଶ ଧୁମଧାମର ସହିତ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି । ଘରେ ଘରେ ଆନନ୍ଦ ଉଲ୍ଲାସର ସହ ପାଳିଛନ୍ତି ଦିୱାଲି । ତେବେ ଏହି ଖୁସିର ପର୍ବ କାହାପାଇଁ ପୁଷମାସ ପାଲଟିଥିବାବେଳେ, ଆଉ କାହା ପାଇଁ ପାଲଟିଛି ସର୍ବନାଶ । ଦୀପାବଳି ଅବସରରେ ବାଣଫୁଟାରୁ ପୋଡ଼ି ହୋଇ ଅନେକ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି । ଆହତଙ୍କୁ ଚିକିତ୍ସା ପାଇଁ ଏସସିବିରେ ଭର୍ତ୍ତି କରାଯାଇଛି । ଏସସିବି ଜରୁରୀକାଳୀନ ଓ ଟ୍ରମା କେୟାର ସେଣ୍ଟରରେ ୪୦ରୁ ଅଧିକ ଆହତ ଚିକିତ୍ସିତ ହେଉଛନ୍ତି ।

ସୂଚନାମୁତାବକ, ବାଇକରେ ବିସ୍ଫୋରଣ ଘଟି ୨ ଜଣ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଚାଉଳିଆଗଂଜ ଥାନା ଅନ୍ତର୍ଗତ ଅପର୍ଣ୍ଣାନଗରରେ ଏହି ବିସ୍ଫୋରଣ ଘଟିଛି । ୨ ଜଣ ଯୁବକ ବାଇକରେ ବାଣ ନେଇ ଯାଉଥିବା ବେଳେ ହଠାତ ଗାଡ଼ିରେ ବିସ୍ଫୋରଣ ହୋଇଥିଲା । ଶବ୍ଦ ଏତେ ଯୋରରେ ହୋଇଥିଲା ଯେ, ଆଖପାଖର ଲୋକେ ଘରୁ ବାହାରି ଆସିଥିଲେ । ବିସ୍ଫୋରଣରେ ବାଇକଟି ସଂପୂର୍ଣ୍ଣ ଜଳି ଯାଇଥିଲା । ଏହି ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇଥିବା ୨ ଯୁବକକୁ ସଂଗେ ସଂଗେ ଏସସିବି ମେଡ଼ିକାଲକୁ ପଠାଯାଇଥିଲା । ତେବେ ସଂପୂର୍ଣ୍ଣ ଘଟଣା ରାସ୍ତା କଡ଼ରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିଲା । ସେହିପରି ସ୍ଥାନୀୟ ପିଠାପୁର ଅଂଚଳର ଡାଲମିଲ ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ଥୁଆ ହୋଇଥିବା କାରରେ ରାତି ପାଖାପାଖି ୧୧ଟା ସମୟରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା କ୍ଷଣି ଏହା ଉଗ୍ରରୂପ ଧାରଣ କରିଥିଲା । ସଂଗେ ସଂଗେ ସ୍ଥାନୀୟ ଲୋକେ ଅଗ୍ନିଶମ ବହିନୀଙ୍କୁ ଖବର ଦେଇଥିଲେ । ଏହପରେ ୨ଟି ଫାୟାର ଗାଡ଼ି ଓ ୧୫ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଏକ ଘଂଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ । ବାଣ ପଡ଼ିବା ଯୋଗୁଁ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି ।

ଅପରପକ୍ଷରେ, ଦୀପାବଳିରେ ବାଣ ଫୁଟି ସମଗ୍ର କଟକ ସହର ଧୂଆଁମୟ ହୋଇଯାଇଥିଲା । ଗଳିଗୁଡ଼ିକ ବାରୁଦ ଗନ୍ଧରେ ପରିପୂର୍ଣ୍ଣ ହୋଇଯାଇଥିଲା । ରାସ୍ତା ଉପରେ କାଗଜ ଖଣ୍ଡ ବିଛାଡ଼ି ହୋଇ ପଡ଼ିଥିଲା । ଦୀପାବଳିରେ ବାଣ ଫୁଟାଇବା ଯୋଗୁଁ କଟକ ସହରର ପ୍ରଦୂଷଣ ସ୍ତର ଯଥେଷ୍ଟ ବୃଦ୍ଧି ପାଇଥିଲା । ସହରରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୧୯୦ରେ ପହଞ୍ଚିଥିବା ଜଣାପଡ଼ିଛି । ଏହାଛଡ଼ା ଯଦିଓ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିୟମ ସ୍ଥିର ହୋଇଥିଲା କିନ୍ତୁ ରୌପ୍ୟ ନଗରୀରେ ଏହାର ଉଲଂଘନ ଦେଖା ଦେଇଥିଲା । ବିଳମ୍ବିତ ରାତିଯାଏ ଲୋକମାନେ ବାଣ ଫୁଟାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ମଧ୍ୟ ଗୁରୁତର ହୋଇଥିଲା । ବାୟୁ ପ୍ରଦୂଷଣ ଯୋଗୁଁ ସହରର ହୃଦରୋଗୀ, ଶ୍ୱାସରୋଗୀ ଓ ଶିଶୁମାନଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼ିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ସ୍କୁଲ ପ୍ରତିଷ୍ଠାକୁ ୧୧୫ବର୍ଷ ପୂରିବ: ବଦଳିପାରୁନି ରୂପରେଖ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ପ୍ରାଥମିକ ଶିକ୍ଷାକୁ ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଶୈକ୍ଷିକ ବାତାବରଣରେ କୌଣସି ପରିବର୍ତ୍ତନ ହୋଇନପାରିବା ସରକାରଙ୍କ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଡ଼ାଳପଙ୍କସ୍ଥ ଯୋଗୀନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ । ୧୯୧୧ ମସିହା ଜାନୁଆରୀ ମାସ ୧ ତାରିଖରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ଆଉ ଦିନ କେଇଟା ପରେ ୧୧୫ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି କିନ୍ତୁ ଶ୍ରେଣୀ ଗୃହ ଅଭାବରୁ ଏଠାରେ ଶିକ୍ଷା ଦାନରେ ଘୋର ସମସ୍ୟା ଉପୁଜୁଛି । ଏହି ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଦୁଇଟି ଗୃହ ଥିବାବେଳେ ୩ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଏହା ମଧ୍ୟରେ ୧୧୪ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନାହିଁ । ଚଳିତ ଶିକ୍ଷାବର୍ଷରେ ୭୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଉକ୍ତ ବିଦ୍ୟାଳୟରେ ଦୁଇଟି ଗୃହରେ ୬ଟି ଶ୍ରେଣୀର ପାଠ ପଢା କିପରି ଚାଲିଛି ଏବଂ ଏଠାରେ କିପରି ଅଧ୍ୟାପନା କାର୍ଯ୍ୟ ସଂପାଦନ ହେଉଛି ସେଥିନେଇ ଅଭିଭାବକଙ୍କ ଚିନ୍ତା ବଢିଯାଇଛି । ଗୋଟିଏ କୋଠରୀରେ ୪ଟି ଶ୍ରେଣୀ ଓ ଅନ୍ୟ କୋଠରୀରେ ୨ଟି ଶ୍ରେଣୀର ପାଠପଢା ଚାଲିଆସୁଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ବିଦ୍ୟାଳୟଟିର କୌଣସି କାର୍ଯ୍ୟାଳୟ ନଥିବାରୁ ପାଠପଢା ସହ ସମସ୍ତ ଆସବାବପତ୍ର ୨ଟି ଗୃହରୁ ଗୋଟିଏ ଶ୍ରେଣୀ ଗୃହରେ ରହୁଥିବାରୁ ଅଫିସ କାର୍ଯ୍ୟ ସହ ଅନ୍ୟ ସମସ୍ତ କାର୍ଯ୍ୟ ଉକ୍ତ ଗୃହରେ ସମ୍ପାଦିତ ହେଉଥିବାରୁ ଏହା ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରୁଥିବାର ଜଣାପଡ଼ିଛି । ବିଦ୍ୟାଳୟ ପରିସରରେ ଏକ ପୋଖରୀ ଥିବାରୁ ଏହା ମଧ୍ୟ କୋମଳମତି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ କାର୍ଯ୍ୟାଳୟଟିର ମରାମତି କରାଯାଇଥିଲେ ସୁଦ୍ଧା ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ସାଂସଦଙ୍କ ପାଣ୍ଠିରୁ ଅନୁମୋଦିତ କମ୍ପ୍ୟୁଟର ଅଫିସ ଗୃହରେ ପଡ଼ିରହି ବ୍ୟବହାର ଯୋଗ୍ୟ ହୋଇ ନପାରି ଖତ ଖାଉଛି । ସେହିପରି ବିଦ୍ୟାଳୟ ସମ୍ମୁଖ ପାଖକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରୀ ନିର୍ମାଣ ହୋଇନଥିବାରୁ ଏହା ମଧ୍ୟ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ସେହିପରି ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି ପରିଶ୍ରାଗାରର ସୁବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ । ଏତେ ପୁରାତନ ସ୍କୁଲରେ ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଇବା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି । ତେଣୁ ଏତେ ପୁରାତନ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।




## ମା'ଚର୍ଚ୍ଚିକା ପାଲାମଣ୍ଡଳ ପ୍ରସ୍ତୁତି ବୈଠକ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡା ବ୍ଲକ ଅନ୍ତର୍ଗତ ଢ଼ୁଁସର ଗ୍ରାମସ୍ଥ ମହାପର୍ବତ ପାଦଦେଶରେ ମା'ଚର୍ଚ୍ଚିକା ପାଲାମଣ୍ଡଳର ପ୍ରସ୍ତୁତି ବୈଠକ ନିଶିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ବିନାୟକ ମିଶ୍ର, ମଙ୍ଗଳାଚରଣ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ପଣ୍ଡା ଶର୍ମା ପରିଚାଳନା କରିଥିଲେ ଓ ଦିଲ୍ଲୀପ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ । ଆସନ୍ତା ଡିସେମ୍ବର ମାସରେ ବାଙ୍କୀ କରଡାପଲ୍ଲୀ ଠାରେ ସମ୍ମିଳନୀ ହେବାପାଇଁ ସ୍ଥିର କରାଗଲା । କାର୍ଯ୍ୟକ୍ରମରେ ପଣ୍ଡିତ ଗଦାଧର ଦାସ,ଗଣେଶ୍ୱର ପରିଡା , ରୁଦ୍ର ନାରାୟଣ ନନ୍ଦ, ବିଭୂପ୍ରସାଦ ଦାସ, କୈଳାସ ଚନ୍ଦ୍ର ପୃଷ୍ଟି, ସତ୍ୟଭାମା ସୁବୁଦ୍ଧି, ଲମ୍ବୋଧର ରଣା, ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଅଜଣା ଗାଡ଼ି ଧକ୍କାରେ ମହିଳା ଗୁରୁତର

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ନଗରୀ ଗ୍ରାମପଞ୍ଚାୟତର ବାଟପୁରଣ ଗ୍ରାମର ଜସ୍ମିନ୍ ସୁନ୍ଦରାୟ କୌଣସି କାର୍ଯ୍ୟରେ ଫୁଲନଖରାରୁ କଟକ ଆଡ଼କୁ ଆସିବା ସମୟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କ ଗାଡ଼ିର ଡାହାଣ ପାର୍ଶ୍ୱକୁ ଧକ୍କା ଦେଇଥିଲା । ଯାହା ଫଳରେ କି, ଶ୍ରୀମତୀ ସୁନ୍ଦରାୟ ପଡ଼ିଯିବା ଫଳରେ ତାଙ୍କ ମୁଣ୍ଡର ପଛ ପାର୍ଶ୍ୱରେ ଗଭୀର ଆଘାତ ଲାଗିଛି । ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରାଯାଇ ନିକଟସ୍ଥ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଉକ୍ତ ମହିଳା ଜଣକ ବାରଙ୍ଗ ବ୍ଲକ ମିଶନ ଶକ୍ତି ବିଭାଗର ବାଟପୁରଣ ଆଞ୍ଚଳିକ ମଞ୍ଚର ସି.ଆର.ପି-ସି.ଏମ ଭାବରେ କାର୍ଯ୍ୟରତ ଅଛନ୍ତି ।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 22nd October, 2025 Wednesday | RNI Regd. No. ODIODI/2009/28880

## ହେଲ୍‌ଥ ଟନିକ୍



### ଅଟୋ ଭଡ଼ା

ପଡ଼ୋଶିନୀ ସହିତ ଘରୁ ପଳାଇଥିବା ଯୁବକ ରେଲୱେ ଷ୍ଟେସନ୍‌ରେ ଅଟୋରୁ ଓହ୍ଲାଇବା ପରେ ଅଟୋ ଡ୍ରାଇଭରକୁ ପଚାରିଲା- ଭାଇ, ଭଡ଼ା କେତେ ହେଲା ?

ଅଟୋ ଡ୍ରାଇଭର ସ୍ମିତ ହସଟେ ଦେଇ କହିଲେ- ନାଇଁ, ଆପଣଙ୍କୁ ଭଡ଼ା ଦେବାକୁ ପଡ଼ିବନି।

ଯୁବକ ଆଶ୍ଚର୍ଯ୍ୟ ହୋଇ କହିଲା- କାହିଁକି ଦେବାକୁ ପଡ଼ିବନି ?

ଅଟୋ ଡ୍ରାଇଭର ଅଟୋ ଭିତରେ ବସିଥିବା ପଡ଼ୋଶିନୀ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ- ଭଡ଼ା ତାଙ୍କ ସ୍ୱାମୀ ମତେ ଆଗରୁ ଦେଇଦେଇଛନ୍ତି।

# ଯାଜପୁରର ଗଣପର୍ବ କାଳୀପୂଜାରେ ଝଲସୁଛି ସହର

**ଯାଜପୁର,୨୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରର ଗଣପର୍ବ କାଳୀପୂଜା ମଙ୍ଗଳବାର ରାତ୍ରିରୁ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ବୈତରଣୀ ନଦୀରେ କଳସ ବୁଡା କାର୍ଯ୍ୟକ୍ରମ ସମାପ୍ତ ହେବାପରେ ବିଭିନ୍ନ ମଣ୍ଡପରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ରାତିରୁ ବିଭିନ୍ନ ମଣ୍ଡପରେ ଲକ୍ଷ୍ମୀ ନାରାୟଣ ରୀତିନୀତି ଅନୁସାରେ ପୂଜା ଆରମ୍ଭ କରାଯାଇଛି। ପ୍ରତ୍ୟେକ ମଣ୍ଡପରେ ବିଭିନ୍ନ ପ୍ରକାରର ଆଲୋକସଜ୍ଜା କରାଯାଇ ତୋରଣମାନ ନିର୍ମାଣ କରାଯାଇଛି। ସନ୍ଧ୍ୟା ହେବାମାତ୍ରେ ସମଗ୍ର ସହର ଚଳଚଂଚଳ ହୋଇଯାଉଥିବା ବେଳେ ଆଲୋକ ମାଳାରେ ଝଲସି ହୋଇଉଠୁଛି। ସେହିପରି ସହର ଏବଂ ଏହାର ଆଖପାଖ ଅଂଚଳରେ ବସବାସ କରୁଥିବା ସହରବାସୀ ସେମାନଙ୍କର ନିଜ ନିଜର ଘରଗୁଡିକରେ ଲିଚୁ ଲାଇଟ୍ ଆଲୋକମାଳାରେ ଏପରି ଭାବେ ସଜାଇଛନ୍ତି ଯେ କେହିବି ଦେଖିଲେ ସମଗ୍ର ସହରଟି ଆଲୋକମାଳାରେ ବାନ୍ଧି ହୋଇଥିବା ପରି କହିପାରିବ। ସହରବାସୀ ଏହି ପର୍ବରେ ନିଜକୁ ହଜାଇ ଥାଆନ୍ତି। ତେବେ ଚଳିତବର୍ଷ ଯାଜପୁର ସହର ଓ ଏହାର ଆଖପାଖ ଅଂଚଳରେ ପ୍ରାୟ ୪୬ରୁ ଉର୍ଦ୍ଧ୍ୱ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତିମାନ ପୂଜା ପାଉଥିବା ଦେଖାଯାଇଛି। ଯାଜପୁର ସହରର ସର୍ବପୂରାତନ ବାହାବଳପୁର ଗରୁଡକାଳୀଙ୍କ ଠାରୁ ପ୍ରାଚୀନ ସଦାବ୍ରତମଠ ଓ ଗରିଆପୁର ପ୍ରଭୃତି ଆଦି ଶ୍ୟାମାକାଳୀଙ୍କ ଦର୍ଶନ ଏକ ଆଧାତ୍ମିକତା ପରିବେଶ ସୃଷ୍ଟି କରିଛି। ସେହିପରି ସହରର ମହାବୀର ଛକ, ବୈଦ୍ୟରାଜପୁର, ମାନସାପୋଲ, କିଆନାଳୀକୂଳ, କଚେରୀବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ବଜାର,



ସଦାବ୍ରତ ମଠ, ସାନବଜାର, ଗରୁଡ଼କାଳୀ, ନାରାୟଣ ଛକ, ଗରିଆପୁର, ବିରଜାହାଟ, ବସୁଘର, ରାଣୀରାମଚନ୍ଦ୍ରପୁର ପ୍ରମୁଖ ପୂଜା ମଣ୍ଡପରେ ମା' ଶ୍ୟାମାକାଳୀ ପୂଜା ପାଉଥିବା ବେଳେ ଭାଗବତପୁର, କୁଆଁସରପୁର, ବିରଜା ହାଇସ୍କୁଲ ଛକ, ଖଣ୍ଡେଶ୍ୱର, ତେନ୍ତୁଳିମାଳ, ବେଲାରପୁର, ଯୋଡ଼ିକୂଅ ଛକ, କଲ୍ୟାଣପୁର, ଅମ୍ବିକାଇ, ଶିତଳେଶ୍ୱର, ବେପାରୀ ବରହମପୁର, ଦାମୋଦରପୁର, ସର୍ବହରା ଛକ, ଟାଉନହଲ (ମେଡ଼ିକାଲ ଛକ), ଭବାନୀଗଞ୍ଜ, ଲଳିତେଶ୍ୱରନଗର, କଲେଜଛକ, ବ୍ଲକ ଛକ, ବାଣପୁର, ଏନସି କଲେଜ ସମ୍ମୁଖ, ମାତୃଶକ୍ତି ଷ୍ଟୁଡ଼ିଓ, ଗୋଖନାବଜାର, ବୈଦ୍ୟନାଥନଗର, ଟ୍ୟାକ୍ସିଷ୍ଟାଣ୍ଡ, ହାବେଳି ବଜାର, ପୁରୁଣା ବସ୍‌ଷ୍ଟାଣ୍ଡ ପ୍ରମୁଖ ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣ ପୂଜା ପାଉଛନ୍ତି। ବିଭିନ୍ନ ମଣ୍ଡପର ଭିନ୍ନ ଭିନ୍ନ ସାଜସଜ୍ଜା ପୂଜା ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରୁଛି। ସେହିପରି ବିଭିନ୍ନ ଛକରେ ପଡ଼ିଥିବା ଛୋଟ ଛୋଟ ମେଳାରେ ଦର୍ଶକଙ୍କ ଗହଳି ଲାଗିଥିଲା। ପ୍ରତ୍ୟେକ ମେଢ଼ ପାଖରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ନିୟୋଜିତ କରାଯାଇଛି। ସନ୍ଧ୍ୟା ସମୟରେ ପୂଜା ମଣ୍ଡପରେ ଭିଡ଼ ହେବାକୁ ଦୃଷ୍ଟିରେ ରଖି ଗାନ୍ଧୀ ଛକରୁ ସଦାବ୍ରତ ମଠ ଓ ବଡ଼ବଜାରରୁ ଯୋଡ଼ିକୂଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ଦୁଇ ଚକିଆ ଓ ଚାରି ଚକିଆ ଯାନକୁ ଚଳପ୍ରଚଳ କରିବା ନିମନ୍ତେ ବାରଣ କରାଯିବା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ନିୟନ୍ତ୍ରଣ କରାଯାଉଛି। ବିଭିନ୍ନ ଛକରେ ପଡ଼ିଥିବା ଛୋଟ ଛୋଟ ମେଳାରେ ଦର୍ଶକଙ୍କ ଗହଳି ଲାଗିଥିଲା। ପ୍ରତ୍ୟେକ ମେଢ଼ ପାଖରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ନିୟୋଜିତ କରାଯାଇଛି। ସନ୍ଧ୍ୟା ସମୟରେ ପୂଜା ମଣ୍ଡପରେ ଭିଡ଼ ହେବାକୁ ଦୃଷ୍ଟିରେ ରଖି ଗାନ୍ଧୀ ଛକରୁ ସଦାବ୍ରତ ମଠ ଓ ବଡ଼ବଜାରରୁ ଯୋଡ଼ିକୂଅ ଛକ ପର୍ଯ୍ୟନ୍ତ ରାସ୍ତାକୁ ଦୁଇ ଚକିଆ ଓ ଚାରି ଚକିଆ ଯାନକୁ ଚଳପ୍ରଚଳ କରିବା ନିମନ୍ତେ ବାରଣ କରାଯିବା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ନିୟନ୍ତ୍ରଣ କରାଯାଉଛି। ଆଜି ପ୍ରଥମ ସନ୍ଧ୍ୟା ଥିବାରୁ କିଛିଟା ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭବାନିଗଞ୍ଜ ପୂଜା ମଣ୍ଡପରେ ପାଲା ପରିବେଷଣ କରାଯାଇଥିଲା।

# ବୈଭବ 'ଭବିଷ୍ୟତର ଭୋଟର ଆଇକନ୍'

**ବିହାର,୨୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ନିର୍ବାଚନ କମିଶନ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ନିର୍ବାଚନ କମିଶନ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ 'ଭବିଷ୍ୟତର ଭୋଟର ଆଇକନ୍' ଭାବରେ ମନୋନୀତ କରିଛନ୍ତି।

ସୂର୍ଯ୍ୟବଂଶୀ ଲୋକଙ୍କୁ ଭୋଟ ଦେବାକୁ ଅନୁରୋଧ କରୁଥିବାର ଏକ ଭିଡିଓ ନିର୍ବାଚନ କମିଶନର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ସେୟାର କରାଯାଇଛି। ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ନଭେମ୍ବର ୬ ତାରିଖରେ ଓ ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୧୧ତାରିଖରେ ଅନୁଷ୍ଠିତ ହେବ।

ଜନସାଧାରଣଙ୍କୁ ଭୋଟର ଗୁରୁତ୍ୱ ଜଣାଇବା ସହିତ ଭୋଟ ଦେବା ପାଇଁ ସଚେତନ କରିବା ଦିଗରେ ନିର୍ବାଚନ କମିଶନ ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କୁ ଆଇକନ ଭାବରେ ବ୍ୟବହାର କରନ୍ତି। ତେଣୁ, ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଛି।

ବିହାର ନିର୍ବାଚନରେ ଏକ ବଡ଼ ଦାୟିତ୍ୱ କାନ୍ଧକୁ ନେଇ ବୈଭବ କହିଛନ୍ତି, 'ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ସାଲ୍ୟୁଟ୍ କରୁଛି। ମୁଁ ଯେତେବେଳେ କ୍ରିକେଟ ପଡିଆକୁ ଓହ୍ଲାଇଥାଏ ସେହି ସମୟରେ ମୋର ପ୍ରଥମ କାମ ଓ ଲକ୍ଷ୍ୟ ହୋଇଥାଏ କେମିତି ଭଲ ଖେଳିବି ଏବଂ ମୋ ଦଳକୁ ଜିତାଇବା। ସେହିପରି, ଗଣତନ୍ତ୍ର କ୍ଷେତ୍ରରେ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ କାମ ହେଉଛି ଭୋଟ ଦେବା। ତେଣୁ ଜଣେ ସଚେତନ ନାଗରିକ ହୁଅନ୍ତୁ। ବିଧାନସଭା ନିର୍ବାଚନରେ ଭୋଟ ଦିଅନ୍ତୁ।'

# ମାଓ ଦମନରେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି: ଡିଜିପି

**କଟକ,୨୧।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୬ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗଶେ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବୀର ଶହୀଦଙ୍କ ପରିବାରବର୍ଗ ପ୍ରତି ମଧ୍ୟ ସମବେଦନା ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦମାନଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ କିଛି ବର୍ଷ ପୂର୍ବରୁ ପୋଲିସ ସହିଦମାନଙ୍କର ତାଲିକା ସଂଖ୍ୟା ବହୁତ ଲମ୍ବା ରହୁଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ଦେଶରେ ସହିଦମାନଙ୍କ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ଘଟିଛି ବୋଲି କହିଥିଲେ। ଦେଶର ସମସ୍ତ ସୁରକ୍ଷା ବାହିନୀ ତଥା ପୋଲିସ କର୍ମଚାରୀଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସାହସ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଜମ୍ମୁ-କାଶ୍ମୀର, ପଞ୍ଜାବ, ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ତଥା ନକ୍ସଲ ପ୍ରଭାବିତ ଅଂଚଳରେ ଆମ ପୋଲିସ ଅଧିକାରୀ ଓ ଯବାନମାନେ ବୀରତ୍ୱର ସହିତ ଯୁଦ୍ଧ କରୁଛନ୍ତି। ଆମ ରାଜ୍ୟର ସାହସୀ ପୋଲିସ କର୍ମଚାରୀମାନଙ୍କ ବୀରତ୍ୱ ଯୋଗୁଁ ଆମେ ନକ୍ସଲ ପ୍ରଭାବିତ ଅଂଚଳରେ ଶାନ୍ତି ଓ ସୁରକ୍ଷା ସ୍ଥାପନ କରିପାରିଛୁ। ଆଗାମୀ ଦିନରେ ମଧ୍ୟ ଏାର ପ୍ରୟାସ ଜାରି ରଖିବୁ ବୋଲି ଡିଜିପି କହିଥିଲେ। ଏହି ଅବସରରେ ସାଧାରଣ ଜନତାଙ୍କୁ ନିରନ୍ତର ସେବା ପ୍ରଦାନ କରୁଥିବା ରାଜ୍ୟର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଚଳିତ ବର୍ଷ ଭାରତ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୧୯୧ ଜଣ ଆରକ୍ଷୀ ପ୍ରାଣବଳି ଦେଇ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ କର୍ତ୍ତବ୍ୟ ସଂପାଦନ କରୁଥିବା ସମୟରେ ସହୀଦ ହୋଇଥିବା ରାୟଗଡ଼ା ଜିଲ୍ଲାର ୨ୟ ଆଇଆରବିଏନର କନେଷ୍ଟବଳ/୪୭୫ ଲକ୍ଷ୍ମଣ ମାଝୀ, ଯୁପିଡ଼ି କଟକର ଓଏପିଏଫ/୩୫୩ ଲୋକନାଥ ଶବରଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଉଭୟଙ୍କ ପରିବାର ବର୍ଗଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ଏହି ପବିତ୍ର ଦିବସରେ ସାମିଲ କରାଯାଇଥିଲା। ଡିଜିପି ଶ୍ରୀ ଖୁରାନିଆ ଶୋକସନ୍ତପ୍ତ ଉଭୟଙ୍କ ପରିବାରବର୍ଗଙ୍କ ସହିତ ଭାବ ବିନିମୟ କରିବା ସହ ସମବେଦନା ଜ୍ଞାନ କରିଥିଲେ। ଉଭୟଙ୍କ ତ୍ୟାଗ ଓ ବଳିଦାନ ରାଜ୍ୟ ପୋଲିସ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଡିଜିପି କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟ ତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଣ୍ଟିନକ୍ସଲଅପରେସନ) ସଂଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଏସକେ ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସଏଫଏସଏଲ) ଡ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଭିଜିଲାନ୍ସ) ଅସୀତ କୁମାର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଂଜୟ କୁମାର, ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାରଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଶହୀଦ ବୀରଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଏସ୍‌ସି-ଏସ୍‌ଟି ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ୧%ରୁ କମ୍

**ଭୁବନେଶ୍ୱର,୨୧।୧୦: ତଥ୍ୟ**

ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପ୍ରତି ଘଟୁଥିବା ବିଭିନ୍ନ କିସମର ଅପରାଧରେ ଓଡିଶାରେ ଦଣ୍ଡବିଧାନ ହାର ୧ ପ୍ରତିଶତ ମଧ୍ୟ ହୋଇପାରୁ ନାହିଁ। ଜାତୀୟ ହାର ଠାରୁ ଏ କ୍ଷେତ୍ରରେ ଓଡିଶା ଢେର ପଛରେ ପଡିଥିବା କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଗତ ସେପ୍ଟେମ୍ବର ମାସରେ ପ୍ରକାଶ ପାଇଥିବା କ୍ରାଇମ୍ ଇନ୍ ଇଣ୍ଡିଆ- ୨୦୨୩ ରିପୋର୍ଟରେ ଏହା ଉଲ୍ଲେଖ ରହିଛି।

ଏସସି ବର୍ଗର ଲୋକଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ୩,୧୧,୯୮୬ ମାମଲା ୨୦୨୩ ବର୍ଷ ସୁଦ୍ଧା ସାରା ଦେଶରେ ବିଚାର ପାଇଁ ରହିଛି। ଉକ୍ତ ବର୍ଷରେ ଏଭଳି ସମ୍ବେଦନଶୀଳ ମାମଲାରେ ଜାତୀୟ ସ୍ତରରେ ଦଣ୍ଡବିଧାନ ହାର ୩୧.୯ ପ୍ରତିଶତ ରହିଛି। ସେହିଭଳି ଏସ୍‌ଟିବର୍ଗର ଲୋକଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ୪୯,୧୮୯ ମାମଲା ୨୦୨୩ ଶେଷସୁଦ୍ଧା ଆମ ଦେଶରେ ବିଚାର ପାଇଁ ଥିବାବେଳେ ଉକ୍ତ ବର୍ଷରେ ଏହି କିସମର ମାମଲାରେ ଜାତୀୟ ସ୍ତରରେ ଦଣ୍ଡ ବିଧାନ ହାର ୨୪.୬ ପ୍ରତିଶତ ରହିଥିବା ନେସନାଲ କ୍ରାଇମ ରେକର୍ଡ ବ୍ୟୁରୋର କ୍ରାଇମ ଇନ୍ ଇଣ୍ଡିଆ- ୨୦୨୩ ରିପୋର୍ଟରେ ଉଲ୍ଲେଖ ଅଛି। ଅନ୍ୟ ପକ୍ଷରେ ଉକ୍ତ ବର୍ଷରେ ଓଡିଶାରେ ଏସସିଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୫୪୬ଟି ଫଏସଲା ହୋଇଥିବାବେଳେ ସେଥିରୁ ମାତ୍ର ୨ଟିରେ ଦଣ୍ଡବିଧାନ ହୋଇଛି। କ୍ରାଇମ ଇନ୍ ଇଣ୍ଡିଆ ରିପୋର୍ଟ ମୁତାବକ ଏ କ୍ଷେତ୍ରରେ ଓଡିଶାରେ ଦଣ୍ଡବିଧାନ ହାର ଉକ୍ତ ବର୍ଷରେ ଥିବା ମାତ୍ର ୦.୪ ପ୍ରତିଶତ। ୨୦୨୩ ଶେଷ ସୁଦ୍ଧା ଓଡିଶାରେ ଏହି କିସମର ୨୧,୨୮୩ଟି ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଏସସିଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାର ଫଏସଲା ହାର ଓଡିଶାରେ ମାତ୍ର ୨.୫ ପ୍ରତିଶତ ରହୁଛି।

ସେହିପରି ଏସଟି ବର୍ଗର ଲୋକଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ୭୧୯୮ଟି ମାମଲା ୨୦୨୩ ବର୍ଷ ସୁଦ୍ଧା ଓଡିଶାରେ ବିଚାର ପାଇଁ ରହିଛି। ଏହି କିସମର ମାମଲାରୁ ବର୍ଷରେ ମାତ୍ର ୧.୫ ପ୍ରତିଶତ ଫଏସଲା ହେଉଥିବା ସରକାରୀ ରିପୋର୍ଟ କହୁଛି। ଏଠାରେ ଉଲ୍ଲେଖନୀୟ ଯେ ଏନସିଆରବିର ସଦ୍ୟ ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ମସିହାରେ ଏହି କିସମର ୧୧୧ଟି ମାମଲା ଓଡିଶାରେ ଫଏସଲା ହୋଇଥିବାବେଳେ ସେଥିରୁ ଗୋଟିକରେ ହେଲେ ବି ଦଣ୍ଡବିଧାନ ହୋଇନାହିଁ ଏବଂ ସମସ୍ତ ୧୧୧ଟି ଯାକ ମାମଲାର ଅଭିଯୁକ୍ତମାନେ ଖଲାସ ହୋଇଯାଇଛନ୍ତି।

ଏସସି ଓ ଏସଟି ବର୍ଗର ଲୋକଙ୍କ ପ୍ରତି ଘଟୁଥିବା ଅପରାଧ ଓ ଅନ୍ୟାନ୍ୟ ନିର୍ଯ୍ୟାତନାର ନିରାକରଣ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ଆଇନମାନ ପ୍ରଣୟନ କରାଯାଇଛି। କେବଳ ସେତିକି ନୁହେଁ, ଜାତିପ୍ରଥା ସମ୍ପୂର୍ଣ୍ଣ ଉଚ୍ଛେଦ ହେଲାବୋଲି ସମ୍ବିଧାନର ୧୭ଧାରାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଏହା ସତ୍ତ୍ୱେ ବି ଏହି ବର୍ଗର ଲୋକଙ୍କ ପ୍ରତି ଅପରାଧ ଓ ଅନ୍ୟାନ୍ୟ ନିର୍ଯାତନା ଘଟି ଚାଲିଛି।

ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହାଛଡା ସରକାରୀ ଚାକିରି କ୍ଷେତ୍ରରେ ମଧ୍ୟ ଜନସଂଖ୍ୟା ଅନୁପାତ ହାରରେ ଏହି ବର୍ଗଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ଅଛି। ପ୍ରଚଳିତ ଆଇନ୍ କାନୁନ୍ ମୁତାବକ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ପ୍ରଥମେ ଅଣସଂରକ୍ଷିତବର୍ଗର ଆସନଗୁଡିକ ଲାଗି ଯୋଗ୍ୟପ୍ରାର୍ଥୀ ଚୟନବେଳେ ସେଥିରେ ବି ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ସଂରକ୍ଷିତବର୍ଗର ପ୍ରାର୍ଥୀମାନଙ୍କୁ ଅଣସଂରକ୍ଷିତ ଆସନରେ ନିଯୁକ୍ତି ଦେବାର ବ୍ୟବସ୍ଥା ଅଛି। ଏହାପରେ ସଂରକ୍ଷିତ ଆସନ ଲାଗି ଯୋଗ୍ୟ ପ୍ରାର୍ଥୀ ଚୟନ କରାଯିବାକଥା। ସୁପ୍ରିମକୋର୍ଟ ଓ ହାଇକୋର୍ଟମାନେ ଏ ପ୍ରସଙ୍ଗରେ ବହୁ ଯୁଗାନ୍ତକାରୀ ରାୟ ଦେଇଥିବା ଏବଂ ସାଧାରଣ ପ୍ରଶାସନ ବିଭାଗ, ଆଇନ୍ ବିଭାଗ ଏବଂ ଏସଟି ଓ ଏସସି ଉନ୍ନୟନ ବିଭାଗ ଏ ସଂକ୍ରାନ୍ତରେ ମାଳ ମାଳ ମାର୍ଗନିର୍ଦ୍ଦେଶିକା ଜାରି କରିଥିଲେ ମଧ୍ୟ ଓଡିଶାରେ ଏହାର ଖୋଲା ଉଲ୍ଲଙ୍ଘନ ହେଉଥିବା ଘେନି ଗୁରୁତର ଅଭିଯୋଗମାନ ଆସୁଛି।

## ପ୍ରଥମ ପୃଷ୍ଠାରୁ...

### ଦୁର୍ନୀତି ରୋକିବାକୁ...

କରିଛି। ଅନ୍ୟପଟେ ଲୋକପାଳର ଏହି ଟେଣ୍ଡର ପରେ ସୋସିଆଲ୍ ମିଡିଆରେ ବିତର୍କ ଆରମ୍ଭ ହୋଇଛି। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ଦୁର୍ନୀତି ବିରୁଦ୍ଧରେ ତଦନ୍ତ କରୁଥିବା ସଂସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଭୂଷଣ କହିଛନ୍ତି ଯେ ଲୋକପାଳର ସଦସ୍ୟଙ୍କୁ କୌଣସି ଘଟଣା ସହ କିଛି ନେଣଦେଣ ନାହିଁ, କେବଳ ନିଜ ସୁବିଧାରେ ହିଁ ଖୁସି ଅଛନ୍ତି। ସେମାନେ ନିଜ ପାଇଁ ୭୦ ଲକ୍ଷ ଟଙ୍କାର ବିଏମଡବ୍ଲ୍ୟୁ କିଣିବାକୁ ଯାଉଛି। ସେ କହିଛନ୍ତି, ଏଥିରେ ଅନେକ ବର୍ଷ ହେଲା ନିଯୁକ୍ତି ହୋଇନଥିଲା ଓ ପରେ ଯେତେବେଳେ ନିଯୁକ୍ତି ହେଲା, ସେତେବେଳେ ନିଜ ଲୋକଙ୍କୁ ବସାଇ ଦେଲେ। ଏବେ ଏମାନେ ନିଜ ଲଗଜରୀ ସହ ଖୁସିରେ ରହିବାକୁ ଚାହୁଁଛନ୍ତି।

ଲୋକପାଳ ହେଉଛି ଏକ ସ୍ୱତନ୍ତ୍ର ସଂସ୍ଥା, ଯାହାକୁ ଲୋକପାଳ ଓ ଲୋକାୟୁକ୍ତ ଅଧିନିୟମ, ୨୦୧୩ ଅଧିନରେ ଗଠନ କରାଯାଇଥିଲା। ଲୋକପାଳ ଆନ୍ଦୋଳନ (୨୦୧୦) ପରେ ଏହାର ଗଠନ କରାଯାଇଛି, ଯାହାର ନେତୃତ୍ୱ ସମାଜସେବୀ ଅନ୍ନା ହଜାରରେ ନେଇଥିଲେ। ବର୍ତ୍ତମାନ ସମୟରେ ସୁପ୍ରିମକୋର୍ଟର ପୂର୍ବତନ ଜଜ୍ ଜଷ୍ଟିସ୍ ମାଣିକରାଓ ଖାନବିଲକର ଏହାର ଅଧକ୍ଷ ଅଛନ୍ତି। ସେହିପରି ଜଷ୍ଟିସ୍ ଏଲ୍.ନାରାୟଣ ସ୍ୱାମୀ, ଜଷ୍ଟିସ୍ ସଞ୍ଜୟ ଯାଦବ, ଜଷ୍ଟିସ୍ ରିତୁ ରାଜ ଅଓ୍ୱସ୍ତି, ପଙ୍କଜ କୁମାର, ସୁଶୀଲ ଚନ୍ଦ୍ରା ଓ ଅଜୟ ତିରକେ ସଦସ୍ୟ ଅଛନ୍ତି। ଲୋକପାଳ ପାଖରେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସାଂସଦ ଓ କେନ୍ଦ୍ର ସରକାରଙ୍କ ଅଧିକାରୀ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ତଦନ୍ତ କରିବା ଅଧିକାର ରହିଛି।

### ପଛକୁ ପଛ...

ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ପ୍ରବଳ ବର୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ସତର୍କ କରିଛନ୍ତି ରାଜ୍ୟ ସରକାର। ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦେଖି ସବୁ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀ କହିଛନ୍ତି, ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ହେବାର ଆକଳନ ହୋଇଛି। ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରୁଛି। କିନ୍ତୁ ଭାରତୀୟ ପାଣିପାଗ ସଂସ୍ଥା କେବଳ ବର୍ଷା ହେବ ବୋଲି ବର୍ତ୍ତମାନ ସୁଦ୍ଧା ଆକଳନ କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ତାକୁ ରେଡ ଆଲର୍ଟରେ ରଖାଯାଇଛି। ଉପକୂଳ ଜିଲ୍ଲାଗୁଡିକୁ ଅରେଞ୍ଜ ଆଲର୍ଟରେ ରଖିଛୁ। ବର୍ଷା ଅଧିକ ପରିମାଣରେ ହେବାର ସମ୍ଭାବନା ଥିବାରୁ ଆମେ ଜିଲ୍ଲା ପ୍ରଶାସନ ଆଲର୍ଟରେ ରଖିଛୁ। ପ୍ରକୋପ ଯଦି ବେଶୀ ହୁଏ ସେଥିପାଇଁ ଆମେ ପ୍ରସ୍ତୁତ କମ ହେଲେ ବି ତାର ମୁକାବିଲା କରାଯିବ।

ଏଣେ ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ। ଏହା ପଶ୍ଚିମ-ଉତ୍ତର ପଶ୍ଚିମକୁ ଦିଗ କରି ଆସନ୍ତାକାଲି ଅବପାତରେ ପରିଣତ ହେବ। ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡକୁ ଗତି କରିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ନାହିଁ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ ଦିନ ଯାଏଁ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବର୍ଷା ସହ ବିଜୁଳି, ଘଡଘଡି ଓ ଝଟକା ପବନ ସମ୍ଭାବନା ରହିଛି।

ଆସନ୍ତାକାଲି ଉପକୂଳବର୍ତ୍ତୀ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ।

### ଦକ୍ଷିଣ କାଳୀଙ୍କ...

ପରିଚୟ ଜଣା ନପଡ଼ିଥିବା ଦୃଷ୍ଟିରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୁଲିସ ତରଫରୁ ଉଭୟ ମୃତକଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଛନ୍ତି।

### ପିଲାଙ୍କ ସହ...

ଦଣ୍ଡବିଧାନ କରାଯିବା ଦରକାର। ଅଗଷ୍ଟ ୨୦୧୯ରେ ଆଇନ ସଂଶୋଧନ ପରେ ଅନୁନ୍ୟ ୨୦ ବର୍ଷ ଦଣ୍ଡ ବ୍ୟବସ୍ଥା କରାଯାଇଛି। ତେବେ ଲୋଅର କୋର୍ଟ ଅଭିଯୁକ୍ତ ପ୍ରତି କରିଥିବା ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଯଥେଷ୍ଟ ବୋଲି ହାଇକୋର୍ଟ ବେଞ୍ଚ କହିଛନ୍ତି।

### କେନ୍ଦ୍ରାପଡ଼ା ଜିଲ୍ଲାରେ...

ରାସ୍ତାଘାଟକୁ ପାଖ ପଡ଼ୋଶୀ ଜିଲ୍ଲାର ରାସ୍ତାଘାଟ ସହିତ ତୁଳନା କଲେ ଯିଏ କେହିବି ବିସ୍ମିତ ହେବା ସ୍ୱାଭାବିକ। ଜିଲ୍ଲାର ଗ୍ରାମାଂଚଳରେ ଥିବା ରାସ୍ତା ଗୁଡ଼ିକର ଅବସ୍ଥା ଯାହା ସେଥିରେ କାମ ଅପେକ୍ଷା ଲୁଟ୍ ଯେ ବହୁ ଅଧିକ ତାହା ଯେକେହିବି ବୁଝିପାରିବେ। ଗ୍ରାମଂଚଳ ରାସ୍ତାରେ ସେହି ପୂର୍ବ ସରକାରଙ୍କ ଲକ୍ଷ୍ମୀ ଗଲାବେଳେ ଅନ୍ୟାନ୍ୟ ଯାନବାହାନ କଥା ଦୂରେ ଥାଉ ଚାଲିକି ଯାଉଥିବା ଲୋକଟିଏ ରାସ୍ତା କଡ଼ରେ ଛିଡା ନହେଲେ ନଚଳେ। ପଡ଼ୋଶୀ ଜଗତସିଂହପୁର ଜିଲ୍ଲାରେ ବ୍ୟାପ୍ତ କଟକ - ପାରାଦ୍ୱୀପ ରାସ୍ତ ବହୁ ଆଗରୁ ହୋଇ ବି ଯେମିତି ଅକ୍ଷୁର୍ଣ୍ଣ ଓ ସୁନ୍ଦର ହୋଇ ରହିଛି ତାହା ସହିତ ଜିଲ୍ଲାର କଟକ-ଚାନ୍ଦବାଲି ରାସ୍ତାକୁ ତୁଳନା କଲେ ଲଜ୍ଜିତ ହେବା ହିଁ ସାର ହେବ। ଯାହା କେବଳ ବିଜେଡ଼ି ବିଧାୟକ, ମନ୍ତ୍ରୀଙ୍କର ସମ୍ପତ୍ତି ଆକାଶଛୁଆଁ ହୋଇଛି। ଅଧିକନ୍ତୁ ବିଜେଡ଼ି ପ୍ରତିକ୍ରୀୟାଶୀଳ ରାଜନୀତିର ପ୍ରୟୋଗରେ ଲୋକଙ୍କ ରାଜନୈତିକ ଚିନ୍ତନ ଓ ପ୍ରତିବାଦୀ ଚେତନାକୁ ଧ୍ୱଂସ କରି ନାହିଁ ନାହିଁ ର ଏହି ଜିଲ୍ଲାରେ ସେମାନଙ୍କୁ ବିଭିନ୍ନ ସରକାରୀ ସ୍କିମ୍‌ରେ ଏଭଳି ନିର୍ଭରଶୀଳ କରାଇଦେଇଥିଲା ଯେ, ସେମାନେ ସେସବୁରୁ ବଂଚିତ ହୋଇଯିବା ଭୟରେ ସରକାରୀ ଦଳ ସହିତ ରହିବାକୁ ହିଁ ପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ ବର୍ଷବର୍ଷ ଧରି ବିଜେଡ଼ି ନେତାଙ୍କ ବ୍ୟବହାର ରେ ଅତିଷ୍ଟ ହୋଇ ରହିଥିବା ଅନେକ ଦଳୀୟ କର୍ମୀ ଦଳ କ୍ଷମତାରୁ ଯିବା ପରେ ଆଉ ନେତାଙ୍କ ପାଖ ମାଡୁ ନାହାଁନ୍ତି। ଇତି ମଧ୍ୟରେ ବିଭିନ୍ନ ଅଂଚଳରୁ ଅନେକ ବିଜେପିକୁ ଚାଲିଗଲେଣି। ମହାକାଳପଡ଼ାରେ ତ ବିଜେଡ଼ିର ଏକ ପ୍ରକାର ଗୁହାଳଧୋଇ ହୋଇ ସାରିଛି। ଆଉ ଯେଉଁ ମାନେ ରହିଯାଇଛନ୍ତି ସେମାନେ ଦ୍ୱନ୍ଦ ଓ ଆଶଙ୍କାରେ ଅଛନ୍ତି। ସେମାନଙ୍କୁ ଦଳୀୟ ନେତାଙ୍କ ନିକଟରେ କେତେବେଳେ କେମିତି ଦେଖିବାକୁ ମିଳୁଛି ସିନା ହେଲେ ବିଜେପି ସାଂସଦ ଓ ଏକମାତ୍ର ବିଧାୟକଙ୍କ ନିକଟରେ ଅଧିକ ଦେଖିବାକୁ ମିଳୁଛି। ଜିଲ୍ଲାରେ ଦଳର ସଂଗଠନ ନାହିଁ। କେବଳ ସଭାପତି ମନୋନୟନ କରାଯାଇଥିଲେ ହେଁ ଆପେ ବଂଚିଲେ ବାପର ନାଁ ନ୍ୟାୟରେ ଦି'ପଇସା ରୋଜଗାର କରିବା ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନଥିବା ଦେଖାଯାଉଛି। ନୂଆପଡ଼ା ନିର୍ବାଚନର ଫଳାଫଳ ଯଦି ଦଳ ସପକ୍ଷରେ ନଆସେ ତେବେ ଜିଲ୍ଲାରେ ଦଳ ଥିବ,ନେତା ବିଧାୟକ ଥିବେ ସତ ହେଲେ କର୍ମୀ ନଥିବେ କି ଲୋକେ ପାଖ ମାଡ଼ିବେନି ବୋଲି କୁହାଯାଉଛି।




# ମାର୍ଶାଘାଇର ବିଭିନ୍ନ ସ୍ଥାନରେ ମା'ଶ୍ୟାମାକାଳୀଙ୍କ ପୂଜା

**ମାର୍ଶାଘାଇ,୨୧।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକର ଶିଳୀପୁର, ମଙ୍ଗରାଜପୁର ପଞ୍ଚାୟତ ମଧୁସୂଦନପୁର ସମେତ ବିଭିନ୍ନ ସ୍ଥାନରେ ମା'ଶ୍ୟାମା କାଳୀ ପୂଜା ଅନୁଷ୍ଠିତ ହେଉଛି। ମଧୁସୂଦନପୁରଠାରେ ୩୭ତମ ମାଙ୍କ ମୃଣୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଶିଳୀପୁର ଠାରେ ମାଙ୍କର ମାଙ୍କର ମୃଣ୍ମୟ ମୂର୍ତ୍ତି ପୂର୍ବରୁ ପୂଜା ପାଉଥିବା ବେଳେ ପ୍ରସ୍ତର ମୂର୍ତ୍ତି ୨୮ ବର୍ଷ ହେବ ପୂଜା ପାଉଛନ୍ତି। ଶିଳୀପୁର ଠାରେ ଅ।ସନ୍ତା।୨୪ ତାରିଖ ପର୍ଯ୍ୟନ୍ତ ଖରାଖାଇ ଡ୍ରାମାଟିକ୍ କ୍ଲବ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଜଣାପଡିଛି। ସେହିପରି ମଧୁସୂଦନ ପୁର ଗ୍ରାମରେ ଶ୍ରୀମା ଅରବିନ୍ଦ କ୍ଲବ୍ ଉକ୍ତ ପୂଜା ଗ୍ରାମର ଯୁବକ ସଂଘ ଓ ମୁରବୀମାନଙ୍କ ବଂଶୀଧର ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ବାଉରୀବନ୍ଧୁ ରାଉତ, ଦୁର୍ଯୋଧନ ଦାସ, ବୀରେନ ରାଉତ,ସରୋଜ କାନ୍ତ ସ୍ୱାଇଁ ଓ ଜଗବନ୍ଧୁ ରାଉତ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଗ୍ରାମବାସୀଙ୍କ ସହାୟତାରେ ୨୫ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରଖିଥିବା ସୂଚନା ଦେଇଛନ୍ତି। ସଂଧାରେ ଶ୍ରଦ୍ଧାଳୁମାନଙ୍କ ଭିଡ ଜମୁଛି।







Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ